


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008




୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ-୩୨ ● ସଂଖ୍ୟା-୨୩୨ ● ୧୯ ସେପ୍ଟେମ୍ବର ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-232 ● 19th September 2025, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27






## ଆରମ୍ଭ ହେଲା ମୌସୁମୀ ଅଧିବେଶନ

# ଦିବଂଗତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ପରେ ଦିନକ ପାଇଁ ଗୃହ ମୁଲତବୀ

**ଭୁବନେଶ୍ୱର, ୧୮।୯**
**ନ୍ୟୁଜ୍ ବ୍ୟୁରୋ**

ସପ୍ତଦଶ ଓଡ଼ିଶା ବିଧାନସଭାର ଚତୁର୍ଥ ତଥା ମୌସୁମୀ ଅଧିବେଶନ ଗୁରୁବାର ଠାରୁ ଆରମ୍ଭ ହୋଇଛି। ଗୁରୁବାର ପ୍ରଥମ ଦିନରେ ଦିବଂଗତ ପୂର୍ବତନ ମନ୍ତ୍ରୀ ତଥା ଚଳିତ ବିଧାନସଭାର ଆସୀନ ସଦସ୍ୟ ରାଜେନ୍ଦ୍ର ଢୋଲକିଆ, ପୂର୍ବତନ ଉପବାଚସ୍ପତି ଓ ରାଷ୍ଟ୍ରମନ୍ତ୍ରୀ ବିଭୂତିଭୂଷଣ ସିଂ ମର୍ଦ୍ଦରାଜ, ପୂର୍ବତନ ସଦସ୍ୟ ପ୍ରସନ୍ନ କୁମାର ପଟ୍ଟନାୟକ, କରେନ୍ଦ୍ର ମାଝୀ, ନିରଞ୍ଜନ ହେମ୍ବ୍ରମ୍, ପ୍ରଫୁଲ୍ଲ କୁମାର ଭଞ୍ଜ, ମହମ୍ମଦ ରଫିକ୍ ଏବଂ ଓଡ଼ିଶା ପୋଲିସ୍‌ର ଯବାନ ଲୋକନାଥ ଶବର ଓ ଦ୍ୱିତୀୟ ଆଇଆର ବାଟାଲିୟନ କନେଷ୍ଟବଲ୍ ଲକ୍ଷ୍ମଣ ମାଝୀଙ୍କ ବିୟୋଗରେ ଗୃହରେ ଆଗତ ଶୋକପ୍ରସ୍ତାବ ଆଲୋଚନା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୈଠକ



ଆରମ୍ଭରେ ବାଚସ୍ପତିଙ୍କ ଅନୁମତିକ୍ରମେ ବିଧିବଦ୍ଧ ଶୋକପ୍ରସ୍ତାବ ଆଗତ କରିଥିଲେ ଏବଂ ଦିବଂଗତଙ୍କ ସ୍ମୃତିଚାରଣ କରିବା ସହ ଅବଦାନ ଉପରେ ଆଲୋକପାତ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅନୁପସ୍ଥିତିରେ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ସିପିଆଇଏମ୍ ବିଧାୟକ ଦଳ ନେତା ଲକ୍ଷ୍ମଣ ମୁଣ୍ଡା ଏବଂ ଶେଷରେ ବାଚସ୍ପତି ସୁରମା ପାଢୀ ଦିବଂଗତ ବିଧାୟକ ଓ ପୂର୍ବତନ ବିଧାୟକଙ୍କ ଉଦ୍ଦେଶ୍ୟରେ ଶୋକବ୍ୟକ୍ତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହା ପରେ ଗୃହରେ ଏକମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଆସୀନ ସଦସ୍ୟ ରାଜେନ୍ଦ୍ର ଢୋଲକିଆ ଓ ପୂର୍ବତନ ଉପବାଚସ୍ପତି ବିଭୂତିଭୂଷଣ ସିଂମର୍ଦ୍ଦରାଜଙ୍କ ସମେତ ଦିବଂଗତଙ୍କ ସମ୍ମାନାର୍ଥେ ବାଚସ୍ପତି ଶ୍ରୀମତୀ ପାଢୀ ଗୁରୁବାର ଦିନକ ପାଇଁ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

ମୌସୁମୀ ଅଧିବେଶନର ପ୍ରଥମ ଦିନରେ ପୂର୍ବାହ୍ନ ୧୧ଟା ପୂର୍ବରୁ ବାଚସ୍ପତି ସୁରମା ପାଢ଼ୀ ବିଧାନସଭା ପରିସରରେ ପହଞ୍ଚିବା ପରେ ତାଙ୍କୁ ରାଜ୍ୟ ସଶସ୍ତ୍ର ପୋଲିସବାହିନୀ ପକ୍ଷରୁ ପୋଲିସ ବାଦ୍ୟ ଧୁନରେ ଅଭିବାଦନ ଦିଆଯିବା ପରେ ଗୃହ ଭିତରେ ଜାତୀୟ ସଂଗୀତ ଗାନ କରାଯାଇଥିଲା। ଏହା ପରେ ୧୧ଟାରେ ଗୃହ କାର୍ଯ୍ୟ ଆରମ୍ଭ କରିଥିଲେ ବାଚସ୍ପତି।

# ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଆହୁରି ସଶକ୍ତ କରିବ

**ଭୁବନେଶ୍ୱର, ୧୮।୯**
**ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ୧ ଲକ୍ଷ ୬୩ ହଜାର ୭୫୭ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଆକାଉଣ୍ଟକୁ ବ୍ୟାଙ୍କ ଋଣ ଫେରସ୍ତ ବାବଦକୁ ୧୧୦ କୋଟି ୯୭ ଲକ୍ଷ ୫୮ ହଜାର ୮୬୦ ଟଙ୍କା ଆର୍ଥିକ ଅନୁଦାନ ପ୍ରେରଣ କରାଯାଇଛି। ଏଥି ସହ ମିଶନ ଶକ୍ତି ବିଭାଗ ଏଫ୍ଆଇସିଏସ୍ଆଇ, ଟିଏସ୍ଏସ୍ସି, ଜିଜେଏସ୍ସିଆଇ ଏବଂ ଏନ୍‌ସିଡବ୍ଲ୍ୟୁ ମଧ୍ୟରେ ୪ଟି ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ଏହା ସ୍ୱୟଂ ସହାୟକ ଗୋଷ୍ଠୀ ଉଦ୍ୟୋଗକୁ ଆହୁରି ପ୍ରୋତ୍ସାହନ ଯୋଗାଇବ ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଗୁରୁବାର ମିଶନ ଶକ୍ତି ବୁଝାମଣା ପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ମତ ପ୍ରକାଶ କରିଛନ୍ତି।

ଏହି ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଗଦର୍ଶନରେ ତୃଣମୂଳସ୍ତରରେ ମହିଳା ନେତୃତ୍ୱାଧୀନ ଉଦ୍ୟୋଗ ସୃଷ୍ଟି କରିବା ପାଇଁ ମିଶନ ଶକ୍ତି ବିଭାଗ ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି । ଓଡ଼ିଶା ଆଦିବାସୀଙ୍କର ନିଆରା ପାରମ୍ପରିକ କଳା ଓ କୌଶଳ ଉପରେ ଗୁରୁତ୍ୱ ଦେବା ସହ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଓଡ଼ିଶାରେ ଲକ୍ଷପତି ଦିଦିଙ୍କ ସଂଖ୍ୟା ବୃଦ୍ଧି କରାଯିବ ବୋଲି ସେ ମତ ପ୍ରକାଶ କରିଥିଲେ ।



ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ପାଇଁ ମିଶନ ଶକ୍ତି ବିଭାଗ, ଏଫ୍ଆଇସିଏସ୍ଆଇ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୧୦ ହଜାର ସ୍ୱୟଂ-ସହାୟକ ଗୋଷ୍ଠୀଙ୍କୁ ଫଳରସ ପ୍ରକ୍ରିୟାକରଣ , ମସଲା ପ୍ରକ୍ରିୟାକରଣ , ତୈଳ ପ୍ରସ୍ତୁତିକରଣ , ବହୁବିଧ କୌଶଳ କାରିଗରୀ, ଫଳ ଓ ପନିପରିବା ନିର୍ଜଳୀକରଣର ଆବାସିକ ପ୍ରଶିକ୍ଷଣ ପ୍ରଦାନ କରାଯିବ ।

ପୁନଶ୍ଚ, ମିଶନ ଶକ୍ତି ବିଭାଗ ଟିଏସ୍ଏସ୍ସି ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି । ପ୍ରୟୋଗାତ୍ମକ ପ୍ରକଳ୍ପ ମାଧ୍ୟମରେ ପ୍ରଥମେ କଟକ ଜିଲ୍ଲାର ୩୦ଟି ଗ୍ରାମ ପଞ୍ଚାୟତରେ ୬୦ ଜଣ ମହିଳାଙ୍କୁ ମୋବାଇଲ ହାଣ୍ଡସେଟ ମରାମତି କାର୍ଯ୍ୟ ବିଷୟରେ ପ୍ରଶିକ୍ଷଣ ଦିଆଯିବ । ତୃଣମୂଳସ୍ତରରେ ଗ୍ରାମ ପଞ୍ଚାୟତରେ ମହିଳାମାନଙ୍କ ନେତୃତ୍ୱରେ ଅଣୁ ଉଦ୍ୟୋଗ ସୃଷ୍ଟି କରିବା ଏହାର ଲକ୍ଷ୍ୟ । ଏହି ପାଇଲଟ ପ୍ରୋଜେକ୍ଟ ସଫଳ ହେଲେ ଏହାକୁ ସମଗ୍ର ରାଜ୍ୟରେ ଲାଗୁ କରାଯିବ ।

ମିଶନ ଶକ୍ତି ବିଭାଗ ଜିଜେଏସ୍ସିଆଇ ସହ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି । ୧୪୪୦ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ତାରକସି ନିର୍ମାଣ କଳାରେ ପ୍ରଶିକ୍ଷିତ କରାଯିବା ସହ ଇ-କମରସ୍ ସାଇଟ ଓ ବଜାରର ସଂଯୋଗ କରାଯିବ ।

ମିଶନ ଶକ୍ତି ବିଭାଗ ଗୁରୁବାର ଜାତୀୟ ମହିଳା ଆୟୋଗଙ୍କ ସହିତ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପାଇଁ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଅଛନ୍ତି । ପ୍ରୟୋଗାତ୍ମକ ଭାବରେ ରାଜ୍ୟର ୫ଟି ଜିଲ୍ଲାରେ ୧୮- ୪୦ ବୟସର ସମସ୍ତ ସ୍ୱୟଂ-ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଏହି ପ୍ରଶିକ୍ଷଣ ପ୍ରଦାନ କରାଯିବ । ମହିଳାମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ମହିଳା ସୁରକ୍ଷା ପ୍ରତି ସଚେତନତା ଓ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ଫ୍ରାନ୍ସରେ ସରକାରୀ ବଜେଟ୍ କମାଇବାକୁ ବିରୋଧ କରି ଦେଶବ୍ୟାପୀ ହରତାଳ : ୧୪୧ ଲୋକ ଗିରଫ।
- ଭାରତ ୨୪-୨୫ ସେପ୍ଟେମ୍ବରରେ ବଙ୍ଗୋପସାଗରରେ ମିସାଇଲ୍ ପରୀକ୍ଷା ପାଇଁ ଅଧିସୂଚନା ଜାରି କଲା।
- ପୀୟୂଷ ଗୋଏଲ ୨ ଦିନର ସରକାରୀ ଯାତ୍ରାରେ ସଂଯୁକ୍ତ ଆରବ ଏମିରେଟସ୍‌କୁ ଯାଇଥିଲେ।
- ପୁରୁଣା ଦୁର୍ଗାପୂଜା କମିଟିମାନଙ୍କୁ ସାହାଯ୍ୟ ପାଇଁ ରାଜ୍ୟ ସରକାରଙ୍କ ଆର୍ଥିକ ସମର୍ଥନ ଯୋଜନା।
- ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରୁ ବସ୍ତିବାସୀଙ୍କୁ ହଟାଇ ଘର ବଣ୍ଟନ କରାଯିବ।

# ଭାରତର ଅଭିବୃଦ୍ଧି କାହାଣୀ ଅଧିକ ଆତ୍ମବିଶ୍ୱାସ ସହିତ ଗତି ପାଉଛି

**ନୂଆଦିଲ୍ଲୀ, ୧୮।୯**

ଗୁରୁବାର ଦିନ ନୂଆଦିଲ୍ଲୀରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପବ୍ଲିକ୍ ଆଫେୟାର୍ସ ଫୋରମ୍ ଅଫ୍ ଇଣ୍ଡିଆର ଦ୍ୱାଦଶ ବାର୍ଷିକ ଫୋରମ୍ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ ଭାରତର ଅଭିବୃଦ୍ଧି କାହାଣୀ ଜାରି ରହିଛି ଏବଂ ଅଧିକ ଆତ୍ମବିଶ୍ୱାସ ସହିତ ଗତି ପାଉଛି।

କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ ଭାରତ ଆଜି ଏକ ନିର୍ଭରଯୋଗ୍ୟ ବିଶ୍ୱ ସହଯୋଗୀ ଭାବରେ



ଉଭା ହୋଇଛି। ଏହି ବୃଦ୍ଧି ନିୟନ୍ତ୍ରଣମୁକ୍ତି, ଡିଜିଟାଲାଇଜେସନ୍ ଏବଂ ନିବେଶ ସୁବିଧା ଭଳି ବ୍ୟାପକ ନୀତିଗତ ସଂସ୍କାର ଦ୍ୱାରା ପରିଚାଳିତ।

ମନ୍ତ୍ରୀ ବିଭିନ୍ନ କ୍ଷେତ୍ରରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ସେ ସୂଚନା ଦେଇଥିଲେ ଯେ ଆହୁରି ଦୁଇଟି ସେମିକଣ୍ଡକ୍ଟର ପ୍ଲାଣ୍ଟ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବ, ଯାହା ବିଶ୍ୱ ଚିପ୍ ଉତ୍ପାଦନ ଇକୋସିଷ୍ଟମରେ ଭାରତର ସ୍ଥିତିକୁ ଆହୁରି ମଜଭୁତ କରିବ।

ଭିତ୍ତିଭୂମିର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଆଲୋଚନା କରି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରେଳବାଇରେ *(ପୃଷ୍ଠା ୭ରେ)*

# ସୁରକ୍ଷାକର୍ମୀ-ମାଓବାଦୀ ଗୁଳିବିନିମୟ : ଏସ୍‌ଓଜି ଯବାନ ଗୁରୁତର

**ଭଞ୍ଜନଗର, ୧୮।୯**
**ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାର ସୀମାରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁରୁବାର ଅପରାହ୍ନରେ ଗୁଳିବିନିମୟ ହୋଇଛି। ଏଥିରେ ଜଣେ ଏସ୍‌ଓଜି ଯବାନ ଆହତ ହୋଇଛନ୍ତି। ଗୁରୁତର ଏସ୍‌ଓଜି ହେଲେ ପ୍ରେମସିଂହ ମାଝୀ।

ତେବେ ମାଓବାଦୀମାନଙ୍କୁ ଦେଖି ଯବାନମାନେ ଗୁଳି *(ପୃଷ୍ଠା ୭ରେ)*

## ଏନକାଉଣ୍ଟରରେ ମହିଳା ମାଓବାଦୀ ନିହତ

**ମାଲକାନଗିରି, ୧୮।୯ : ନ୍ୟୁଜ୍ ବ୍ୟୁରୋ**

ଜଣେ କ୍ୟାଡର ମହିଳା ମାଓବାଦୀର ମୃତ୍ୟୁ ହୋଇଛି। ଏହି ମହିଳା ମାଓବାଦୀ ନାମରେ ସରକାର ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ସୁକମା ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା ଯେ ଗାଦିରାସ ଥାନା ଅନ୍ତର୍ଗତ ଗୁଫଡି ଏବଂ ପେରମପାରା ମଧ୍ୟ ଜଙ୍ଗଲରେ ନକ୍ସଲ କ୍ୟାମ୍ପ କରି ରହିଛନ୍ତି। ତୁରନ୍ତ ଜିଲ୍ଲା ପୁଲିସ ସମେତ ଡିଆରଜି ଯବାନ ସର୍ଚ୍ଚ ଅପରେସନ ପାଇଁ ସେହି ଅଂଚଳକୁ ଗସ୍ତ କରିଥିଲେ। ଗୁରୁବାର ସକାଳୁ *(ପୃଷ୍ଠା ୭ରେ)*

# ସରକାରଙ୍କ ବିରୋଧରେ କଂଗ୍ରେସ ଆଣିଲା ଅନାସ୍ଥା ପ୍ରସ୍ତାବ
## ଲୋଡିଲା ବିଜେଡ଼ିର ସମର୍ଥନ

**ଭୁବନେଶ୍ୱର, ୧୮।୯**
**ନ୍ୟୁଜ୍ ବ୍ୟୁରୋ**

ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଚାଲିଥିବା ବିଜେପି ସରକାରଙ୍କ ବିରୋଧରେ କଂଗ୍ରେସ ପକ୍ଷରୁ ଅନସ୍ଥା ପ୍ରସ୍ତାବ ନୋଟିସ୍ ଦିଆଯାଇଛି। ବାଚସ୍ପତିଙ୍କ ଉଦ୍ଦେଶ୍ୟରେ ଲିଖିତ ଅନାସ୍ଥା ପ୍ରସ୍ତାବ ନୋଟିସ୍‌ରେ କଂଗ୍ରେସର ୧୪ଜଣ ବିଧାୟକ ଦସ୍ତଖତ କରିଛନ୍ତି। ଗୁରୁବାର ବିଧାନସଭାର ମୌସୁମୀ ଅଧିବେଶନର ପ୍ରଥମ ଦିନରେ ଦିବଂଗତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଗୃହ ମୁଲତବୀ ପରେ କଂଗ୍ରେସ ପକ୍ଷରୁ ଏହି ଅନାସ୍ଥା ପ୍ରସ୍ତାବ ନୋଟିସ୍ ବିଧାନସଭା ସଚିବଙ୍କୁ ପ୍ରଦାନ କରାଯାଇଛି। ଏହା ପରେ କଂଗ୍ରେସ ଏହି ପ୍ରସଙ୍ଗରେ ମୁଖ୍ୟ ବିରୋଧୀ ଦଳ ବିଜେଡ଼ିର ସମର୍ଥନ ଲୋଡିଛି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବିଧାୟକ ତାରାପ୍ରସାଦ ବାହିନୀପତି, ସିଏସ୍ ରାଜନ ଏକ୍କା ଏବଂ ବିଧାୟିକା ସୋଫିଆ ଫିର୍ଦ୍ଦୋସ ମିଳିତ ଭାବେ *(ପୃଷ୍ଠା ୭ରେ)*

# ସ୍ଥାୟୀ, ସୁସ୍ଥ ଏବଂ ପାରମ୍ପରିକ ଖାଦ୍ୟ ବ୍ୟବସ୍ଥାକୁ ପ୍ରାଥମିକତା

**ନୂଆଦିଲ୍ଲୀ, ୧୮।୯**

ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ, ଭାରତୀୟ କୃଷି ଗବେଷଣା ପରିଷଦ ସହିତ ସହଭାଗୀତାରେ, ସେପ୍ଟେମ୍ବର ୧୬, ୨୦୨୫ ରେ ନୂଆଦିଲ୍ଲୀରେ 'ପରିବର୍ତ୍ତନଶୀଳ ବିଶ୍ୱ ପାଇଁ ଖାଦ୍ୟ ନୀତି: ଦକ୍ଷିଣ ଏସିଆ ପାଇଁ ପ୍ରାଥମିକତା' ଶୀର୍ଷକ ଏକ ଉଚ୍ଚସ୍ତରୀୟ ଆଞ୍ଚଳିକ ନୀତି ଆଲୋଚନା ଅନୁଷ୍ଠିତ ହୋଇସାରିଛି। ଏହି କାର୍ଯ୍ୟକ୍ରମରେ ଆଇଏଫ୍‌ପିଆରଆଇ ୨୦୨୫ ବିଶ୍ୱ ଖାଦ୍ୟ ନୀତି ରିପୋର୍ଟର ଦକ୍ଷିଣ ଏସିଆ ଶୁଭାରମ୍ଭ ମଧ୍ୟ ହୋଇଥିଲା। ଜଳବାୟୁ ପରିବର୍ତ୍ତନ, କୁପୋଷଣ ଏବଂ ଜନସଂଖ୍ୟାଗତ ପରିବର୍ତ୍ତନର ବର୍ଦ୍ଧିତ ଚାପ ମଧ୍ୟରେ ଦକ୍ଷିଣ ଏସିଆ କିପରି ସ୍ଥିର, ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ଖାଦ୍ୟ ବ୍ୟବସ୍ଥା ସୁରକ୍ଷିତ କରିପାରିବ ସେ ବିଷୟରେ ଆଲୋଚନା ହୋଇଥିଲା । ବରିଷ୍ଠ ନୀତି ନିର୍ଦ୍ଧାରକ, ଗବେଷକ ଏବଂ ବିକାଶର ଅଂଶୀଦାରମାନେ ଏକତ୍ରିତ ହୋଇଥିଲେ।

ମୁଖ୍ୟ ଅତିଥି, ଭାରତର ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ପ୍ରଫେସର ଏସ୍. ମହେନ୍ଦ୍ର ଦେବ ଅଂଶଗ୍ରହଣକାରୀମାନଙ୍କୁ ମନେ ପକାଇ ଦେଇଥିଲେ ଯେ ଖାଦ୍ୟ ବ୍ୟବସ୍ଥା ପାରମ୍ପରିକ ପ୍ରାଥମିକତାକୁ ଭୁଲିପାରିବ ନାହିଁ: ସରକାର ଏବଂ ଘରୋଇ କ୍ଷେତ୍ରକୁ ସୁଲଭ, ସୁସ୍ଥ ଏବଂ ବିବିଧ ଖାଦ୍ୟ ପ୍ରଦାନ କରୁଥିବା ଖାଦ୍ୟ ବ୍ୟବସ୍ଥାକୁ ପୁଣିଥରେ ଆପଣାଇ ଏକାଠି କାମ କରିବାକୁ ପଡିବ।'

ନିତି ଆୟୋଗର ସଦସ୍ୟ ଡ ବିନୋଦ କେ. ପଲ ପ୍ରାରମ୍ଭିକ ହସ୍ତକ୍ଷେପ ଉପରେ ଗୁରୁତ୍ୱାରୋପ କରି *(ପୃଷ୍ଠା ୭ରେ)*

## ଦୁର୍ଘଟଣାରେ ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

**ଭୁବନେଶ୍ୱର, ୧୮।୯ : ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଗଜବାହାଲ ଅଞ୍ଚଳର ପଞ୍ଚଦେବ ଭୋଇ (ପିତା- ଟିକେଶ୍ୱର ଭୋଇ) ଙ୍କର ଏକ ଦୁଃଖଦ ଦୁର୍ଘଟଣାରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୧୧୭ (-୫୪)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୧୯୦ (-୫୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୮,୩୩୮ (-୪୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୧୪୧ (-୧)

## ଏକାଳ ପଖାଳ



ଆସ୍ଥା ନାହିଁ କି ବିଶ୍ୱାସ ନାହିଁ
ଇଏ ବିରୋଧୀଙ୍କ କଥା
ଦିନରେ ସପନ ନେଇଁ ଦେଖୁଥାନ୍ତି
ହୃଦୟେ କିନ୍ତୁ ଯେ ବ୍ୟଥା
ଆଉ ଅଛି କି ପନ୍ଥା
ରଡି ଛାଡି ଛାଡି ଦିନ କାଟୁଥିବେ
ପିଟି ଦେଉଥାନ୍ତି ମଥା !

# ନଭେମ୍ବର ଶେଷ ସୁଦ୍ଧା ଭାରତ ଉପରୁ ଅତିରିକ୍ତ ଶୁଳ୍କ ପ୍ରତ୍ୟାହାର କରିପାରେ ଆମେରିକା !



**ନୂଆଦିଲ୍ଲୀ, ୧୮।୯**

ରୁଷଠାରୁ ତୈଳ କିଣିବା ପ୍ରସଂଗ ନେଇ ଭାରତ ଉପରେ ଅଗଷ୍ଟ ୨୭ ତାରିଖରୁ ଅତିରିକ୍ତ ଶୁଳ୍କ ଲାଗୁ କରିଛି ଆମେରିକା। ରୁଷ ସହ ଭାରତର ଭଲ ସଂପର୍କ ପାଇଁ ଏହା ଆମେରିକାର ପ୍ରତିଶୋଧାତ୍ମକ ପଦକ୍ଷେପ। ତେବେ ଏବେ ଜାଣିବାକୁ ମିଳୁଛି କି ଆମେରିକା ଭାରତ ଉପରେ ଲଗାଇଥିବା ସେହି ଦଣ୍ଡକୁ ପ୍ରତ୍ୟାହାର କରିବାକୁ ଚିନ୍ତା କରୁଛି।

ଆମେରିକାର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ ଗୁରୁବାର କହିଛନ୍ତି ଯେ ଆମେରିକା ନଭେମ୍ବର ୩୦ ତାରିଖ ପରେ ଭାରତୀୟ ଆମଦାନୀ ଉପରେ ଲାଗୁ ହୋଇଥିବା ୨୫ ପ୍ରତିଶତ ଦଣ୍ଡ ଶୁଳ୍କକୁ ପ୍ରତ୍ୟାହାର କରିପାରେ। ସେ ଆଶା ପ୍ରକାଶ କରିଛନ୍ତି କି ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ସମ୍ପର୍କରେ ଯଥେଷ୍ଟ ଉନ୍ନତି ହେବ। ଭାରତ ଉପରେ ଅତିରିକ୍ତ ଶୁଳ୍କ ଆମେରିକା ଲଗାଇବା ପରେ ବି ସାମ୍ପ୍ରତିକ ସମୟରେ ସୋସିଆଲ ମିଡିଆ ଏବଂ ଫୋନ୍ କଲ୍ ମାଧ୍ୟମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ସକାରାତ୍ମକ ଆଲୋଚନା ହୋଇଛି।

କୋଲକାତାରେ ମର୍ଚ୍ଚାଣ୍ଟସ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ *(ପୃଷ୍ଠା ୭ରେ)*

# ୫ ଦିନ ଯାଏଁ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୮।୯**
**ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ଭୁବନେଶ୍ୱର କେନ୍ଦ୍ର ଗୁରୁବାର ଓଡ଼ିଶାରେ ଆଗାମୀ ପାଞ୍ଚ ଦିନି ବର୍ଷା ହେବା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ସେପ୍ଟେମ୍ବର ୨୩ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘଡ଼ଘଡ଼ି ସହ ବିଜୁଳି ଓ ୩୦-୪୦ କିମି ପ୍ରତି ଘଣ୍ଟା ବେଗରେ ପବନ ହେବାର ସମ୍ଭାବନା ରହିଛି।

ଶୁକ୍ରବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ବରଗଡ଼ରେ ବିଜୁଳି ସହ



ଘଡ଼ଘଡ଼ି ସମ୍ଭାବନା ରହିଛି।

ଶନିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ ଓ କେନ୍ଦୁଝର ବର୍ଷା ବିଜୁଳି ସହ ଘଡ଼ଘଡ଼ି ସମ୍ଭାବନା ରହିଛି।

ରବିବାର ଏବଂ ସୋମବାର ଉପରୋକ୍ତ ଜିଲା ସହ ଢେଙ୍କାନାଳ, *(ପୃଷ୍ଠା ୭ରେ)*

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ସେପ୍ଟେମ୍ବର ୨୦୨୫ ଶୁକ୍ରବାର





# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଟାଟା ଷ୍ଟିଲ୍‌କୁ ଷ୍ଟାର୍ ନିଯୁକ୍ତିଦାତା ସମ୍ମାନ ପ୍ରଦାନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଟାଟା ଷ୍ଟିଲ୍‌କୁ ରାଜ୍ୟର ଅନ୍ୟତମ ଷ୍ଟାର୍ ଏମ୍ପ୍ଲୟର (ତାରକା ନିଯୁକ୍ତିଦାତା) ଭାବେ ସମ୍ମାନିତ କରିଛନ୍ତି । ଭୁବନେଶ୍ୱରରେ ଆୟୋଜିତ ୨୭ ନୂତନ ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ସମାରୋହ ଅବସରରେ ମୁଖ୍ୟମନ୍ତ୍ରୀ କମ୍ପାନୀକୁ ଏହି ସମ୍ମାନ ପ୍ରଦାନ କରିଛନ୍ତି । ଟାଟା ଷ୍ଟିଲ୍ କଳିଙ୍ଗନଗରର ହ୍ୟୁମାନ୍ ରିସୋର୍ସେସ (ମାନବ ସମ୍ବଳ) ବିଜ୍‌ନେସ୍ ପାର୍ଟନର-ଇସ୍ପାତ ମୁଖ୍ୟ ଯଶୋବନ୍ତ କୁମାର ପାଣ୍ଡେ ଏବଂ ଟାଟା ଷ୍ଟିଲ୍ କଳିଙ୍ଗନଗର ୱାରକର୍ସ ୟୁନିଅନ୍‌ର ସଭାପତି ରବୀନ୍ଦ୍ର କୁମାର ଜାମୁଦା ମୁଖ୍ୟମନ୍ତ୍ରୀଙ୍କ ଠାରୁ ପ୍ରଶଂସାପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ। ସୂଚନା ଥାଉକି, ରାଜ୍ୟରେ ଏଯାବତ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ କରି ଟାଟା ଷ୍ଟିଲ୍ ଓଡ଼ିଶାକୁ ଏହାର ସର୍ବବୃହତ ନିବେଶସ୍ଥଳ ଭାବେ ପରିଣତ କରିଛି। କମ୍ପାନୀ ପକ୍ଷରୁ ରାଜ୍ୟରେ ମୋଟ୍ ୧୬,୮୩୩ ଜଣଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ କରାଯାଇଛି ଯାହାର ଶତକଡ଼ା ୫୫ ଭାଗରୁ ଉର୍ଦ୍ଧ୍ୱ ଓଡ଼ିଶା ବାସିନ୍ଦା ରହିଛନ୍ତି । ଯାଜପୁର ଜିଲ୍ଲା କଳିଙ୍ଗନଗରରେ କମ୍ପାନୀର (ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ ସମେତ) ଦୁଇଟି ଏବଂ ଢେଙ୍କାନାଳର ମେରାମଣ୍ଡଳୀରେ ଗୋଟିଏ ପ୍ରମୁଖ ସମନ୍ୱିତ ଇସ୍ପାତ କାରଖାନା ରହିଛି। ଏଥିସହ ରାଜ୍ୟର ବିଭିନ୍ନ ଅଞ୍ଚଳରେ କମ୍ପାନୀ ଏହାର ଖଣି କାର୍ଯ୍ୟ ଏବଂ ଫେରୋ ଆଲଏଜ କାରଖାନା ପରିଚାଳନା କରୁଛି। ଗତବର୍ଷ କଳିଙ୍ଗନଗରରେ ଏହାର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣରେ ୨୭,୦୦୦ କୋଟି ଟଙ୍କା ନିବେଶ କରି ଟାଟା ଷ୍ଟିଲ୍ ଭାରତର ସବୁଠାରୁ ବଡ ବ୍ଲାଷ୍ଟ ଫର୍ନେସକୁ ସଫଳତାର ସହିତ କାର୍ଯ୍ୟକ୍ଷମ କରିଛି। ଏହାଦ୍ୱାରା କାରଖାନାର ମୋଟ୍ ଉତ୍ପାଦନ କ୍ଷମତା ବାର୍ଷିକ ୩ ନିୟୁତ ଟନ୍ (ଏମ୍‌ଟିପିଏ)ରୁ ବୃଦ୍ଧି ପାଇ ୮ ଏମ୍‌ଟିପିଏ ହୋଇଛି। କମ୍ପାନୀର ସିଏସ୍‌ଆର୍ ଶାଖା ଟାଟାଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷରେ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବନଜୀବିକା, ଲିଙ୍ଗଗତ ଏବଂ ସାମାଜିକ ଉଦ୍ୟୋଗ, ଭିତ୍ତିଭୂମି ଏବଂ ଆଦିବାସୀଙ୍କ ଉନ୍ନୟନ କ୍ଷେତ୍ରରେ ବିନିଯୋଗ କରାଯାଇ ରାଜ୍ୟର ୮ ଜିଲ୍ଲାର ୨୭ଟି ବ୍ଲକର ୨.୯ ନିୟୁତ ଲୋକଙ୍କ ଜୀବନରେ ସକରାତ୍ମକ ପରିବର୍ତ୍ତନ ଅଣାଯାଇପାରିଛି।



# ଯାଜପୁର ରୋଡ଼ ପୋଲିସ ଦ୍ୱାରା ବ୍ରାଉନ୍ ସୁଗାର ଜବତ:ମାଫିଆ ଗିରଫ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାରେ ବ୍ରାଉନ ସୁଗାର ବିକ୍ରି ଦିନକୁ ଦିନ ବୃଦ୍ଧି ପାଉଛି । ସମଗ୍ର ଜିଲ୍ଲାରେ ବ୍ରାଉନ୍ ସୁଗାରର ଭୂସ୍ୱର୍ଗ ପାଲିଟିଛି । ଏବେ ଯାଜପୁର ରୋଡ ଅଞ୍ଚଳରେ ବ୍ରାଉନ୍ ସୁଗାର ମାଫିଆକୁ ପୋଲିସ ଗିରଫ କରିଛି । ପୋଲିସ ବ୍ରାଉନ୍ ସୁଗାର ବିକ୍ରି ସ୍ଥାନକୁ ଚଢ଼ଉ କରି ଧରୁଛି। ଗତ୧୪ ତାରିଖ ଦିନ ଯାଜପୁର ରୋଡ଼ ପୋଲିସ ବ୍ରାଉନ୍ ସୁଗାର ବିକୁଥିବା ଅଭିଯୋଗରେ ଜଣେ ଅଭିଯୁକ୍ତ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ନିକଟରୁ ପୋଲିସ ୧୦ ଗ୍ରାମ ବ୍ରାଉନ୍ ସୁଗାରର ଜବତ କରିଛି ଯାହାର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ । ଏହା ସହ ଗୋଟିଏ ସ୍କୁଟି, ଗୋଟିଏ ଭିଭୋ ମୋବାଇଲ୍ ଓ ୯୦୦ ଟଙ୍କା ଜବତ ହୋଇଛି । ଅଭିଯୁକ୍ତ ଜଣକ ହେଲେ ଏହି ଥାନା ଅନ୍ତର୍ଗତ ମୁଣ୍ଡମାଳ ଡାହିସାହିର ଦୈତାରୀ ମହାକୁଡ଼ (୩୮) । ସୂଚନା ମୁତାବକ ମଙ୍ଗଳବାର ଅପରାହ୍ନରେ ଯାଜପୁର ପୋଲିସ ଅଧିକାରୀ ଅସିତ କୁମାର ସାହୁ ବିଶେଷ ସୂତ୍ରରୁ ଖବରପାଇ ବ୍ୟାସନଗର ସାଇ ମନ୍ଦିର ନିକଟ ସୁଇପର ସାହିରେ ଚଢଉ କରିଥିଲେ । ଆସାମୀ ବ୍ରାଉନ୍ ସୁଗାର ବିକ୍ରି କରୁଥିବା ଅବସ୍ଥାରେ ଦୈତାରୀକୁ ଗିରଫ କରି ଯାଜପୁର ରୋଡଥାନା କେଶ୍ ନଂ ୫୨୫/୨୫ ଏକ ମକଦ୍ଦମା ରୁଜୁ କରାଯାଇ ଆସାମୀକୁ ଗିରଫ କରାଯାଇ ଯାଜପୁର ରୋଡ କୋର୍ଟକୁ ଚାଲାଣ କରାଯାଇଛି । ମାଜିଷ୍ଟ୍ରେଟ ଜାମିନି ନାମଞ୍ଜୁର କରି ରଗଡି ଜେଲ୍‌କୁ ପଠାଇ ଦେଇଛନ୍ତି ।





# ସ୍ୱଚ୍ଛତା ଓ ପରିମଳ ବଜାୟ ରଖିବାରେ ସାମୂହିକ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ୨୦୨୫-ସ୍ୱଚ୍ଛ ଉତ୍ସବର ଜିଲ୍ଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ମନ୍ଦରଧର ମହାଲିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଅତିରିକ୍ତ ନିର୍ବାହୀ ଅଧିକାରୀ ଶୁଭଦର୍ଶୀ ଯୋଶୀ, ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ପରିଡ଼ା, ଅଭିଳାଷ ପୁରୋହିତ, ସହକାରୀ ଜିଲ୍ଲାପାଳ ସରୋଜ ମଲ୍ଲିକ୍, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ ନାଏକଙ୍କ ସମେତ କଲେକ୍ଟୋରେଟ୍, ଜିଲ୍ଲା ପରିଷଦ, କେନ୍ଦୁଝରଗଡ଼ ପୌରପାଳିକା ଏବଂ ସଦର ବ୍ଲକର ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ। ବହୁ ସଂଖ୍ୟକ ସ୍ୱଚ୍ଛ ସାଥୀ, ଗଣମାଧ୍ୟମ ପ୍ରତିନିଧି ଏବଂ ଅନ୍ୟାନ୍ୟ ଅଂଶୀଦାରମାନେ ମଧ୍ୟ ଏହି ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଏକ ଦସ୍ତଖତ ଅଭିଯାନ ଏବଂ ସଚେତନତା ପ୍ରସାର ଏବଂ ଜନସାଧାରଣଙ୍କୁ ଆନ୍ଦୋଳନରେ ସାମିଲ୍ କରିବା ପାଇଁ ଏକ ସେଲ୍ଫି ପଏଣ୍ଟ ସହ ଫୋଟୋ ଉତ୍ତୋଳନ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକଳାପ କରାଯାଇଥିଲା। ଏହି ଅବସରରେ, ଅଧିକାରୀମାନେ ସ୍ୱଚ୍ଛତା ଏବଂ ପରିମଳ ବଜାୟ ରଖିବାରେ ସାମୂହିକ ଦାୟିତ୍ୱର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ 'ସ୍ୱଚ୍ଛତା ଏକ ଦିନର କାର୍ଯ୍ୟକଳାପ ନୁହେଁ ବରଂ ଜୀବନର ଏକ ଉପାୟ।' ନିରନ୍ତର ଜନସାଧାରଣଙ୍କ ଅଂଶଗ୍ରହଣ ମାଧ୍ୟମରେ ଏକ ସ୍ୱଚ୍ଛ ଏବଂ ସୁସ୍ଥ ପରିବେଶ ଗଠନ କରିବା ଲକ୍ଷ୍ୟରେ 'ସ୍ୱଚ୍ଛତା ହିଁ ସେବା' ଆଦର୍ଶ ପ୍ରତି ଜିଲ୍ଲାର ପ୍ରତିବଦ୍ଧତାକୁ ଦୋହରାଇ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ଲାଞ୍ଚ ନେଇ ଜୁନିୟର ଆସିଷ୍ଟାଣ୍ଟ ଓ ପିଅନ ଗିରଫ



**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ରେଙ୍ଗାଲି ବ୍ଲକ୍ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ଜୁନିୟର ଆସିଷ୍ଟାଣ୍ଟ ଦୁଷ୍ମନ୍ତ କୁମାର ସାହୁ ଓ ସେହି କାର୍ଯ୍ୟାଳୟର ପିଅନ୍ ଗୋପବନ୍ଧୁ ସାହୁଙ୍କୁ ଓଡ଼ିଶା ଭିଜିଲାନ୍ସ ଦଳ ଲାଞ୍ଚ ନେବାବେଳେ ଧରିଛନ୍ତି । ଅଭିଯୋଗ ଅନୁସାରେ, ଦୁଷ୍ମନ୍ତ ସାହୁ ସରକାରୀ କର୍ମଚାରୀଙ୍କର ପାଗା ଓ ବକେୟା ଟଙ୍କା ପାଇଁ ୨୫,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ସେଥିରୁ ପ୍ରଥମ କିସ୍ତି ଭାବରେ ୭,୦୦୦ ନେବା ସମୟରେ, ପିଅନ୍ ଗୋପବନ୍ଧୁ ସାହୁଙ୍କ ମାଧ୍ୟମରେ, ଭିଜିଲାନ୍ସ ଦଳ ତାଙ୍କୁ ଧରିଥିଲା। ୭,୦୦୦ ଲାଞ୍ଚ ଟଙ୍କା ପୂର୍ଣ୍ଣରୂପେ ଜବତ ହୋଇଛି। ଏହି ଘଟଣା ପରେ, ଭିଜିଲାନ୍ସ ଦଳ ଦୁଷ୍ମନ୍ତ ସାହୁଙ୍କ ତିନୋଟି ସ୍ଥାନ ଓ ପିଅନ୍ ସାହୁଙ୍କ ଗୋଟିଏ ସ୍ଥାନରେ ଏକାସାଙ୍ଗରେ ଚଢ଼ଉ କରିଛନ୍ତି ।

# ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ରେଳ ଲାଇନ୍ ତରାବୋଇରେ ନୂତନ ପାସେଞ୍ଜର ହଲ୍ଟ ଉଦ୍‌ଘାଟିତ

**ଭୁବନେଶ୍ୱର/ଜଟଣୀ, ନ୍ୟୁଜ୍ ବ୍ୟୁରୋ**

ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅଧୀନରେ ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ରେଳ ଲାଇନ୍‌ରେ ଖୋର୍ଦ୍ଧା ରୋଡ୍ ଏବଂ ଖୋର୍ଦ୍ଧା ଟାଉନ୍ ରେଳ ଷ୍ଟେସନ୍ ମଧ୍ୟରେ ଥିବା ତରାବୋଇ ଠାରେ ଏକ ନୂତନ ପାସେଞ୍ଜର ହଲ୍ଟକୁ ଉଦ୍ଘାଟନ କରାଯାଇଛି । ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀ ଏହି ପାସେଞ୍ଜର ହଲ୍ଟକୁ ଉଦ୍‌ଘାଟନ କରିବ ସହ ସବୁଜ ପତାକା ପ୍ରଦର୍ଶନ କରାଇ ତରବୋଇ ଠାରେ ମେମୁ ଟ୍ରେନ୍‌ର ରହଣିକୁ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି ଯେ, ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ରେଳ ଲାଇନ୍‌ର ତରାବୋଇରେ ନୂତନ ପାସେଞ୍ଜର ହଲ୍ଟକୁ ଉଦ୍‌ଘାଟନ କରି ସେ ବହୁତ ଖୁସି । ଏହି ବହୁ ପ୍ରତୀକ୍ଷିତ ସୁବିଧା ତରାବୋଇ ଏବଂ ଆଖପାଖ ଗ୍ରାମ ପଞ୍ଚାୟତର ଲୋକମାନଙ୍କୁ ବହୁତ ଲାଭ ପ୍ରଦାନ କରିବା ସହ IIT ଭୁବନେଶ୍ୱର, NISER ଏବଂ ନିକଟବର୍ତ୍ତୀ ଅନ୍ୟାନ୍ୟ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ଛାତ୍ର ଏବଂ ଅଧ୍ୟାପକମାନଙ୍କୁ ସେବା ଯୋଗାଇବ । ଏଠାରେ ଚାରି ଯୋଡ଼ା ଟ୍ରେନ୍ ରହଣି ପ୍ରଦାନ କରିବା ସହିତ ଦୈନନ୍ଦିନ ଯାତ୍ରୀଙ୍କ ସୁବିଧା ବହୁଗୁଣିତ ହେବ । ସେ ଏହା ମଧ୍ୟ କହିଛନ୍ତି ଯେ, ଏହି ରହଣି କେବଳ ଶିକ୍ଷା କେନ୍ଦ୍ର ଏବଂ ନିକଟବର୍ତ୍ତୀ ଗ୍ରାମଗୁଡ଼ିକୁ ଉତ୍ତମ ସଂଯୋଗ ପ୍ରଦାନ କରିବ ନାହିଁ ବରଂ ବରୁଣେଇ ପାହାଡ଼, ଖୋର୍ଦ୍ଧା ଦୁର୍ଗ ଏବଂ ବରୁଣେଇ ମନ୍ଦିର ଭଳି ଐତିହାସିକ ସ୍ଥାନଗୁଡ଼ିକୁ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ । ଏହା ଭାରତୀୟ ରେଳବାଇର ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି, ଶେଷ ମାଇଲ୍ ସଂଯୋଗୀକରଣ ଏବଂ ଓଡ଼ିଶାର ଲୋକଙ୍କ ପାଇଁ ବର୍ଦ୍ଧିତ ଯାତ୍ରୀ ସୁବିଧା ପାଇଁ ଦୃଷ୍ଟିକୋଣ ପୂରଣ କରିବା ଦିଗରେ ଆଉ ଏକ ପଦକ୍ଷେପ ଅଟେ । ଏହି ଅବସରରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତି, ଜନପ୍ରତିନିଧି, ଗଣମାଧ୍ୟମ ଏବଂ ସ୍ଥାନୀୟ ନାଗରିକମାନଙ୍କୁ ସ୍ୱାଗତ କରି, ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠୀ ତରାବୋଇ ପାସେଞ୍ଜର ହଲ୍ଟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଯାହା ସ୍ଥାନୀୟ ଲୋକଙ୍କ ଦୀର୍ଘଦିନର ଦାବି ପୂରଣ କରିବ ବୋଲି କହିଥିଲାବେଳେ ଏହି ଅଞ୍ଚଳର ପ୍ରତ୍ୟେକ କୋଣରେ ଅନ୍ତର୍ଭୁକ୍ତ ବିକାଶ ଏବଂ ଉନ୍ନତ ସଂଯୋଗ ଆଣିବାରେ ଭାରତୀୟ ରେଳବାଇର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଜାନୁଆରୀ ୨୦୨୪ରେ ରେଳ ବୋର୍ଡ ଦ୍ୱାରା ଅନୁମୋଦିତ ତରାବୋଇ ପାସେଞ୍ଜର ହଲ୍ଟ ସେପ୍ଟେମ୍ବର ୨୦୨୫ରେ ୮୦ ଲକ୍ଷ ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ହୋଇଛି । ଏହି ଅଞ୍ଚଳର ପାଞ୍ଚରୁ ଅଧିକ ଗ୍ରାମ ପଞ୍ଚାୟତକୁ ସେବା ଯୋଗାଇବା ପାଇଁ ପାସେଞ୍ଜର ହଲ୍ଟକୁ ଆଧୁନିକ ଯାତ୍ରୀ ସୁବିଧା ପ୍ରଦାନ କରାଯାଇଛି । ଯେଉଁଥିରେ ଅନ୍ତର୍ଭୁକ୍ତ ଅଛି ପାନୀୟ ଜଳ (ହ୍ୟାଣ୍ଡପମ୍ପ), ପ୍ରତୀକ୍ଷା ହଲ୍, ପ୍ଲାଟ୍‌ଫର୍ମ ଆଶ୍ରୟସ୍ଥଳ, ପର୍ଯ୍ୟାପ୍ତ ଆଲୋକୀକରଣ, ରେଲ ସ୍ତରର ପ୍ଲାଟ୍‌ଫର୍ମ, ସମୟ ସାରଣୀ ବୋର୍ଡ ଏବଂ ଯାତ୍ରୀଭଡା ଚାର୍ଟ, ଡଷ୍ଟବିନ୍ ଏବଂ ଶୌଚାଳୟ ଇତ୍ୟାଦି । ଚାରି ଯୋଡ଼ା ଟ୍ରେନ୍ ୬୮୪୪୩/୬୮୪୪୪ ଭଦ୍ରକ-ଦସପଲ୍ଲା-ଭଦ୍ରକ ମେମୁ, ୬୮୪୨୯/୬୮୪୩୦ ଭୁବନେଶ୍ୱର-ଦସପଲ୍ଲା-ଭୁବନେଶ୍ୱର ମେମୁ, ୧୮୪୨୩/୧୮୪୨୪ ଭୁବନେଶ୍ୱର-ଦସପଲ୍ଲା-ଭୁବନେଶ୍ୱର ଏକ୍ସପ୍ରେସ୍ ଏବଂ ୬୮୪୪୯/୬୮୪୫୦ ପୁରୀ-ଦସପଲ୍ଲା-ପୁରୀ ମେମୁ ନୂତନ ଭାବରେ ପ୍ରଦାନ କରାଯାଉଥିବା ତରାବୋଇ ପାସେଞ୍ଜର ହଲ୍ଟରେ ରହଣି ପ୍ରଦାନ କରିବ । ତରାବୋଇରୁ ଦଶପଲ୍ଲା ଅଭିମୁଖେ ଯାତ୍ରା କରିବାକୁଥିବା ଟ୍ରେନ୍ ଗୁଡିକ ଯଥା ୬୮୪୪୩ ଭଦ୍ରକ ଦଶପଲ୍ଲା ମେମୁ ତରାବୋଇ ଠାରେ ପୂର୍ବାହ୍ନ ୦୯ଘ.୧୮ ମି.ରେ ପହଞ୍ଚି ପୂର୍ବାହ୍ନ ୦୯ଘ.୧୯ ମି.ରେ ଛାଡିବ; ୬୮୪୨୯ ଭୁବନେଶ୍ୱର-ଦଶପଲ୍ଲା ମେମୁ ପୂର୍ବାହ୍ନ ୧୦ଘ.୧୯ ମି.ରେ ପହଞ୍ଚି ପୂର୍ବାହ୍ନ ୧୦ଘ.୨୦ ମି.ରେରେ ଛାଡିବ; ୧୮୪୨୩ ଭୁବନେଶ୍ୱର-ଦଶପଲ୍ଲା ଏକ୍ସପ୍ରେସ୍ ସନ୍ଧ୍ୟା ୭ ଘଟିକାରେ ପହଞ୍ଚି ସନ୍ଧ୍ୟା ୭ ଘ.୦୨ ମି.ରେ ଛାଡିବ ଏବଂ ୬୮୪୪୯ ପୁରୀ-ଦଶପଲ୍ଲା ମେମୁ ସନ୍ଧ୍ୟା ୭ ଘ.୨୫ ମି.ରେ ପହଞ୍ଚି ସନ୍ଧ୍ୟା ୭ ଘ.୨୬ ମି.ରେ ଦଶପଲ୍ଲା ଅଭିମୁଖେ ଯାତ୍ରା କରିବ । ସେହିପରି, ତରାବୋଇରୁ ଖୋର୍ଦ୍ଧା ରୋଡ ଅଭିମୁଖେ ଯାତ୍ରା କରିବାକୁ ଥିବା ଟ୍ରେନ୍ ଯଥା ୧୮୪୨୪ ଦଶପଲ୍ଲା-ଭୁବନେଶ୍ୱର ଏକ୍ସପ୍ରେସ୍ ତରାବୋଇ ଠାରେ ସକାଳ ୭ ଘ.୫୫ ମି.ରେ ପହଞ୍ଚି ସକାଳ ୭ ଘ.୫୬ ମି.ରେ ଛାଡିବ; ୬୮୪୫୦ ଦଶପଲ୍ଲା-ପୁରୀ ମେମୁ ସକାଳ ୮ଘ. ୧୮ମି.ରେ ପହଞ୍ଚି ସକାଳ ୮ଘ. ୨୦ମି.ରେ ଛାଡିବ; ୬୮୪୩୦ ଦଶପଲ୍ଲା-ଭୁବନେଶ୍ୱର ମେମୁ ସନ୍ଧ୍ୟା ୫ଘ.୨୫ମି.ରେ ପହଞ୍ଚି ସନ୍ଧ୍ୟା ୫ଘ.୨୬ମି.ରେ ଛାଡିବ ଏବଂ ୬୮୪୪୪ ଦଶପଲ୍ଲା-ଭଦ୍ରକ ମେମୁ ସନ୍ଧ୍ୟା ୬ଘ.୦୮ମି.ରେ ପହଞ୍ଚି ସନ୍ଧ୍ୟା ୬ଘ.୦୯ମି.ରେ ଖୋର୍ଦ୍ଧା ରୋଡ୍ ଅଭିମୁଖେ ଯାତ୍ରା କରିବ । ଏହି ନୂତନ ପାସେଞ୍ଜର ହଲ୍ଟ ଷ୍ଟେସନ୍‌ର ଉଦ୍‌ଘାଟନ ଭାରତୀୟ ରେଳବାଇର ଶେଷ ମାଇଲ୍ ସଂଯୋଗୀକରଣକୁ ଉନ୍ନତ କରି ଯାତ୍ରାର ସହଜତା ପ୍ରଦାନ କରିବ ଏବଂ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହିତ କରିବା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।



### ବରଗଡ଼ ରୋଡ଼ ରେଳଷ୍ଟେସନ୍‌ର ବିଭିନ୍ନ ସମସ୍ୟାକୁ ନେଇ ଡି.ଆର୍.ଏମ୍.ଙ୍କୁ ଭେଟିଲା ରେଳ ଉପଭୋକ୍ତା ସଂଘ

# ବଲାଙ୍ଗୀର/ବରଗଡ଼ରୁ ଭୁବନେଶ୍ୱରକୁ ସକାଳୁଆ ଟ୍ରେନ୍ ପାଇଁ ଦାବି

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲା ରେଳ ଉପଭୋକ୍ତା ସଂଘର ଏକ ପ୍ରତିନିଧି ମଣ୍ଡଳୀ ସମ୍ବଲପୁର ରେଳ ଡିଭିଜନ୍‌ର ଡି.ଆର୍.ଏମ୍. ସୁବାସ ଚୌଧୁରୀଙ୍କୁ ଭେଟି ବିଭିନ୍ନ ରେଳ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ । ମୁଖ୍ୟତଃ, ବରଗଡ଼/ବଲାଙ୍ଗୀରରୁ ଭୁବନେଶ୍ୱରକୁ ସକାଳ ଇଣ୍ଟରସିଟି, ଦିଲ୍ଲୀକୁ ସିଧାସଳଖ ଟ୍ରେନ୍, ସବ୍-ୱେରେ ଜଳ ନିଷ୍କାସନ, ଅସାମାଜିକ କାର୍ଯ୍ୟ ରୋକିବା ପାଇଁ ପର୍ଯ୍ୟାପ୍ତ ଆଲୋକୀକରଣ ଓ ସିସିଟିଭି ବ୍ୟବସ୍ଥା, ଇସ୍ପାତ ଏକ୍ସପ୍ରେସ୍, ନାଗାବଳୀ ଏକ୍ସପ୍ରେସ୍ ଓ ପୁରୁଣା କଟକ-ଭୁବନେଶ୍ୱର ଇଣ୍ଟରସିଟିକୁ ୫ ମିନିଟ ରହଣୀ କରିବା, ନାଗାବଳୀ ଏକ୍ସପ୍ରେସ୍‌ର ପୁରୁଣା କୋଚ୍ ବଦଳାଇ ନୂତନ LHB କୋଚ୍ ଲଗାଇବା, ବଲାଙ୍ଗୀରରେ ପିଟ୍‌ଲାଇନ୍ ବ୍ୟବସ୍ଥା କରି ସମ୍ବଲପୁର ପର୍ଯ୍ୟନ୍ତ ଆସୁଥିବା ଟ୍ରେନ୍‌ଗୁଡ଼ିକୁ ବଲାଙ୍ଗୀର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା, ସ୍ପେଶିଆଲ୍ ଟ୍ରେନ୍‌ଗୁଡିକରେ ବରଗଡ଼ ରୋଡ଼ରେ ରହଣୀ କରିବା, ସମ୍ବଲପୁର-ଜୁନାଗଡ଼ ରୋଡ଼ ପେସେଞ୍ଜର ଟ୍ରେନ୍‌କୁ ଫାଷ୍ଟ ପେସେଞ୍ଜର କରିବା, ବରଗଡ଼ରେ ରେମ୍ପ ବ୍ୟବସ୍ଥା କରିବା, ଷ୍ଟେସନ୍‌ରେ ସିସିଟିଭି ବ୍ୟବସ୍ଥା, ଷ୍ଟେସନ୍ ସମ୍ମୁଖରେ ରାସ୍ତା ମରାମତି ଇତ୍ୟାଦି ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଆଲୋଚନା ସକାରାତ୍ମକ ଥିଲା। ଯେତିକି କାର୍ଯ୍ୟ ନିଜ କର୍ତ୍ତୃତ୍ୱରେ ଅଛି, ତାହାକୁ ସମାଧାନ ନିଶ୍ଚିତ ରୂପ କରାଯିବ ବୋଲି ଡି.ଆର୍.ଏମ୍.ଶ୍ରୀ ଚୌଧୁରୀ ପ୍ରତିଶ୍ରୁତି ଦେଇଥିଲେ ଏବଂ ବାକି ସମସ୍ୟାର ସମାଧାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦୃଢ଼ ସୁପାରିଶ କରାଯିବ ବୋଲି କହିଥିଲେ । ବରଗଡ଼-ନୂଆପଡ଼ା ରେଳଲାଇନ୍ କାର୍ଯ୍ୟକ୍ଷମ ହେଲେ ବରଗଡ଼ ରୋଡ଼ ଏକ ଜଙ୍କସନ୍ ଷ୍ଟେସନ୍‌ରେ ପରିଣତ ହେବ ଏବଂ ତାପରେ ଏହି ଷ୍ଟେସନ୍‌ରେ ଅନେକ ବିକାଶମୂଳକ କାର୍ଯ୍ୟ ହେବ ବୋଲି ଶ୍ରୀ ଚୌଧୁରୀ ସୂଚନା ଦେଇଥିଲେ । ଲିଫ୍ଟ ଓ କୋଚ୍ ଡିସ୍‌ପ୍ଲେ ସିଷ୍ଟମ୍ ପାଇଁ ବରଗଡ଼କୁ ଏକ ସ୍ୱତନ୍ତ୍ର ଜେନେରେଟର ଦେଇଥିବାରୁ ଡି.ଆର୍.ଏମ୍. ଶ୍ରୀ ଚୌଧୁରୀଙ୍କୁ ବରଗଡ଼ବାସୀଙ୍କ ତରଫରୁ ଧନ୍ୟବାଦ ଜଣାଇଦିଆଯାଇଥିଲା । ପରେ ସିନିୟର୍ ଡି.ସି.ଏମ୍. ଗରିମା ତିୱାରୀଙ୍କୁ ଭେଟି ସକାଳ ଇଣ୍ଟରସିଟି ତଥା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ତାଙ୍କୁ ମଧ୍ୟ ପ୍ରୟାସ କରିବା ପାଇଁ ଅନୁରୋଧ କରାଯାଇଥିଲା। ଏହି ପ୍ରତିନିଧି ଦଳରେ ସଭାପତି ପ୍ରଦୀପ ଦେବତା, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ସମ୍ପାଦକ କମଳ ଯୋଶୀ, ବରିଷ୍ଠ ସଦସ୍ୟ କିଶୋର କୁମାର ରଥ ଓ ଉଦ୍ଧବ ଚରଣ ବେହେରା ଅଂଶଗ୍ରହଣ କରିଥିଲେ ।



# ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସରେ ୩୫୦ରୁ ଉର୍ଦ୍ଧ୍ୱ ଜଣଙ୍କ ରକ୍ତଦାନ




**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ଅଖିଳ ଭାରତୀୟ ତେରାପନ୍ଥ ଯୁବକ ପରିଷଦର ପ୍ରତିଷ୍ଠା ଦିବସ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ଅବସରରେ ସ୍ଥାନୀୟ ତେରାପନ୍ଥ ଯୁବକ ପରିଷଦ ପକ୍ଷରୁ ସ୍ଥାନୀୟ ତେରାପନ୍ଥ ଭବନରେ ବିଶାଳ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମର ଅଧ୍ୟକ୍ଷତା ପରିଷଦ ଅଧ୍ୟକ୍ଷ ମନୀଷ ଜୈନ କରିଥିଲେ। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଛତିଶଗଡ଼ ନି:ଶକ୍ତଜନ ଆର୍ଥିକ ଓ ବିକାଶ ନିଗମର ଅଧ୍ୟକ୍ଷ ଲୋକେଶ କାୱଡ଼ିଆ, ରାୟପୁର ନଗର ଭାଜପା ଅଧ୍ୟକ୍ଷ ରାଜେନ୍ଦ୍ର ଜୈନ ସ୍ଥାନୀୟ ବିଧାୟକ ଲକ୍ଷ୍ମଣ ବାଗ୍, ପୂର୍ବତନ ବିଧାୟକ ହାଜି ମହମ୍ମଦ ଆୟୁବ ଖାନ୍, ନଗରପାଳ ବରିୟାମ ସିଂହ ସାଲୁଜା, ପ୍ରସିଦ୍ଧ କବି ରାକେଶ ଜୈନ ଏବଂ ପ୍ରେସ୍ କ୍ଲବ ଅଧ୍ୟକ୍ଷ ପ୍ରଭଜିତ ସିଂହ ସଲୁଜା ଉପସ୍ଥିତ ଥିଲେ। ଶିବିରରେ ୨୫ରୁ ଅଧିକ ଦମ୍ପତି ଜୋଡ଼ି ରକ୍ତଦାନ କରିଥିଲେ। ରାୟପୁର ନଗର ଅଧ୍ୟକ୍ଷ ରାଜେନ୍ଦ୍ର ଜୈନ, ନାରୀମାନଙ୍କର ସ୍ୱଇଚ୍ଛାରୁ ରକ୍ତଦାନ ଦେଖି ପ୍ରସନ୍ନତା ବ୍ୟକ୍ତ କରିଥିଲେ ଏବଂ କହିଥିଲେ ଯେ, ପୁରୁଷଙ୍କ ସହ ସମସ୍ତ କ୍ଷେତ୍ରରେ ନାରୀଶକ୍ତି ଯେପରି ହାଥ ମିଶାଇ ଚାଲୁଛନ୍ତି, ରକ୍ତଦାନରେ ମଧ୍ୟ ସେଇ ପରମ୍ପରା ଜାରି ରହିଛି। ବିଧାୟକ ଲକ୍ଷ୍ମଣ ବାଗ୍, ପରିଷଦକୁ ସ୍ଥାପନା ଦିବସର ଅଭିନନ୍ଦନ ଜଣାଇଥିଲେ ଓ ଅଧିକରୁ ଅଧିକ ଲୋକଙ୍କୁ ରକ୍ତଦାନ ପାଇଁ ପ୍ରୋତ୍ସାହନ କରିଥିଲେ। ଏହି ଶିବିରର ପ୍ରସିଦ୍ଧ ମଧୁମେହ ବିଶେଷଜ୍ଞ ଡା. ଗୋବିନ୍ଦ ଅଗ୍ରୱାଲ ଓ ତାଙ୍କ ଦଳର ବିଶେଷ ସହଯୋଗଥିଲା। ପୂର୍ବତନ ବିଧାୟକ ହାଜି ମହମ୍ମଦ ଆୟୁବ୍ ଖାନ୍, ପରିଷଦଙ୍କର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ ଓ ପ୍ରତିବର୍ଷ ଏପରି ଶିବିର ଆୟୋଜନ କରି ଲୋକକଲ୍ୟାଣରେ ଅଗ୍ରଗାମୀ ରହିବାକୁ ଅନୁରୋଧ କରିଥିଲେ। ସମସ୍ତ ଅତିଥିଙ୍କୁ ସ୍ମୃତିଚିହ୍ନ ଏବଂ ପଞ୍ଚରଙ୍ଗୀ ଦୁପଟା ପିନ୍ଧାଇ ସମ୍ମାନିତ କରାଗଲା। ଶିବିରର ସଫଳତାରେ ସୁମିତ ଜୈନ, ଅଙ୍କିତ ଜୈନ ପଙ୍କଜ ଜୈନ, ନବନୀତ ଜେନ୍, ମୟଙ୍କ ଜୈନ୍, ଆଦେଶ ଜୈନ୍, ଦୀପକ ଜେନ୍, ଅବିନାଶ ଜେନ୍ ସହିତ ଶ୍ୱେତାମ୍ବର ତେରାପନ୍ଥୀ ସଭା ଓ ତେରାପନ୍ଥୀ ମହିଳା ସଭାର ସମସ୍ତ ସଦସ୍ୟଙ୍କର ଅହମ୍ଭୂମିକା ଥିଲା। ସ୍ଥାନୀୟ ବିଜୁ ପଟ୍ଟନାୟକ ବ୍ଲଡ୍ ବ୍ୟାଙ୍କର ଟେକ୍ନିଶିୟନ ଓ କର୍ମଚାରୀମାନଙ୍କର ପୂର୍ଣ୍ଣ ସହଯୋଗ ମଧ୍ୟ ମିଳିଥିଲା। ଶିବିରରେ ମୋଟ୍ ୩୫୦ରୁ ଅଧିକ ଲୋକ ସ୍ୱଇଚ୍ଛାରୁ ରକ୍ତଦାନ କରିଥିଲେ।

# ରେଲୱେ ଟିକେଟ୍ କଳାବଜାରୀ:ଆସାମୀଙ୍କୁ ୫ ହଜାର ଟଙ୍କା ଜରିମାନା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଥିବା ରେଳ ଟିକେଟ୍ କାର୍ଯ୍ୟାଳୟରେ ଟିକେଟ୍ କଳାବଜାରୀ କରୁଥିବା ଦୋଷୀଙ୍କୁ କୋର୍ଟ ୫ ହଜାର ଟଙ୍କା ଜରିମାନା କରିଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଯେ ପଟ୍ଟାମୁଣ୍ଡାଇ ବାଲିଆପଲ୍ଲୀ ଗ୍ରାମର ପବିତ୍ର କୁମାର ଦାସ ଟିକେଟ୍ କଳାବଜାରୀ କରୁଥିବା ସମୟରେ ପାରାଦୀପ ରେଳ ବିଭାଗ ପୋଲିସ ତାକୁ ଧରି ଦୁଇ ସିସି ୭/୨୧ରେ ଏକ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରିଥିଲେ। ଏସ୍‌ଡିଜେଏମ୍ ଏରା ପଟ୍ଟନାୟକ ଘଟଣାର ବିଚାର କରି ସାକ୍ଷ୍ୟ ପ୍ରମାଣ ଗ୍ରହଣ କଲାପରେ ଆସାମୀକୁ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ମାମଲାକୁ ବରିଷ୍ଠ ଆଇନ୍‌ଜୀବୀ ସରକାରୀ ଓକିଲ ନିରଞ୍ଜନ ଭଳ ପରିଚାଳନା କରୁଥିଲେ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୯ / ୧୦ ବୃ | ୮ | ଶୁ ୭ / ରା ୬ |
| ୧୧ ଚ | ୯ / ୪ | ୫ |
| ୧୨ କେ ଶ / ଲ ବୁ | ୨ ମ | ୪ / ୩ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୩ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

**ତା୧୯।୯।୨୦୨୫, ଆଶ୍ୱିନ ଦି୩ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୩୪।୫୪ ଚନ୍ଦ୍ରୋଦୟ- ରାଘ ୪।୦୬।୦୯**

**ତ୍ରୟୋଦଶୀ-** ରାଘ ୧୧।୩୭ ପର୍ଯ୍ୟନ୍ତ । **ଅଶ୍ଳେଷା ନକ୍ଷତ୍ରଓ କର୍କଟ ଚନ୍ଦ୍ର-** ପ୍ରାଘ ୭।୦୬ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । ପ୍ରାଘ ୭।୦୬ ଗତେ ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ପ୍ରାଘ ୭।୦୬ ଗତେ କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ରାଘ ୧୧।୩୭ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୮ ଗତେ ଘ ୬।୨୬ ମଧ୍ୟେ । ଦିଘ ୧୨।୦୪ ଗତେ ଘ ୩।୧୭ ମଧ୍ୟେ ।

**ମେଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପ୍ରାପ୍ତ ହେବ। ଆୟ ଓ ବ୍ୟୟ ସମାନ ରହିବ। ଘରେ ସୁଖ ଶାନ୍ତି ବଜାୟ ରହିବ। ମହିଳାମାନେ ସୁଖୀ ହେବେ। ନୂତନ ବନ୍ଧୁଙ୍କ ସହ ଭେଟ ହୋଇପାରେ ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା କରି ସଫଳତା ହାସଲ କରିବେ। ଖଳ ପ୍ରକୃତିର ଲୋକଙ୍କ ଠାରୁ ଦୂରେଇ ରହିବା ଶ୍ରେୟସ୍କର। ରୋଜଗାର ସ୍ଥିର ରହିବ। ଶରୀର ସୁସ୍ଥ ରହିବ । ଘରେ ଆନନ୍ଦ ଦେଖାଦେବ ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରୁ ସଫଳତା ପାଇବେ। ଅନେକ ଦିନର ଆଶା ଆପଣଙ୍କର ପୂରଣ ହେବ। ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ। ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବାର ସୂଚନା ।

**କର୍କଟ:** ଶୁଭ ଖବର ପାଇ ଆନନ୍ଦିତ ହେବେ। ବ୍ୟବସାୟ ମଧ୍ୟମ ଧରଣର ହେବ। ପରିବାର ମଧ୍ୟରେ ଆନନ୍ଦର ଲହରୀ ଖେଳିବ। ଖର୍ଚ୍ଚର ମାତ୍ରା ବଢ଼ିପାରେ। ମାନସିକ ଦୁଶ୍ଚିନ୍ତା ମନକୁ ଆସିପାରେ ।

**ସିଂହ:** ଅନେକ ଦିନରୁ ଅଟକି ରହିଥିବା କାମଟି ହେବାର ସମ୍ଭାବନା। ଦେହ ଓ ମନ ଭଲ ରହିବ। ପାରିବାରିକ ଜୀବନ ସୁଖମୟ ହେବ। ଅପେକ୍ଷା କରିଥିବା ଖବରଟି ପାଇପାରନ୍ତି। ଆୟ ଯୋଗ ମଧ୍ୟ ରହିଛି ।

**କନ୍ୟା:** ବ୍ୟବସାୟରେ ଆପଣଙ୍କୁ କ୍ଷତି ସହିବାକୁ ପଡ଼ିପାରେ। କୁ-ଭୋଜନ କରି ଉଦର ପୀଡ଼ା ଦେଖାଦେଇପାରେ। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ଘରେ କଳହ ଦେଖାଦେବାର ସୂଚନା ।

**ତୁଳା:** ବ୍ୟବସାୟରୁ ଲାଭବାନ୍ ହେବେ। ପାରିବାରିକ ଜୀବନ ହସିଲା ପୂରିଲା ହେବ। ବନ୍ଧୁଙ୍କ ସହ ଭେଟ ସହିତ ଆମୋଦ ପ୍ରମୋଦ ଲାଗିପାରେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବାର ସୂଚନା ।

**ବିଛା:** ଶତ୍ରୁ ପରାସ୍ତ ହେବେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ଭ୍ରମଣ ଯୋଗ ରହିଛି। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ମନ ଭଲ ରହିବ ।

**ଧନୁ:** ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦିତ ହୋଇପାରନ୍ତି। ଧର୍ମ କାର୍ଯ୍ୟ ନିମନ୍ତେ ଦିନଟି ଭଲ ଅଟେ। ପାରିବାରିକ ଜୀବନ ଶାନ୍ତିମୟ ହେବ। ଆୟର ପରିମାଣ ବଢ଼ିବାର ସୂଚନା ।

**ମକର:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ। ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ। ବ୍ୟୟର ପରିମାଣ ଅଧିକ ହେବ। ଘରେ ବିଶୃଙ୍ଖଳା ଓ ଅଶାନ୍ତି ଦେଖାଦେଇପାରେ ।

**କୁମ୍ଭ:** ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ବନ୍ଧୁ ଓ ପରିବାର ସହ ଖୁସିରେ ମାତିବେ। କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ରୋଜଗାର ଭଲ ହେବ ।

**ମୀନ:** ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ। ଶରୀର ସୁସ୍ଥ ରହିବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ଆୟ ମଧ୍ୟମ ଧରଣର ହେବ। ଘରେ ଶାନ୍ତିର ବାତାବରଣ ରହିବ। ମହିଳାମାନେ ସୁଖୀ ହେବେ ।




# ହୋମ୍‌ଗାର୍ଡ ଇଣ୍ଟରଭ୍ୟୁ ବେଳେ ଜଣେ ଆଶାୟୀ ପରୀକ୍ଷାର୍ଥୀଙ୍କ ମୃତ୍ୟୁ

**ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ଛତ୍ରପୁରରେ ହୋମ୍‌ଗାର୍ଡ ଇଣ୍ଟରଭ୍ୟୁ ବେଳେ ଏକ ଦୁଃଖଦ ଘଟଣା ଘଟିଛି । ଇଣ୍ଟରଭ୍ୟୁ ପ୍ରକ୍ରିୟାର ଅଂଶ ଭାବେ ଦୌଡ ପରୀକ୍ଷା ଚାଲୁଥିଲା । ଦୌଡ ବେଳେ ତାରସିଂ ଥାନା ତୁଳସୀପଲ୍ଲୀ ଅଞ୍ଚଳର ଶିବରାମ ପ୍ରଧାନ ଅସୁସ୍ଥ ହୋଇପଡିଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ପ୍ରଥମେ ଛତ୍ରପୁର ମେଡିକାଲକୁ ନେଇଯାଇଥିଲା, ପରେ ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଥିଲା । କିନ୍ତୁ, ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଦୁଃଖଦ ଘଟଣା ପରେ ଅପରାହ୍ନରେ ଚାଲୁଥିବା ଇଣ୍ଟରଭ୍ୟୁକୁ ବନ୍ଦ କରାଯାଇଥିଲା । ଆସିଥିବା ଅନ୍ୟାନ୍ୟ ପରୀକ୍ଷାର୍ଥୀମାନେ ନିଜ ଘରକୁ ଫେରିଯାଇଥିଲେ । ପରବର୍ତ୍ତୀ ନିର୍ଦ୍ଦେଶ ମିଳିବା ପରେ ଇଣ୍ଟରଭ୍ୟୁ ପୁଣିଥରେ ଆରମ୍ଭ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ୫.୧%କୁ ଖସିଲା ବେକାରି ହାର

ଚଳିତ ବର୍ଷ ଅଗଷ୍ଟରେ ଦେଶର ବେକାରି ହାର ୫.୧ ପ୍ରତିଶତକୁ ହ୍ରାସ ପାଇଛି । ଗତ ଜୁନ ଓ ଜୁଲାଇରେ ତାହା ଯଥାକ୍ରମେ ୫.୨ ପ୍ରତିଶତ ଓ ୫.୬ ପ୍ରତିଶତ ଥିଲା । ଲଗାତାର ଦ୍ୱିତୀୟ ମାସରେ ବେକାରି ହାର ହ୍ରାସ ପାଇ ପାଞ୍ଚ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଛି । କେନ୍ଦ୍ର ସରକାର ଜାରି କରିଥିବା ତଥ୍ୟ ଅନୁସାରେ ପୁରୁଷ ବର୍ଗରେ ବେକାରି ହାର ୫ ପ୍ରତିଶତକୁ ହ୍ରାସ ପାଇଛି । ଶେଷ ଥର ପାଇଁ ଗତ ଏପ୍ରିଲ୍‌ରେ ଏହା ଏଭଳି ସ୍ତରରେ ଥିଲା । ସହରାଞ୍ଚଳରେ ପୁରୁଷ ବେକାରି ହାର ୫.୯ ପ୍ରତିଶତକୁ ଖସିଆସିଛି ଯାହା ଗତ ଜୁଲାଇରେ ୬.୬ ପ୍ରତିଶତ ଥିଲା । ଗ୍ରାମାଞ୍ଚଳରେ ପୁରୁଷ ବେକାରି ହାର ୪.୫ ପ୍ରତିଶତକୁ ହ୍ରାସ ପାଇଛି । ଗତ ଜୁଲାଇରେ ତାହା ୪.୬ ପ୍ରତିଶତ ଥିଲା । ଶ୍ରମ ଜନସଂଖ୍ୟା ଅନୁପାତ ଅଗଷ୍ଟରେ ୫୨.୨ ପ୍ରତିଶତରେ ପହଞ୍ଚିଛି ଯାହା ଗତ ଜୁନ୍ ଓ ଜୁଲାଇର ଯଥାକ୍ରମେ ୫୧.୨ ପ୍ରତିଶତ ଓ ୫୨ ପ୍ରତିଶତଠାରୁ ଉନ୍ନତ । ଶ୍ରମ ଶକ୍ତିରେ ଅଂଶଗ୍ରହଣ ହାର (ଏଲ୍‌ଏଫ୍‌ପିଆର) ଅଗଷ୍ଟରେ ୫୫ ପ୍ରତିଶତ ହୋଇଛି ଯାହା ଗତ ଜୁନ୍‌ରେ ୫୪.୨ ପ୍ରତିଶତ ଥିଲା । ତଥ୍ୟ ଅନୁଶୀଳନରୁ ଜଣାପଡ଼ିଛି ଯେ ମହିଳା ଶ୍ରମ ଶକ୍ତି ହାର ବଢ଼ିଛି । ମହିଳାଙ୍କ ଶ୍ରମ ଶକ୍ତି ଅନୁପାତ ୩୨ ପ୍ରତିଶତକୁ ବୃଦ୍ଧି ପାଇଛି । ଗତ ଜୁନ୍ ଓ ଜୁଲାଇରେ ତାହା ଯଥାକ୍ରମେ ୩୦.୨ ପ୍ରତିଶତ ଓ ୩୧.୬ ପ୍ରତିଶତ ଥିଲା । ଶ୍ରମଶକ୍ତିରେ ମହିଳାମାନଙ୍କ ଅଂଶଗ୍ରହଣ ହାର ୩୩.୭ ପ୍ରତିଶତ ହୋଇଛି । ଗତ ଜୁନ୍ ଓ ଜୁଲାଇରେ ତାହା ଯଥାକ୍ରମେ ୩୨ ପ୍ରତିଶତ ଓ ୩୩.୩ ପ୍ରତିଶତ ଥିଲା । ଭଲ ମୌସୁମୀ ବର୍ଷା, ସରକାରୀ ସ୍କିମ୍‌ର ଲାଭ ଏବଂ ଅର୍ଥନୈତିକ କାର୍ଯ୍ୟକଳାପରେ ସୁଧାର ପ୍ରଭାବରେ ନିଯୁକ୍ତି ହାର ବଢ଼ିବା ସହ ବେକାରି କମ୍ ହେଉଛି । ମୌସୁମୀ ବର୍ଷା ଓ ଚାଷ କାମ ପ୍ରଭାବରେ ଗ୍ରାମାଞ୍ଚଳରେ ଲଗାତାର ତୃତୀୟ ମାସ ପାଇଁ ବେକାରି ହାର କମ୍ ରହିଛି । ସରକାରୀଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ପ୍ରଭାବ ମଧ୍ୟ ରହିଛି ।



## ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ
# ଗୀତାମୃତ ଲହରୀ

ପଞ୍ଚମ ଅଧ୍ୟାୟ
(ମଉନେ ଦେବତା କୁହ-ବୃତ୍ତେ)

ପଞ୍ଚମ ପଣ୍ଡୁ ନନ୍ଦନ,
ସନ୍ଦେହ ମାନସେ ଶ୍ରୀକୃଷ୍ଣଙ୍କ ପାଶେ
ପୁଣି କରିଲେ ପ୍ରଶନ ।ପଦ।
ଯେ କର୍ମ-ସନ୍ନ୍ୟାସ ଜ୍ଞାନର ବିଶେଷ
ପ୍ରଶଂସା କରିଲ ହୋଇଣ ହରଷ,
ଏ ବେନି ମଧ୍ୟରେ କେବା ମୋ ପକ୍ଷରେ
ହୋଇବ ହିତ କାରଣ ?
କହନ୍ତୁ ହେ ନାରାୟଣ,
ବୁଝି ସବୁ ତଥ୍ୟ ନ ହୋଇଣ ବ୍ୟସ୍ତ
କରିବି ସେ ଆଚରଣ ।୧।
ଅର୍ଜ୍ଜୁନର ଗିର ଶୁଣି ରଙ୍ଗାଧର
ବୋଲନ୍ତିରେ ବୀର ନ ହୁଅ ଅଧୀର ।
ସନ୍ନ୍ୟାସର ଅର୍ଥ ଜ୍ଞାନ କର୍ମଟି ନିଷ୍କାମ କର୍ମ,
ଦୁଇଗୋଟି କଥା ଅଟେ ଏକ ପନ୍ଥା
ଜ୍ଞାନୀମାନେ ଏହା ଜାଣ, ଅଜ୍ଞାନ ମଣନ୍ତି ଭିନ୍ନ
ସୁମନେ ଶୁଣ ଅର୍ଜ୍ଜୁନ ।୨।
ନବଦ୍ୱାର ଦେହ ରୂପୀ ନଗରରେ,
ସଂକଳପ ତେଜି ମାତି ଯା କାମରେ ।
ଶୁଦ୍ଧ ହେବୁ ଦିନୁ ଦିନ ନ ଭୋଗିବୁ ପାପ ପୂଣ୍ୟ,
ଜଡ଼ ପରି ତୁହି ନିମିତ୍ତଟି ହୋଇ
ସରବେ ଦେଖ ସମାନ ଲଭି ବ୍ରହ୍ମଦର୍ଶୀ ଜ୍ଞାନ
ହୁଅ ତୁ ନିର୍ମଳ ମନ, ସୁମନେ ଶୁଣ ଅର୍ଜ୍ଜୁନ ।୩।
କର୍ମଯୋଗ ବିନା ଯୁଏ ଯେ ସନ୍ନ୍ୟାସ
ମିଥ୍ୟାଚାର ଯୋଗେ ଘରେ ସର୍ବନାଶ ।
ନ ସାଧ ଏପରି ଧର୍ମ, ବୃଥାରେ ନୁହ ଉଚ୍ଛନ୍ନ
ସକଳ କରମ କରି ବ୍ରହ୍ମାର୍ପଣ,
ବଳାଅ ଯୋଗରେ ମନ ବସ ବୈକୁଣ୍ଠ ଭୁବନ ।
ଅଟେ ଏ ମୁକତି ଚିହ୍ନ, ସୁମନେ ଶୁଣ ଅର୍ଜ୍ଜୁନ ।୪।
କାମକ୍ରୋଧାଦିଙ୍କ ଉପଦ୍ରବ ଯେତେ,
ସହିଯାଇ ସେବା କର ପ୍ରାଣୀହିତେ
ଯୋଗ ଆଦି ପ୍ରାଣାୟମ କରି ହୁଅ ଅନ୍ତର୍ଦ୍ଧାନ
ଜଳେ ପଦ୍ମ ପତ୍ର ପରି ରହ ପାର୍ଥ,
ପାଇବୁ ଶାନ୍ତି ସଦନ କହେ ବଇକୁଣ୍ଠ ହୀନ ।
ବିଳାପେ ନ ବିତା ଦିନ, ସୁମନେ ଶୁଣ ଅର୍ଜ୍ଜୁନ ।୫।
(କ୍ରମଶଃ)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୩୬)
## (ଏକ ଐତିହାସିକ ଉପସ୍ଥାପନା)


ବିଶର ମହାନ୍ତି ଅତ୍ୟନ୍ତ ନିର୍ଭୀକ ସ୍ୱରରେ କହିଲେ "ହେ ରାଜନ ! ଆଜକୁ ଏଗାର ମାସ ତଳର କଥା ଇଏ । ବଙ୍ଗର ନବାବ ସୁଲେମାନ୍ କର୍‌ରାଣୀଙ୍କର ସେନାପତି କଳା ପାହାଡ କଳିଙ୍ଗ ଆକ୍ରମଣ କରି କଳିଙ୍ଗ ଅଧିବାସୀଙ୍କର ମନରୁ ଇଷ୍ଟଦେବ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପ୍ରତି ଯେଉଁ ପ୍ରଗାଢ ଭକ୍ତିର ବଳିଷ୍ଠ ଚେତନା ରହିଛି, ତାହାକୁ କିପରି ନିଶ୍ଚିହ୍ନ କରିବ, ଏହି ଆଭିମୁଖ୍ୟକୁ ଚରିତାର୍ଥ କରିବା ଉଦ୍ଦେଶ୍ୟରେ କଳିଙ୍ଗ ଆକ୍ରମଣ କରିବା ପାଇଁ ଆସି ଗୋହିରାଟିକିରି ଯୁଦ୍ଧରେ ରାଜା ମୁକୁନ୍ଦ ଦେବଙ୍କୁ ଅତି ନିର୍ମମ ଭାବେ ରଣକ୍ଷେତ୍ରରେ ହତ୍ୟା କଲା । ଏହା ପରବର୍ତ୍ତୀ ପର୍ଯ୍ୟାୟରେ ଶ୍ରୀମନ୍ଦିର ଆକ୍ରମଣ କରିବ ବୋଲି ଖବର ପାଇ ମନ୍ଦିର ପରିଛା ଦିବ୍ୟସିଂହ ପଟ୍ଟନାୟକ ଗଭୀର ନିଶାର୍ଦ୍ଧରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଚିଲିକାକୂଳର ହାତିପଲ୍ଲୀ ଠାରେ ପାତାଳି କଲେ । ଏହି ଖବର କଳାପାହାଡ କାନରେ ପଡିବାରୁ ସେ ସଙ୍ଗେ ସଙ୍ଗେ ଚିଲିକା କୂଳରୁ ଠାକୁର ମାନଙ୍କୁ ହାତୀ ପିଠିରେ ପକାଇ ବଙ୍ଗ ଦେଶର ଗଙ୍ଗାକୂଳର ତଣ୍ଡାଘାଟ ନେଲା । ବଙ୍ଗ ପ୍ରଦେଶର ଗଙ୍ଗା କୂଳରେ ପହଞ୍ଚି ମୁସଲମାନ ଲସ୍କରଙ୍କ ଦ୍ୱାରା କାଠ ସଂଗ୍ରହ କରି ଗଙ୍ଗା କୂଳରେ ଠୂଳ କରି ଅଗ୍ନି ସଂଯୋଗ କଲା । କାଠ ଗୁଡିକ ଯେତେବେଳେ ଜଳିବାକୁ ଲାଗିଲା ଠିକ୍ ସେହି ସମୟରେ କଳାପାହାଡ ଠାକୁରମାନଙ୍କୁ ଗୋଟି ଗୋଟି କରି ସେହି ଜଳନ୍ତା ନିଆଁ ମଧ୍ୟକୁ ଫିଙ୍ଗିଲା । କିନ୍ତୁ ବଡ ଅଦ୍‌ଭୂତ କଥା ଜଳୁଥିବା ନିଆଁ ଧୀରେ ଧୀରେ ଲଭିଗଲା ଓ ଚତୁର୍ଦ୍ଦିଗ ଧୂଆଁରେ ଆଚ୍ଛାଦିତ ହୋଇ ଦିନ ଦ୍ୱିପ୍ରହରଟା ରାତ୍ରୀ ପରି ଦୃଶ୍ୟମାନ ହୋଇଗଲା । ସେହି ସମୟରେ କଳା ପାହାଡର ସମଗ୍ର ଶରୀରଟା ଫାଟି ଗଲାପରି ଲାଗିବାରୁ ପ୍ରଚଣ୍ଡ ଯନ୍ତ୍ରଣାରେ ଛଟପଟ ହୋଇ ପ୍ରାଣ ବିକଳରେ ଭୟଙ୍କର ଚିତ୍କାର କରିବାରେ ଲାଗିଲା । ସେତେବେଳେ ଠାକୁରମାନଙ୍କୁ ସେହି ଅଗ୍ନି ଗର୍ଭମଧ୍ୟରୁ ବାହାର କରି ସଙ୍ଗେ ସଙ୍ଗେ ଗଙ୍ଗାଜଳରେ ଭସାଇ ଦେବା ନିମନ୍ତେ ସୈନ୍ୟମାନଙ୍କୁ ନିର୍ଦ୍ଦେଶ ଦେଲା, ସୈନ୍ୟମାନେ ମଧ୍ୟ ଠାକୁରମାନଙ୍କୁ ଅଗ୍ନି ଗର୍ଭରୁ ବାହାର କରି ଗଙ୍ଗାଜଳରେ ଭସାଇ ଦେଲେ । ସେହି ତିନି ମୂର୍ତ୍ତି ଜଳରେ ଭାସି ଭାସି ଯାଇ ଜଣେ ଲୋକର ବଗିଚ୍ଛ ନିକଟରେ ଲାଗିବାରୁ ତାହାକୁ ସେ ଜାଳେଣି କାଠ ଭାବେ ବ୍ୟବହାର କରିବ ବୋଲି ସମସ୍ତ କାଠକୁ ତା ବଗିଚ୍ଛରେ ପକାଇ ଦେଲା । ମୁଁ ସେଠାରେ ପ୍ରାୟ ଆଠମାସ କାଳ ବାଦ୍ୟପଣ କରି ଅପେକ୍ଷା କଲି, କେତେବେଳେ ସେ ସୁଯୋଗ ଆସିବ, ଯେତେବେଳେ କି ମୁଁ ସେହି ଦରପୋଡା କାଠ ମଧ୍ୟରୁ ବ୍ରହ୍ମ ପଦାର୍ଥକୁ ବାହାର କରି ପୁନର୍ବାର କଳିଙ୍ଗ ରାଜ୍ୟକୁ ଫେରି ଆସିବି । ହେ ରାଜା ! ମୁଁ ବଙ୍ଗଳାରେ ରହି ବାଦ୍ୟପଣ କରି ବଞ୍ଚିବା ପାଇଁ ମୋର ଲକ୍ଷ୍ୟ ନୁହେଁ, କେବଳ ମୋ ଠାକୁରମାନଙ୍କ ବ୍ରହ୍ମ ପଦାର୍ଥକୁ କିପରି ଉଦ୍ଧାର କରି କଳିଙ୍ଗ ଫେରିବି, ସେହି ଚିନ୍ତା ହିଁ ଥାଏ ଦିନ ରାତି, କୌଣସି ଠାରେ ହିଁ ମୋର ମନ ଲାଗୁନଥାଏ । ସଦାବେଳେ ମୋ ହୃଦୟ କାନ୍ଦିବାରେ ଲାଗିଥାଏ । ଏହି ଭଳି ଚିନ୍ତା କରି କରି ଦିନେ ରାତିରେ ଶୋଇଛି ହଠାତ୍ ଗଙ୍ଗାକୂଳରୁ ଗୋଟିଏ ନାଉରୀଆର ଓଡ଼ିଆ ସଙ୍ଗୀତ ମୋ କାନରେ ବାଜିଲା । ସେତେବେଳକୁ ରାତି ଅଧ । ଚତୁର୍ଦ୍ଦିଗ ଶୂନ୍‌ଶାନ । ମୁହଁକୁ ମୁହଁ ଦିଶୁନଥାଏ । ସମୟେ ସମୟେ ଶ୍ୱାନ ଶୃଗାଳ ମାନଙ୍କର ବିକଟ ଚିତ୍କାର ବି ଶୁଭୁଥାଏ । ସେହି ସମୟରେ ମୁଁ ବିଛଣାରୁ ଉଠି ଗୋଟିଏ ମଶାଲ ଲଗାଇ ଗଙ୍ଗାକୂଳ ପର୍ଯ୍ୟନ୍ତ ଆସିଲି । ମୁଁ ନେଇଥିବା ମଶାଲକୁ ଗଙ୍ଗାକୂଳରେ ଛିଡା ହୋଇ ତିନିଥର ଉପରକୁ ଟେକି ସଙ୍କେତ ଦେଲି ସେହି ନାଉରିଆ ମାନଙ୍କୁ କୂଳକୁ ଆସିବା ପାଇଁ । ସେଠାକାର ମତ୍ସ୍ୟଜୀବୀମାନଙ୍କର ସଙ୍କେତ ହେଲା ଯଦି କୌଣସି ଲୋକ ଗଙ୍ଗାକୂଳରେ ବିପଦରେ ପଡିଥାଏ, ତାହା ପୁଣି ଯଦି ରାତିରେ ହୋଇଥାଏ ତେବେ ଗୋଟିଏ ନିଆଁ ବରିଆ ହେଉ, ଅଥବା ଜଳନ୍ତା ମଶାଲ ଦ୍ୱାରା ତିନିଥର ଉପରକୁ ଟେକି ସୂଚନା ଦିଏ, ଗଙ୍ଗା ଉପରେ ଯେକୌଣସି ନାଉରିଆ ଏହି ଦୃଶ୍ୟକୁ ଦେଖିଲେ ସେ କାଳ ବିଳମ୍ବ ନ କରି ସଙ୍ଗେ ସଙ୍ଗେ କୂଳକୁ ଆସି ବିପଦରେ ପଡିଥିବା ଲୋକଟିକୁ ଉଦ୍ଧାର କରେ । (କ୍ରମଶଃ)

ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

# ମଶା ମାରିବାର ସାତ ସହଜ ଉପାୟ



ଲକ୍ଷ୍ୟ କରଥିବେ ମଶା ଆଜିକାଲି ସହଜରେ ମରୁନାହାନ୍ତି । ମଶା ମାରିବା ପାଇଁ କର୍ପୋରେସନ୍/ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ସହରର ନାଳ ନର୍ଦ୍ଦମାରେ ଲକ୍ଷ ଲକ୍ଷ ଟଙ୍କାର ତେଲ ଢାଳୁଛନ୍ତି । ଗଳି ଗଳି ବୁଲି ଧୂଆଁ ଦେଉଛନ୍ତି । ଧୂଆଁରେ ଆପଣ ଅଣନିଶ୍ୱାସୀ ହୋଇଯାଉଛନ୍ତି, ହେଲେ ମଶା ଯେମିତିକୁ ସେମିତି । ଆପଣ କହିବେ ସେମାନେ କାଗଜପତ୍ରରେ ତେଲ ଢାଳୁଥିବେ । ନକଲି ଧୂଆଁ ଛାଡୁଥିବେ । ସେଥିପାଇଁ ମଶାର କିଛି ହେଉନି । ଆଚ୍ଛା, ଆପଣ ଟେଲିଭିଜନର ବିଜ୍ଞାପନରେ ମୋହିତ ହୋଇ ଯେଉଁ ମଶା ଧୂପ କିଣୁଛନ୍ତି, ତେଲ ଆଣି ପ୍ଲଗ୍‌ରେ ଗେଂଜୁଛନ୍ତି - ସେଥିରେ ମଶା ମରୁଛି ? ଖୁବ ଜୋରରେ ଯେଉଁ ଘରେ ଏସବୁ ଅଛି- ସେଇ ଘରୁ କେଇ ଘଣ୍ଟା ପାଇଁ ଚାଲି ଯାଉଛନ୍ତି । ଘଣ୍ଟା କେଇଟା ପରେ ମଶା ଯେମିତିକୁ ସେମିତି । କଣ କରାଯାଏ ?

ଆଚ୍ଛା ସାମାଜିକ ଗଣମାଧ୍ୟମରେ ଆଜିକାଲି ସବୁ ସମସ୍ୟାର ସମାଧାନ ମିଳିଯାଉଛି । କରୋନା ଭାଇରସ୍‌ରୁ କେମିତି ବଞ୍ଚି ପାରିବେ ସେ କଥା ବି ସାମାଜିକ ଗଣମାଧ୍ୟମରେ ମିଳିଯାଉଛି । ପୁଣି ଗୋଟିଏ ଉପାୟ ନୁହେଁ- ପଚିଶ ଉପାୟ ମିଳିଯାଉଛି: ଅମକ ଫୁଟେଇ ଖା, ସମକ ଲଗେଇ ବୁଲ୍ । ମିଛରେ ଯାହା ଆମ ସରକାର ମୁଣ୍ଡ ବାଡ଼େଇ ହଉଛନ୍ତି ଆଉ କିଛି ଲୋକ ଡରିମରି ମୁଖା ପିନ୍ଧି ବୁଲୁଛନ୍ତି !

ସାମାଜିକ ଗଣମାଧ୍ୟମର ଶିକିଚିଲିଆ କଥା ଛାଡ଼ନ୍ତୁ । ଆଜିକାଲି ସବୁ ସମସ୍ୟାର ସମାଧାନ ଆଉ ପାରମ୍ପରିକ ଉପାୟରେ ହୋଇପାରିବନି । ଇନୋଭେଟିଭ୍ ଚିନ୍ତା ଦରକାର । ତ ମୁଁ ଆଉ ମୋ ବନ୍ଧୁ ନବଘନ ତିନିଟି ସଂଧ୍ୟା ଏଦିଗରେ ଗଭୀର ଚିନ୍ତା କଲୁ । ଆଉ କେତେଗୁଡ଼ିଏ ଉପାୟ ବାହାର କଲୁ । ତାହା ଏଠି ଲେଖିଦଉଛୁ । ଟ୍ରାଇ କରିପାରନ୍ତି । ମଶା ଯଦି ଚାଲିଗଲେ ତ ବହୁତ ଭଲ । ନଗଲେ- କଣ ଆଉ କରାଯାଏ ! ଏମିତିରେ କଉ ସେମାନେ ଯାଉଥିଲେକି ?

୧. ବେସୁରା କଣ୍ଠରେ ଲତା ମଙ୍ଗେସକର କିମ୍ବା କୁମାର ଗନ୍ଧର୍ବଙ୍କ ଶାସ୍ତ୍ରୀୟଧର୍ମୀ ଗୀତ ଗାଆନ୍ତୁ । ଉଚ୍ଚ କଣ୍ଠରେ । ମଶା ଲାଜରେ ମରିଯିବ । କହିବ- ସଂଗୀତକୁ ହତ୍ୟା କରୁଥିବା ଏମିତି ବେସୁରା ଲୋକର ରକ୍ତ ପିଇବାଠୁଁ ବରଂ ମରିଯିବା ଭଲ ।

୨. ନବୀନ ପଟ୍ଟନାୟକଙ୍କ ଭାଷଣର ଅଡିଓ ରେକର୍ଡ଼ ବଜାନ୍ତୁ । ମଶା ତାକୁ ଶୁଣିଲା ମାତ୍ରେ ସେ ଏରିଆ ଛାଡ଼ି ଚାଲିଯିବ । କହିବ: ଏମିତି ଓଡ଼ିଆ ଶୁଣିବାଠୁଁ ବରଂ ଏ ଜାଗା ଛାଡ଼ି ଚାଲିଯିବା ଭଲ । ନରେନ୍ଦ୍ର ମୋଦିଙ୍କ ଅଚ୍ଛେ ଦିନ ଭାଷଣର ରେକର୍ଡ଼ ବଜେଇଲେ ବି ସମାନ ଇଫେକ୍ଟ ହେବ । ମଶା କହିବ: ଚାଲ ଦେଖିଆସିବା କେଉଁଠି ଅଚ୍ଛେ ଦିନ ଆସିଛି ।

୩. ନିଜେ ବିଷ ପିଇ ଦିଅନ୍ତୁ । ମଶା ଆପଣଙ୍କୁ କାମୁଡ଼ିବ ଆଉ ମରିବ । ଆପଣଙ୍କର କଣ ହେବ ସେକଥା ପରେ ବୁଝିବା । ଆମର କାମ ମଶା ମାରିବା । ଆଜିକାଲି ଏଇ ନୀତିରେ ବହୁତ କାମ କରାଯାଉଛି । ଭୁବନେଶ୍ୱରରେ ପ୍ରାକୃତିକ ନାଳକୁ ପୋତି ଉଚ୍ଚା ଉଚ୍ଚା ଆପାର୍ଟମେଣ୍ଟ୍ ତିଆରି କରିବା ଏଇ ଭଳି କାମର ଗୋଟେ ଉଦାହରଣ । ଏବେ ବେଙ୍ଗ ମୁତିଲେ ବନ୍ୟା ।

୪. ନିଜେ ମଦ ପିଇ ଶୋଇବାକୁ ଯାଆନ୍ତୁ । ମଶା ଆପଣଙ୍କୁ କାମୁଡ଼ିଲେ ଆପଣଙ୍କ ରକ୍ତରେ ମିଶିଥିବା ଆଲ୍‌କୋହଲ୍ ତା ଶରୀରରେ ପ୍ରବେଶ କରିବ । ସେ ଟୁନ୍ ହୋଇ ପଡ଼ିରହିବ । ପରଦିନ ସକାଳେ ଆପଣ ଆଗେ ଉଠି ସେମାନଙ୍କୁ ଖୋଜି ଖୋଜି ମାରି ପକେଇବେ ।

୫. ନିଜ ଛାତିରେ ଲେଖିଦିଅନ୍ତୁ: ମୋତେ କରୋନା ହୋଇଥିଲା । ଛାତିରେ ଲେଖିବାକୁ ଟିକେ ଅସୁବିଧା ହେଉଥିଲେ ଟି-ଶାର୍ଟରେ ଛପେଇ ଦିଅନ୍ତୁ ଆଉ ତାକୁଇ ପିନ୍ଧି ଶୁଅନ୍ତୁ । ମଶା ତାକୁ ପଢ଼ିବ । ଆଉ କରୋନା ହୋଇଯିବା ଭୟରେ ଆପଣଙ୍କୁ କାମୁଡ଼ିବ ନାହିଁ । ତେବେ ଏହା କେବଳ ଆଖପାଖରେ ସ୍କୁଲକଲେଜ ଥିଲାବାଲା ଅଞ୍ଚଳରେ କାମ କରିବ- ଯେଉଁଠି ମଶା ଅକ୍ଷର ପଢ଼ି ଶିଖିଥିବ ।

୬. ନିଜ ଘର ସାମ୍ନାରେ ଗୋଟେ ବୋର୍ଡ ମାରିଦିଅନ୍ତୁ: ମଶାମାନଙ୍କ ପାଇଁ ଆହାର କେନ୍ଦ୍ରକୁ ରାସ୍ତା । ଆଉ ତା ତଳେ ଗୋଟେ ତୀର ଆଙ୍କି ଦିଅନ୍ତୁ । ମଶା ତାର ଆହାର କେନ୍ଦ୍ର ଖୋଜିବାକୁ ଚାଲିଯିବ । ଆପଣଙ୍କ ଘରକୁ ଆଉ ଆସିବ ନାହିଁ ।

୭. ଦୁଇ ହାତରେ ତାଳି ବଜାନ୍ତୁ । ଆଉ ପାଟି କରି କହନ୍ତୁ: ମଶା ମରିଗଲା । ମଶା ମରିଗଲା । ମଶା କନ୍‌ଫ୍ୟୁଜ୍ ହୋଇଯିବ ସେ ତ ମରିନି, ତେବେ ଲୋକଟା ମରିଗଲା ମରିଗଲା ବୋଲି କହୁଛି କାହିଁକି ! ଆପଣ କହିବା ଜାରି ରଖନ୍ତୁ । ଗୋଟେ ସମୟରେ ମଶାକୁ ସନ୍ଦେହ ହେବ- ସେ କଣ ସତରେ ବଞ୍ଚିଛି ! ଏଇ କନ୍‌ଫ୍ୟୁଜନ୍‌ରେ ଦେଖିବେ ସତକୁ ସତ ସେ ମରିଯିବ । ଏଟା ବଡ଼ ସଫିଷ୍ଟିକେଟେଡ୍ ଟେକ୍‌ନିକ୍ । ଏ ଟେକ୍‌ନିକ୍‌ଟି କେବଳ ମଶା ମାରିବା ପାଇଁ ନୁହେଁ ଲୋକଙ୍କୁ ପାଇକାରୀ ରେଟ୍‌ରେ ଭୁଆଁ ବୁଲେଇବା ପାଇଁ ବି ବ୍ୟବହାର କରାଯାଇପାରେ । କରାଯାଉଛି । ଆଜିକା ଭାଷାରେ ଏହାକୁ ଗ୍ୟାସ-ଲାଇଟିଙ୍ଗ ବୋଲି କୁହାଯାଏ । ମେରିଅମ-ଓ୍ୱେବଷ୍ଟାର ଅଭିଧାନ ଏହାକୁ ୨୦୨୨ରେ 'ଓ୍ୱାର୍ଡ ଅଫ ଦି ଇଅର' ଘୋଷଣା କରିଥିଲେ ।



କିଶୋର ଚନ୍ଦ୍ର ଜେନା
ସ୍ୱେଚ୍ଛାକୃତ ବରିଷ୍ଠ ଅଧିକାରୀ,
ବି.ଏସ.ଏନ.ଏଲ
ଏବଂ ଅଧିବକ୍ତା, ଭୁବନେଶ୍ୱର
ମୋ: ୯୪୩୭୦୪୧୩୦୦

# ଶତ୍ରୁବୋଧର ମହତ୍ତ୍ୱ

**୨୨ ଅପ୍ରେଲ ୨୦୨୫ ପେହେଲଗାଓଁ ଘଟଣା ପରେ ଆମର ସେନା ପାକିସ୍ତାନର ଅନେକ ଆତଙ୍କୀ ଶିବିର, ୧୦ଟି ପ୍ରମୁଖ ବାୟୁସେନା କେନ୍ଦ୍ରକୁ କ୍ଷତି ଘଟାଇବା ସହିତ ଲସ୍କର-ଇ-ତୋଇବା, ଜୈସ୍-ଇ-ମହମ୍ମଦ, ହଜିବୁଲ୍ଲା ମୁଜାହିଦ୍ଦିନ ଭଳି ଆତଙ୍କୀ ସଂଗଠନର ତାଲିମ କେନ୍ଦ୍ରକୁ ଭାରତ ଦୃଢ ଜବାବ ଦେଇଥିଲା । ସମସ୍ତେ ଏବେ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି ଯେ ଭାରତ କ'ଣ ପାଇଁ ଯୁଦ୍ଧ ବନ୍ଦ କଲା ? ଏହାର ଉତ୍ତରରେ ଏତିକି କୁହାଯାଇପାରେ ଯେ ପାକିସ୍ତାନ ସେନା ପାଗ ଭିଡିଲା ବେଳକୁ ଭାରତୀୟ ସେନା ତୁରନ୍ତ ଆକ୍ରମଣ କଲା, ଯାହା କ୍ଷତି କରିବା କଥା କ୍ଷତି କଲା । ସେନାବାହିନୀରେ ଏହାକୁ କ୍ୱିଇଜ-ଇନ ଓ କ୍ୱିଜ ଆଉଟ ବୋଲି କୁହାଯାଏ । ଦ୍ୱିତୀୟରେ ବିଶ୍ୱସ୍ଥିତି ପରିପ୍ରେକ୍ଷୀରେ ଅନୁଧ୍ୟାନ କଲେ ଜଣାପଡୁଛି ଯେ ୟୁକ୍ରେନ ଏବଂ ରୁଷିଆ ଯୁଦ୍ଧ ଭିତରେ ଲୁକ୍କାୟିତ ଥିବା ତଥ୍ୟ ହେଲା ଦୀର୍ଘଦିନ ଯୁଦ୍ଧ ବଳବତ୍ତର ରଖି ରୁଷର ଆର୍ଥିକ ମେରୁଦଣ୍ଡକୁ ଦୁର୍ବଳ କରିବ । ସେହିପରି ବିଶ୍ୱରେ ଅନେକ ଦେଶ ଆଜି ଭାରତର ଆର୍ଥିକ ଅଗ୍ରଗତିରେ ଅସୂୟାଭାବ ପ୍ରଦର୍ଶନ କରି ଭାରତ ଓ ପାକିସ୍ତାନ ମଧ୍ୟରେ ଦୀର୍ଘସୂତ୍ରୀ ଯୁଦ୍ଧ ମାଧ୍ୟମରେ ଭାରତର ଅର୍ଥନୀତିକୁ ପ୍ରଭାବିତ ଓ ପ୍ରତିହତ କରିବା ଥିଲା ସେମାନଙ୍କର ମୂଳଲକ୍ଷ୍ୟ । ଭାରତ ଆଜି ବିଶ୍ୱରେ ଚତୁର୍ଥ ଆର୍ଥିକ ମହାଶକ୍ତି ଭାବରେ ଉଭା । ତେଣୁ ପୃଥିବୀରେ ବହୁତ ପାଶ୍ଚାତ୍ୟ ଶକ୍ତି ଚାହୁଁଛନ୍ତି ଯେ ଭାରତ ଓ ପାକିସ୍ତାନ ମଧ୍ୟରେ ଅଧିକ ଦିନ ଧରି ଯୁଦ୍ଧ ବଳବର ରହିଲେ ଭାରତର ଦ୍ରୁତ ଅର୍ଥନୀତିର ପ୍ରଗତି ବ୍ୟାହତ ହେବ । ଏହା ପାଶ୍ଚାତ୍ୟ ଦେଶ ମାନଙ୍କର ଶତ୍ରୁବୋଧର ଏକ ଅଂଶବିଶେଷ । ଅନ୍ତଃ ଶତ୍ରୁମାନେ ମଧ୍ୟ ଭାରତରେ ତାଙ୍କର ହୀନ କୁଚକ୍ରୀ ଏବଂ ଦୀର୍ଘ ସୂତ୍ରୀ ଅଭିସନ୍ଧି ମାଧ୍ୟମରେ ଭାରତରେ ଛାୟା ଯୁଦ୍ଧ ଚଳାଇଛନ୍ତି ।**

ଶତ୍ରୁବୋଧ ଶବ୍ଦଟି ସଂସ୍କୃତରୁ ଉଦ୍ଧୃତ ହୋଇଅଛି ଯାହାର ଅର୍ଥ ହେଲା ଶତ୍ରୁ ବିଷୟରେ ବିଶେଷ ଜ୍ଞାନ ଆହରଣ କରିବା । ବୈଦିକ ଦର୍ଶନ ଶାସ୍ତ୍ରରେ ଚାଣକ୍ୟ ନୀତି ଶତ୍ରୁବୋଧ ଉପରେ ଗଭୀର ଆଲୋକପାତ କରିଅଛି । ଶତ୍ରୁବୋଧର ପରିଧିରେ ବିଶେଷତଃ ଦୁଇଟି ପରିଧି ହେଲା ଅନ୍ତଃଶତ୍ରୁ ଓ ବହିଃଶତ୍ରୁ । ଇତିହାସର ପୃଷ୍ଠାକୁ ଲେଉଟାଇଲେ ଆମ୍ଭେ ଜାଣିପାରିବା ଯେ ଆମର ଦେଶ ହଜାର ବର୍ଷ ଧରି ପରାଧୀନ ହେବାର କାରଣ ହେଲା ଅନ୍ତଃଶତ୍ରୁ ମାନଙ୍କ ହୀନ ଚକ୍ରାନ୍ତ । ଅନେକ ଉଦାହରଣ ମଧ୍ୟରୁ ଗୋଟିଏ ପ୍ରମୁଖ ଉଦାହରଣ ହେଲା ପୃଥ୍ୱୀରାଜ ଚୌହାନ ମହମ୍ମଦ ଘୋରୀଙ୍କୁ ଯୁଦ୍ଧରେ ବାରମ୍ବାର ପରାସ୍ତ କରିବା ସତ୍ତ୍ୱେ ଶେଷରେ ଜୟଚନ୍ଦ୍ରଙ୍କ ଚକ୍ରାନ୍ତ ଯୋଗୁ ସେ ମହମ୍ମଦ ଘୋରୀଙ୍କ ଦ୍ୱାରା ପରାସ୍ତ ହୋଇ ମୃତ୍ୟୁବରଣ କରିଥିଲେ ।

୨୨ ଅପ୍ରେଲ ୨୦୨୫ ପେହେଲଗାଓଁ ଆକ୍ରମଣ ଆମ ଦେଶ ଏବଂ ସାରା ବିଶ୍ୱ ପାଇଁ ଏକ କଳଙ୍କିତ ଅଧ୍ୟାୟ ଯେଉଁଦିନ ମାନବିକତାର ଘୋର ଭୂସ୍ଖଳନ ଓ ମାନବିକତାର ହନନର କାହାଣୀକୁ ଇତିହାସ ପୃଷ୍ଠାରେ ଲିପିବଦ୍ଧ କରିଛି । ଏହା ପୂର୍ବରୁ ପାକିସ୍ତାନ ସ୍ଥଳସେନା ଦକ୍ଷ ଅସୀର ମୁନୀରଙ୍କର ଥିଓରି ଅଫ୍ ଟୁ ନେସନ ସୂଚାଇ ଦେଇଛି ଯେ, ପାକିସ୍ତାନ ଆମର ପରମ ଶତ୍ରୁ । ଶତ୍ରୁବୋଧର ଜ୍ଞାନକୁ ଭାରତ କେବେବି ଏ ପର୍ଯ୍ୟନ୍ତ ଗୁରୁତ୍ୱ ଦେଇନଥିଲା । ଅପରେସନ ସିନ୍ଦୁରରେ ଶତ୍ରୁବୋଧର ପରିଭାଷାକୁ ଠିକ୍ ଭାବରେ ଉପଲବ୍ଧି କରି ମେ ୭ ତାରିଖରେ ଅପରେସନ ସିନ୍ଦୁର ଦ୍ୱାରା ହିଁ ପାକିସ୍ତାନ ଉପରେ ପ୍ରଚଣ୍ଡ ଆକ୍ରମଣ କରି ଠିକଣା ଜବାବ ଦେଲା ଏବଂ ଆମ ଦେଶରେ ଅନ୍ତଃ ଶତ୍ରୁମାନଙ୍କୁ ଚିହ୍ନଟ କରି ମାଟିରେ ମିଶାଇଲା ଏବଂ ଏପର୍ଯ୍ୟନ୍ତ ମଧ୍ୟ ପାକିସ୍ତାନ ବିରୁଦ୍ଧରେ ଅପରେସନ ସନ୍ଦୁର ଜାରି ରହିଛି ।

୨୨ ଅପ୍ରେଲ ୨୦୨୫ ପେହେଲେଗାଓଁ ଘଟଣା ପରେ ଆମର ସେନା ପାକିସ୍ତାନର ଅନେକ ଆତଙ୍କୀ ଶିବିର, ୧୦ଟି ପ୍ରମୁଖ ବାୟୁସେନା କେନ୍ଦ୍ରକୁ କ୍ଷତି ଘଟାଇବା ସହିତ ଲସ୍କର-ଇ-ତୋଇବା, ଜୈସ୍-ଇ-ମହମ୍ମଦ, ହଜିବୁଲ୍ଲା ମୁଜାହିଦ୍ଦିନ ଭଳି ଆତଙ୍କୀ ସଂଗଠନର ତାଲିମ କେନ୍ଦ୍ରକୁ ଭାରତ ଦୃଢ ଜବାବ ଦେଇଥିଲା । ସମସ୍ତେ ଏବେ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି ଯେ ଭାରତ କ'ଣ ପାଇଁ ଯୁଦ୍ଧ ବନ୍ଦ କଲା ? ଏହାର ଉତ୍ତରରେ ଏତିକି କୁହାଯାଇପାରେ ଯେ ପାକିସ୍ତାନ ସେନା ପାଗ ଭିଡିଲା ବେଳକୁ ଭାରତୀୟ ସେନା ତୁରନ୍ତ ଆକ୍ରମଣ କଲା, ଯାହା କ୍ଷତି କରିବା କଥା କ୍ଷତି କଲା । ସେନାବାହିନୀରେ ଏହାକୁ କ୍ୱିଇଜ-ଇନ ଓ କ୍ୱିଜ ଆଉଟ ବୋଲି କୁହାଯାଏ । ଦ୍ୱିତୀୟରେ ବିଶ୍ୱସ୍ଥିତି ପରିପ୍ରେକ୍ଷୀରେ ଅନୁଧ୍ୟାନ କଲେ ଜଣାପଡୁଛି ଯେ ୟୁକ୍ରେନ ଏବଂ ରୁଷିଆ ଯୁଦ୍ଧ ଭିତରେ ଲୁକ୍କାୟିତ ଥିବା ତଥ୍ୟ ହେଲା ଦୀର୍ଘଦିନ ଯୁଦ୍ଧ ବଳବତ୍ତର ରଖି ରୁଷର ଆର୍ଥିକ ମେରୁଦଣ୍ଡକୁ ଦୁର୍ବଳ କରିବ । ସେହିପରି ବିଶ୍ୱରେ ଅନେକ ଦେଶ ଆଜି ଭାରତର ଆର୍ଥିକ ଅଗ୍ରଗତିରେ ଅସୂୟାଭାବ ପ୍ରଦର୍ଶନ କରି ଭାରତ ଓ ପାକିସ୍ତାନ ମଧ୍ୟରେ ଦୀର୍ଘସୂତ୍ରୀ ଯୁଦ୍ଧ ମାଧ୍ୟମରେ ଭାରତର ଅର୍ଥନୀତିକୁ ପ୍ରଭାବିତ ଓ ପ୍ରତିହତ କରିବା ଥିଲା ସେମାନଙ୍କର ମୂଳଲକ୍ଷ୍ୟ । ଭାରତ ଆଜି ବିଶ୍ୱରେ ଚତୁର୍ଥ ଆର୍ଥିକ ମହାଶକ୍ତି ଭାବରେ ଉଭା । ତେଣୁ ପୃଥିବୀରେ ବହୁତ ପାଶ୍ଚାତ୍ୟ ଶକ୍ତି ଚାହୁଁଛନ୍ତି ଯେ ଭାରତ ଓ ପାକିସ୍ତାନ ମଧ୍ୟରେ ଅଧିକ ଦିନ ଧରି ଯୁଦ୍ଧ ବଳବର ରହିଲେ ଭାରତର ଦ୍ରୁତ ଅର୍ଥନୀତିର ପ୍ରଗତି ବ୍ୟାହତ ହେବ । ଏହା ପାଶ୍ଚାତ୍ୟ ଦେଶ ମାନଙ୍କର ଶତ୍ରୁବୋଧର ଏକ ଅଂଶବିଶେଷ ।

ଅନ୍ତଃ ଶତ୍ରୁମାନେ ମଧ୍ୟ ଭାରତରେ ତାଙ୍କର ହୀନ କୁଚକ୍ରୀ ଏବଂ ଦୀର୍ଘ ସୂତ୍ରୀ ଅଭିସନ୍ଧି ମାଧ୍ୟମରେ ଭାରତରେ ଛାୟା ଯୁଦ୍ଧ ଚଳାଇଛନ୍ତି । ଭାରତରେ ଆଇ.ଏସ୍.ଆଇ ମଧ୍ୟ ତାର ଲକ୍ଷ୍ୟ ସାଧନ ପାଇଁ ବ୍ୟସ୍ତ । ଅପରେସନ ସିନ୍ଦୁରରେ ଭାରତ ଶତ୍ରୁବୋଧ ବିରୁଦ୍ଧରେ ନେଇଥିବା ପ୍ରମୁଖ ବିନ୍ଦୁ ଗୁଡ଼ିକ ହେଲା ଭାରତ ବିପକ୍ଷରେ ୮୦୦୦ ସାମାଜିକ ଗଣମାଧ୍ୟମ ଆକାଉଣ୍ଟକୁ ଅଚଳ କରିବା ଓ ରାଜନୈତିକ ବିରୁଦ୍ଧାଭାଷ ଗୋଷ୍ଠୀଙ୍କ ହୀନ ବା ବ୍ୟକ୍ତିକୈନ୍ଦ୍ରିକ ସ୍ୱାର୍ଥକୁ ଦମନ କରିବା, ଇଣ୍ଡୋଇଣ୍ଡସ୍ ପାଣି ଚୁକ୍ତିକୁ ରଦ୍ଦ କରିବା, ପ୍ରଥମେ ଆଣବିକ ଯୁଦ୍ଧାସ୍ତ୍ର ବ୍ୟବହାର ନ କରିବା, ପାକିସ୍ତାନ ଭାରତ ଉପରେ ଆଣବିକ ଅସ୍ତ୍ର ପ୍ରୟୋଗକୁ ବାରମ୍ବାର ଧମକକୁ ହସ୍ୟାସ୍ପଦ ବା ଗୌଣ ଭାବିବା, ପ୍ରଧାନମନ୍ତ୍ରୀଙ୍କ ଘୋଷଣା-ଭବିଷ୍ୟତରେ କୌଣସି ଆତଙ୍କବାଦୀ ଆକ୍ରମଣକୁ ଗୁରୁତ୍ୱର ସହିତ ନିଆଯାଇ କଠୋର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ପାକିସ୍ତାନର କୌଶଳକ୍ରମେ ଆତଙ୍କବାଦୀଙ୍କୁ ସ୍ୱାଧୀନତା ସଂଗ୍ରାମୀ ଭାବେ ଆଖ୍ୟା ଦେବା ନୀତିକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବା, ଜାତିସଂଘ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଆତଙ୍କ ସଂଗଠନ ଯଥା ଏଲ୍-ଇ-ଟି, ଜେସ୍-ଇ-ମହମ୍ମଦ ଭଳି ଆତଙ୍କି ଗୋଷ୍ଠୀଙ୍କୁ ଏବଂ ଆତଙ୍କି ସ୍ଥାନକୁ ଚିହ୍ନଟ କରି ଧ୍ୱଂସ କରିବା, ପାକିସ୍ତାନକୁ ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠିରୁ ମିଳୁଥିବା ଋଣକୁ ରୋକିବା, ପାକିସ୍ତାନକୁ ଏଫ୍.ଏ.ଟି.ଏଫ୍.ରେ ଗ୍ରେ ଲିଷ୍ଟରେ ରଖିବା ଇତ୍ୟାଦି ଇତ୍ୟାଦି ।

ଶତ୍ରୁବୋଧର ସିଦ୍ଧାନ୍ତ ବା ମହତ୍ତ୍ୱକୁ ଆମର ଗୀତା ସାଂଖ୍ୟ ଯୋଗରେ ଖୁବ୍ ସୁନ୍ଦର ଭାବରେ ବର୍ଣ୍ଣନା କରିଅଛି । 'ନାସତୋ ବିଦ୍ୟତେ ଭାବୋ-ନାଭାବୋ ବିଦ୍ୟତେ ସତଃ ନଭୟୋରପି ଦୃଷ୍ଟୋଅନ୍ତସ୍ୱନୟୋ ସ୍ତତ୍ତ୍ୱଦର୍ଶଭି । ୧୬ । (ଦ୍ୱିତୀୟ ଅଧ୍ୟାୟ) । ଏହାର ଅର୍ଥ ହେଲା ଯେଉଁମାନେ ତତ୍ତ୍ୱଦର୍ଶୀ, ସେମାନେ ଏହି ସିଦ୍ଧାନ୍ତ ଦେଇଛନ୍ତି ଯେ, ଅସତ୍‌ର ଶାଶ୍ୱତତା ନାହିଁ ଏବଂ ସତ୍‌ର ଅଭାବ ନାହିଁ ଅର୍ଥାତ୍ ସତ ହିଁ ଶାସ୍ୱତ ଭାବେ ବିଦ୍ୟମାନ । ତେଣୁ ନିରୀହ ଲୋକଙ୍କୁ ତାଙ୍କ ପତ୍ନୀଙ୍କ ସମ୍ମୁଖରେ ଅମାନୁଷିକ ଭାବେ ହତ୍ୟା କରିବା କ'ଣ ସତ୍ (କ'ଣ ମୁସ୍‌ଲିମ ଧର୍ମରେ ଜେହାଦ ଅଟେ ?) ତେଣୁ ଯେ ଅଧର୍ମ ସେ ଅସତ୍ୟ ଯେହେତୁ ଏହା ଅସତ୍ୟ, ଅଧର୍ମ ତେବେ ଭାରତର ଅପରେସନ ସିନ୍ଦୁର ଦ୍ୱାରା ପାକିସ୍ତାନ ଉପରେ ପ୍ରଚଣ୍ଡ ଆକ୍ରମଣ ଯଥାର୍ଥତା ଓ ଶତ୍ରୁବୋଧର ଏକ ପରମ ବୈଶିଷ୍ଟ୍ୟ । ଭଗବତ ଗୀତାରେ ମଧ୍ୟ ଷୋଡ଼ଶ ଅଧ୍ୟାୟରେ ଶତ୍ରୁବୋଧ ଉପରେ ଆଉ ଗୋଟିଏ ଜ୍ଞାନ ପ୍ରଦାନ କରି ଉଦ୍‌ଘୋଷଣା କରିଛି : 'ଏତାଂ ଦୃଷ୍ଟିମବଷ୍ଟଭ୍ୟ ନଷ୍ଟାତ୍ମାନୋ ଅଳ୍ପବୃଦ୍ଧୟଃ । ପ୍ରଭବନ୍ତ୍ୟୁଗ୍ରକର୍ମାଣଂ କ୍ଷୟାୟ ଜଗତୋ ଅହିତାଃ ।୯ । ଅସୁର ସ୍ୱଭାବ ସମ୍ପନ୍ନ ବ୍ୟକ୍ତିଗତ ଜଗତରେ କ୍ଷୟ ନିମିତ୍ତ ଅମଙ୍ଗଳପ୍ରଦ ଉଗ୍ର କର୍ମରେ ବ୍ୟାପ୍ତ ହୁଅନ୍ତି । ସେମାନେ ଦୁଷ୍ଟାତ୍ମା ଓ ଅଳ୍ପ ବୁଦ୍ଧି ସମ୍ପନ୍ନ ଅଟନ୍ତି । ଏଠାରେ ଆତଙ୍କି ସଂଗଠନ ଲସ୍କର-ଇ-ତୋଇବା, ଜେସ୍-ଇ-ମହମ୍ମଦ ଆଦି ସଂଗଠନ ଗୁଡ଼ିକ ହେଲେ ଅସୁର ଗଣ । ଅସୁର ମାନଙ୍କ ପ୍ରବୃତ୍ତି ହେଲା ଧ୍ୱଂସ ଘଟାଇବା, ଅମାନୁଷିକ, ପଶୁ ହିଂସାଯୁକ୍ତ କ୍ରୁର, ହିଂସ୍ର ଆଦି ସ୍ୱଭାବର, ଏ ପ୍ରକାର ଲୋକମାନଙ୍କୁ ଶତ୍ରୁ ବୋଲି ଭାବିବା ଭାଗବତ ଗୀତା ଉଦ୍‌ଘୋଷଣା କରିଅଛି । ତେଣୁ ଅପରେସନ ସିନ୍ଦୁରରେ ପ୍ରଥମ ଥର ପାଇଁ ଭାରତ ଶତ୍ରୁବୋଧର ମହତ୍ତ୍ୱ ବୁଝି ସଠିକ୍ ରଣ କୌଶଳ ପୂର୍ବକ ଆକ୍ରମଣ କରି ନିଜର ସୌର୍ଯ୍ୟ ପୃଥିବୀ ସମ୍ମୁଖରେ ଉପସ୍ଥାପନ କରିଛି ଏବଂ ପ୍ରମାଣ ଦେଉଛି ଯେ ଶତ୍ରୁବୋଧ କଣ ଓ କାହିଁକି ?

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଭାଗ ମାପ

ରତ୍ନକାନ୍ତି ମିଶ୍ର

'ତୁମକୁ ଖରାପ ଲାଗୁନି ଅପା। ପଡିଶା ଲୋକେ ତୁମ ନାଁ ରେ କେତେ କ'ଣ କହୁଛନ୍ତି। ସବୁ ଶୁଣି ନଶୁଣିଲା ଭଳି ଏଇଠି ଆସି ରହିଛ ? ଲାଜ ସରମ ସବୁ ପୋଡି ଖାଇସାରିଲଣି ! ମୁଁ ତୁମ ଜାଗାରେ ଥିଲେ ନିଜ ଇଜ୍ଜତକୁ ଜଗି ବାପଘରେ ଯାଇଁ ପଡିରହି ନଥାନ୍ତି।'

ଭାଉଜର ତାତ୍ସଲ୍ୟ ଭରା କଥା ଚୁପଚାପ ଆଜି ବି ଶୁଣିଲା ବିନି। ଶାଶୁଘରୁ ଯେବେଠୁ ଆସିଲାଣି ଏମିତି କେତେ କଥା ଶୁଣି ଆସୁଛି ବିନି। ପ୍ରଥମେ ପ୍ରଥମେ ବୁଝାଇବା ଛଳରେ ଭାଉଜ ତାକୁ ଶାଶୁଘରକୁ ପୁଣି ଥରେ ଫେରିଯିବାକୁ କହୁଥିଲା। କ୍ରମେ ସେଇ ବୁଝାଇବା ଲାଞ୍ଛନା ରେ ପରିଣତ ହୋଇ ସାରିଥିଲା। ବାପା ଯିବାପରେ ବୋଉର ମୁରବୀତ୍ୱ ଯେମିତି ନୀରବ ହୋଇ ଯାଇଥିଲା ବୋଲି ଅନୁଭବ କରେ ବିନି।

ଶାଶୁଘରେ ନିର୍ଯାତନା ସହି ନପାରି ଏମିତି ଆଗରୁ ଦୁଇଥର ବି ବିନି ପଳେଇ ଆସିଥିଲା ବାପଘରକୁ। ହେଲେ ଯେଉଁ କାରଣ ପାଇଁ ସେ ବାପଘରକୁ ଆସିବାକୁ ବାଧ ହୁଏ ତା'ର ନିରାକରଣ କରିବା ପରିବର୍ତ୍ତେ ଭାଇ ଭାଉଜ ତାକୁ ବାଧ କରି ଶାଶୁଘରକୁ ପଠାଇ ଦିଅନ୍ତି।

ପ୍ରଥମ ଥର ମଦ୍ୟପ ସ୍ୱାମୀଙ୍କ ଠାରୁ ମାଡ ଖାଇ ଘରକୁ ଆସିଥିଲା ବେଳେ ବୋଉ ତା ହାତରୁ ଓହ୍ଲାଇ ସୁନାଚୁଡି ଦୁଇ ପଟ ଦେଇଥିଲା। ହେଲେ ସେତିକିରେ ତା ସ୍ୱାମୀ ସନ୍ତୁଷ୍ଟ ନଥିଲା। କେଇଦିନ ପରେ ଆରମ୍ଭ ହୋଇ ଯାଇଥିଲା ପୁଣି ମାଡ଼, ଗାଳି ଆଉ ଯାବତୀୟ ନିର୍ଯାତନା।

ଦୁଇଦିନ ଉପାସରେ ବିତାଇ ବହୁ କଷ୍ଟରେ ଘରେ ପହଞ୍ଚି ଭାଇ ଆଉ ବୋଉକୁ କହିଲା ସବୁକଥା। ବୋଉ ଆଖିରୁ ଲୁହ ଶୁଖୁନଥିଲା। ପୁଅକୁ କହି ନିରାଶ ହେଲା ପରେ କ'ଣ ବା ସେ ଆଉ କରିପାରିଥାନ୍ତା ?

ବୋଉ ଶେଷରେ ଝିଅକୁ ବୁଝାଇଲା 'ଏମିତି ବୋହୂମାନଙ୍କୁ ସହିବାକୁ ପଡେ। ତୁ ବି ସହୁଥା। ଭଗବାନ ଚାହିଁଲେ ତୋ କୋଳ ପୁରି ଉଠିବ ଆଉ ତୋ ଦୁଃଖ ଘୁଞ୍ଚିଯିବ।'

ଆଉ ଶାଶୁଘର ମାଟି ମାଡିବନି ବୋଲି ଶପଥ କରି ଆସିଥିବା ବିନି ଭାଗ୍ୟକୁ ଆଦରି ପୁଣି ଥରେ ପହଞ୍ଚିଲା ଶାଶୁଘରେ। ଏଥର ଆଗ ଅପେକ୍ଷା ଆହୁରି ବଢ଼ିଯାଇଥିଲା ଅତ୍ୟାଚାରର ପରିଣାମ।

ସେ ଏକଥା ବି ବୁଝି ଯାଇଥିଲା ଯେ ସ୍ୱାମୀ ତା'ର ପରକୀୟା ପ୍ରୀତିରେ ଜୁଡୁବୁଡୁ ଅଛନ୍ତି ଆଉ ସେଇଥିପାଇଁ ସେ ପଇସା ନଷ୍ଟ କରୁଛନ୍ତି। ଥରେ ଦୁଇ ଥର ଏ ବିଷୟରେ ପଚାରିଲେ ସ୍ୱାମୀ ସେ ବିଷୟରେ ମୁଣ୍ଡ ନ ଖେଳେଇବାକୁ ପରାମର୍ଶ ଦେଇ କାହାକୁ ନକହିବାକୁ ଧମକ ଦେଇଥିଲେ।

ହେଲେ ଯେଉଁଦିନ ଗୋଟିଏ ଝିଅ ଧୋକାବାଜ ସ୍ୱାମୀକୁ ତା'ର ପୋଲିସର ସହାୟତାରେ ଜେଲରେ ପୁରାଇ ଦେଲା ସେଇଦିନ ଠାରୁ ସ୍ୱାମୀ ବଦଳରେ ଶାଶୁଘରର ଅନ୍ୟମାନେ ତା ଉପରେ ଅତ୍ୟାଚାର ଆରମ୍ଭ କରିଦେଲେ।

ଶାଶୁଙ୍କର ତାତିଲା ଖଡ଼ିକାର ଚେଙ୍କ ଦିନକୁ ଦିନ ତା ଦେହକୁ ଚିତ୍ରାୟିତ କରିବାରେ ଲାଗିଥିଲା। ଅସହ୍ୟ ଯନ୍ତ୍ରଣାରେ ଛଟପଟ ହୋଇ ଘରକୁ ଖବର ପଠାଇଲେ ବି ସମସ୍ତେ ଯେମିତି ନିର୍ବାକ, ନିରୁଦବିଗ୍ନ। ଶେଷକୁ ଦିନେ ଘନ ଅନ୍ଧାରରେ ଆସି ପହଁଚିଲା ସେ ତା'ର ଜନ୍ମମାଟିରେ। ଭାବିଥିଲା ତା'ର ଅବସ୍ଥା ଦେଖି ଏଥର ହୁଏତ ଭାଇ ଭାଉଜ ବୁଝିବେ ତା ଦୁଃଖ। ହେଲେ ଅବସୋସ ! ସେଦିନ ବିନି ବସିଥିଲା ଘର ଭିତରେ ଆଉ ବୈଠକ ଘରେ ବସିଥିଲେ ତା ଭାଉଜଙ୍କ ଘରର ଲୋକମାନେ। ବିନି ପାଇଁ ତା ଭାଉଜ କାଳେ ଏଠି ଶାନ୍ତିରେ ରହିପାରୁନାହିଁ ବୋଲି ଅଭିଯୋଗ କରୁଥିଲେ ବୋଉ ଆଗରେ। ଶେଷରେ ବୋଉ ପାଇଁ ହିଁ ବିନି କାଳେ ଉଦ୍ଧତ ହୋଇ ଯାଇଛି ବୋଲି କହିଲା ସାନଭାଇ ବିନୟ। ବିନି ଏ ଘରେ ରହିଲେ ତାଙ୍କ ଝିଅକୁ ଏଠୁ ନେଇଯିବେ ବୋଲି ଧମକ ଦେଲେ ଭାଉଜର ମାଆ ଏବଂ କୋର୍ଟ କଚେରୀରେ ଫସେଇ ଦେବେ ବୋଲି ମଧ୍ୟ ପରୋକ୍ଷରେ କହିଗଲେ।

ବିନି ସେପର୍ଯ୍ୟନ୍ତ ସେଇ ଘର ଭିତରେ ନିଜକୁ ଆବଦ୍ଧ କରି ରଖିଥିଲା। ଶୁଣିଲା ବୋଉ ବୁଝାଉଥିଲା ଭାଇକୁ। ତୁମେ ଦୁହେଁ ଛୋଟ ହୋଇଥିଲ। ଗାଁ ମୁଣ୍ଡ ପୋଖରୀରୁ ତୋ ପାଇଁ ବିନି ତୋଳି ଆଣିଥିଲା କଇଁ ଫୁଲ କେତୋଟି। ତୋ ହାତରୁ ସେଇ ଫୁଲକୁ ଛଡଉ ଥିଲା ନେବାକୁ ମଦନା। ଏତିକି ବେଳକୁ ତୋ ଅପା ଆସି ମଦନାକୁ ଧକ୍କାଟିଏ ଦେଇ ତୋତେ ଆଉ ଫୁଲ ସବୁକୁ ନେଇ ଘରକୁ ଆସିଲା।

ସାଙ୍ଗ ମଦନାକୁ ମାରିଲୁ ତ ସେ ଆଉ ତୋ ସାଙ୍ଗ ହେବନି ବୋଲି ମୁଁ କହିଲାରୁ ବିନି କ'ଣ କହିଥିଲା ଜାଣିଚୁ.. ?

କହିଥିଲା 'ସାଙ୍ଗ ନହେବ ତ ନହେଉ। ତା ବୋଲି ସେ ମୋ ଭାଇକୁ ମାରିବ ଆଉ ମୁଁ ଛାଡ଼ିଦେବି ?' ବିନି ତୋ ବଡ଼ ଭଉଣୀ ନୁହେଁ ତ ବଡ଼ ଭାଇ। ତୋର ସେ କେତେ ଯତ୍ନ ନେଉଥିଲା ପିଲାଦିନେ। ଆଜି ପର୍ଯ୍ୟନ୍ତ ସବୁ ରାକ୍ଷୀ ପୂର୍ଣ୍ଣିମାରେ ତୋତେ ରାକ୍ଷୀ ନପିନ୍ଧେଇଲା ପର୍ଯ୍ୟନ୍ତ ସେ ଉପବାସରେ ବସିଥାଏ। ଆଉ ଆଜି ତୁ ତାକୁ ଏମିତି ଦୂର ଦୂର କରୁଚୁ ? କଥା ଶେଷରେ ବୋଉର କାନ୍ଦ ଶୁଭିଲା ବିନିକୁ। ଶୁଭିଲା ବି ବିନୟର ସ୍ୱର।-'ଭଲ କହିଲେ ଆଜିକାଲି ଭେଲ। ଅପାର ଭଲ ପାଇଁ ଆମେ କହୁଛୁ। ଏଇଠି ରହିଲେ କେତେ ଲୋକ କେତେ ପ୍ରକାରର କଥା କହିବେ। ଏସବୁ ତୁ ସହି ପାରିବୁ ତ ? ଅପାର ତ ଯାହା ବଦନାମ ହେବ, ମୋତେ ବି ଲୋକଙ୍କୁ ମୁହଁକୁ ଚାହିଁ କଥା ହେବାକୁ ଲାଜ ଲାଗିବ।'

ଶୁଭିଲା ଏଥର ଭାଉଜର ସ୍ୱର।

-'ବୋଉ ତୁମେ ଅପାଙ୍କୁ କିଛି କହୁ ନାହଁ ବୋଲି ସେ ସାହସ ପାଇ ଯାଉଛନ୍ତି। ଯୁଗ ଯୁଗ ଧରି ଭାରତୀୟ ନାରୀ ତ ଏଇଭଳି ରହି ଆସିଅଛି। ଆଖିବୁଜି ସବୁ ସହିଛି। ସୀତା ସାବିତ୍ରୀଙ୍କୁ ତା'ର ଆଦର୍ଶ ବୋଲି ମାନିଛି। ଟିକିଏ ସହିଗଲେ ତ ଏତେ ବାଟକୁ କଥା ଯାଆନ୍ତା ନାହିଁ।'

ବୋଉ ଉପରେ ଶଶୁଆଶୀ ଆକ୍ରମଣ ହେଉଥିବାର ଅନୁଭବ କଲା ବିନି। ଆଉ ନିଜକୁ ଅଟକେଇ ପାରିଲା ନାହିଁ। ବୋଉ ପାଖରେ ଯାଇ ଠିଆହେଲା।

-'କ'ଣ କହୁଛ ତୁମେ ଦୁହେଁ ? ବୋଉ ମୋତେ ଡରୁଛି ନା ତୁମକୁ ଡରୁଛି ? କୋର୍ଟ କଚେରୀର ଧମକ ଦେଉଛ ବାରମ୍ବାର ? ମନେଅଛି ତ ବିନୟର ବାହାଘର ପରେ ଘରସାରା ବନ୍ଧୁ ବାନ୍ଧବମାନଙ୍କ ଭିତରେ ମୁଣ୍ଡରେ ଓଢ଼ଣା ଦେବାକୁ ବୋଉ କହିଥିଲା ବୋଲି ତୁ ସମସ୍ତଙ୍କ ସାମ୍ନାରେ ବୋଉକୁ ମଫସଲି କହି ଅପମାନ ଦେଇଥିଲୁ। ପୋଲିସ ଡାକି ଯୌତୁକ ନିର୍ଯାତନା ଅପରାଧରେ ଆମ ସମସ୍ତଙ୍କୁ ଜେଲରେ ପୁରାଇବୁ ବୋଲି ଧମକ ଦେଉଥିଲୁ ।' ବିନି ଏତିକି କହି ସାରିଲା ବେଳକୁ ତା'ର କୋହ ଉଠୁଥିଲା ଯେମିତି।

-'ତାର ଅର୍ଥ ତୁମେ ଏଠି ରହି ଆମ ଠାରୁ ଭାଗ ବସେଇବାକୁ ଚାହୁଁଛ ?'

-'ଯଦି ସେକଥା ତୋ ମୁଣ୍ଡକୁ ଆସିଛି ମୋତେ ସେଇ କଥା ହିଁ କରିବାକୁ ପଡ଼ିବ। ଏ ଦିଗରେ ଯାହା କରିବାକୁ ପଡ଼ିବ ଆଜିଠୁ ମୁଁ ସେଇ କାମ କରିବି। ହଁ କ'ଣ କହୁଥିଲୁ ସୀତା ସାବିତ୍ରୀଙ୍କ କଥା। ସେ କଥା ତୋ ମୁହଁରେ ଶୋଭା ପାଏନା। ଆଉ ଗୋଟିଏ କଥା ନାରୀକୁ ସୀତାଟିଏ ହେବାକୁ ହେଲେ ତା ପାଇଁ ରାମଟିଏ ଦରକାର। ଆଉ ସାବିତ୍ରୀ ପାଇଁ ସତ୍ୟବାନଟିଏ ବି ଦରକାର। ନାରୀକୁ ସୀତା ସାବିତ୍ରୀଙ୍କ ପରି ହେବାକୁ ତ ସମସ୍ତେ ଉପଦେଶ ଦିଅନ୍ତି। ହେଲେ କୌଣସି ପୁରୁଷକୁ ରାମ ବା ସତ୍ୟବାନ ପରି ହେବାକୁ କେହି ଉପଦେଶ ଦିଅନ୍ତି ନାହିଁ।' ଏଥର ବିନି ଏମିତି ଉଚ୍ଚ ସ୍ୱରରେ କହିଲା ଯେ ସତେ ଯେପରି ସୁପ୍ତ ଆଗ୍ନେୟଗିରି ହଠାତ୍ ଜାଗ୍ରତ ହୋଇ ପଡ଼ିଛି ଆଉ ତା ମୁହଁରୁ ଉତ୍ତପ୍ତ ଲାଭା ଉଦ୍ଗିରଣ ହେଉଛି।

ଘରେ ନିଃଶବ୍ଦ ଖେଳୁଥିଲା।

-' ବୋଉ ! ଝିଅ ହିସାବରେ ମୁଁ ଏ ଘରୁ ଭାଗ ନେବି। ଆଉ ତୁ ମୋ ପାଖରେ ରହିବୁ। ମୋ ପାଇଁ ଚାକିରିଟିଏ ବୁଝି ଦେଇଛି ପିଲାଦିନର ସାଙ୍ଗ ସେଇ ମଦନା। ବହୁତ ଶୀଘ୍ର ମୁଁ ଚାକିରିରେ ଯୋଗ ଦେବି। ଏମାନଙ୍କ ପାଖରେ ଡରିମରି ରହିବା ତୋର ଦରକାର ନାହିଁ।' ସମସ୍ତଙ୍କୁ ଶୁଭିଲା ଭଳି ସ୍ୱରରେ କହିଲା ବିନି।

ଘରେ ତଥାପି ନିସ୍ତବ୍ଧତା ଖେଳୁଥିଲା। ଆଚାର ବିଚାରର ଭାଗ ମାପ ଏବେ ଠିକ୍ ଥିଲା ବୋଲି ମନେ ହେଉଥିଲା।



ଆଳି, କେନ୍ଦ୍ରାପଡା

# ଚତୁର, ବୋକା !

ପ୍ରକାଶ ମହାପାତ୍ର

ଲୋକଟିର ବେଶଭୂଷାରୁ ସେ ଯେ ଜଙ୍ଗଲରେ ବସବାସ କରୁଥିବା ଲୋକଟିଏ ଏହା ବିଶ୍ୱାସ କରିବାକୁ ହୋଇଥାଏ। ଗାମୁଛାଟାଏ ପିନ୍ଧିଥାଏ ଓ ଆଉ ଖଣ୍ଡିଏ ଗାମୁଛା ଏବଂ ଛିଡ଼ା ଲୁଗାର ଟୁକୁଡ଼ାଟାଏ କାନ୍ଧରେ ପଡ଼ିଥାଏ। ଗୋଟାଏ ବାଡ଼ି ଆଉ ଛୋଟ ଟାଙ୍ଗିଆଟେ ସହ ଏକ ଅପରଚ୍ଛନିଆ ବ୍ୟାଗରେ ଗୁଡ଼ାଏ ବୋତଲ ଥାଏ।

ଲୋକଟି ପ୍ରାୟ ଦିନ ସହରରେ ମହୁ ବିକିବାକୁ ବାହାରିଯାଏ। 'ମହୁ ନେବ ମହୁ' ଡାକ ଅପେକ୍ଷା ତାକୁ ସାମନାରେ ଦେଖିଦେଲେ ସେ ଯେ ଜଙ୍ଗଲରୁ ମହୁ ସଂଗ୍ରହ କରି ଜୀବିକା ନିର୍ବାହ ପାଇଁ ସହରକୁ ଆସିଛି ଏକଥା ନିଶ୍ଚୟ ମନକୁ ଆସିଯାଏ। ନିପଟ ଜଙ୍ଗଲର ଲୋକ ଭଳି କଥା କୁହେ। ମହୁ କିଲୋ। ଦୁଇଶହ ହେଲେ ଅଢେଇଶକୁ ଶହେ ଓ ଅଧା କିଲୋକୁ ପଚାଶ ଟଙ୍କା ବୋଲି ତା'ର ବୋତଲ ଦେଖାଇ କୁହେ। ଏହି ବୋତଲ ସବୁ ତାର ଧାଙ୍ଗିଡ଼ି ହିସାବ କରି ଦେଇଛି ବୋଲି ସରଳିଆ ଢଙ୍ଗରେ ମହୁ ବିକାଳି ଲୋକଟି କହେ। ମହୁ ପରି ଜିନିଷ ପୁଣି ଜଙ୍ଗଲୀ ମହୁ ଅର୍ଥ ପୁରା ବିଶୁଦ୍ଧ ବୋଲି ଭାବି କିଣିବା ପାଇଁ ଲୋକଙ୍କ ମନରେ ଆଗ୍ରହ ହୁଏ। ପୁଣି ଅଢେଇଶ ଓଜନଠୁ ଅଧା କିଲୋର ଦାମ କମ ଜାଣି ମହୁ ବିକାଳି ଯେ ନିହାତି ବୋକା ଓ ମହୁ ପୁରା ଅସଲି ଏକଥା ବୁଝା ପଡ଼ିଯାଏ। ତେଣୁ ଅଧିକାଂଶ କ୍ରେତା ଅଧାକିଲେ ବାଲା ମହୁ ବୋତଲ କିଣି ନିଅନ୍ତି। କମ ମୂଲ୍ୟରେ ଅଧିକ ମହୁ କିଣି ଥିବାରୁ ନିଜକୁ ଚତୁର ଭାବନ୍ତି।

ମହୁ ବିକାଳି ଘରକୁ ଫେରିବା ବେଳେ ମନେ ମନେ ଭାବେ ନିଜକୁ ଚତୁର ଭାବୁଥିବା ପାଠ ପଢୁଆ ସହରୀ କ୍ରେତା ବାବୁମାନେ କେଡ଼େ ବୋକା ସତେ ! କହି ବୋଲି ପାରିଲେ ଗୁଡ଼, ଚିନି ପାଣିକୁ ବି ଭେଜାଲ କରି ମହୁ ଭାବରେ ବିକ୍ରି କରାଯାଇପାରେ। ଆଉ ଏପରି ଚତୁରମାନଙ୍କୁ ବୋକା ବନାଯାଇପାରେ।



ମଞ୍ଜୁରୀରୋଡ଼, ଭଦ୍ରକ-୭୫୬୧୨୧
ମୋ-୯୯୩୭୯୭୦୩୪୫

# ଶ୍ରୀକୃଷ୍ଣ ଏବଂ ଆଧୁନିକ ପ୍ରେମ..

ମୂଳ ହିନ୍ଦୀ-ଅନାମିକା ମିଶ୍ରା
ଅନୁବାଦ-ମନୋଜ କୁମାର ବେହେରା



ଅପେକ୍ଷା ପିଲାଟି ଦିନରୁ ହିଁ ନିଜର ମାତା-ପିତାଙ୍କ ସହିତ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀର ପର୍ବକୁ ଉତ୍ସାହର ସହିତ ପାଳୁଥିଲା । ପିଲାଟି ଦିନରୁ ଶ୍ରୀକୃଷ୍ଣ ତା'ର ଇଷ୍ଟ ଦେବ ଥିଲେ। ତାଙ୍କର କାହାଣୀକୁ ପଢିବା, ତାଙ୍କର ଜୀବନ ବିଷୟରେ ଜାଣିବା, ତାଙ୍କର ରୋଚକ କଥା ସେ ତା'ର ଜେଜେମାଙ୍କଠୁ ଶୁଣୁଥିଲା । ଶ୍ରୀକୃଷ୍ଣ ଆଉ ଶ୍ରୀରାମ ତା' ଜୀବନରେ ବଡ ନାୟକ ହୋଇ ଯାଇଥିଲେ । ଜନ୍ମାଷ୍ଟମୀର ବ୍ରତ କରିବା, ମନ୍ଦିରକୁ ସଜେଇବା ତାକୁ ବହୁତ ଭଲ ଲାଗୁଥିଲା। ଆଉ ବହୁତ ଶ୍ରଦ୍ଧା ଆଉ ପ୍ରେମର ସହ ସେ ଶ୍ରୀକୃଷ୍ଣଙ୍କ ଆରାଧନା କରୁଥିଲା । ଜୀବନ ଗୋଟିଏ ବହି ଭଳି ଆଉ ସେଥିରେ ପ୍ରତ୍ୟେକ ଦିନ ନୂଆ ପୃଷ୍ଠାକୁ ଓଲଟାଇଲେ ସେଥରେ ନୂଆ କାହାଣୀ ଗଢି ହେଇଯାଏ। ଯୁବାବସ୍ଥାରେ ନ ଚାହିଁକରି ସେ ନିଜର ଏହି ଚଞ୍ଚଳ ମନକୁ ଅଟକେଇ ପାରିଲା ନାହିଁ । ତାକୁ ଗୋଟିଏ ଯୁବକ ସହିତ ପ୍ରେମ ହୋଇଗଲା ଆଉ ପ୍ରେମ ପ୍ରଗାଢ ଥିଲା । ସେ ନିଜକୁ ଅଟକେଇ ପାରିଲାନି, କୁହନ୍ତିକି ପ୍ରେମ ସ୍ୱୟଂ ହୋଇଯାଏ । ସେ ନିଜର ମନକୁ ବୁଝେଇଲା କିନ୍ତୁ ତା'ର ମନ ତା'ର ବଶରେ ନଥିଲା। ସେହି ପ୍ରେମକ୍ଷଣରେ ସେ ଏହା ମଧ୍ୟ ଭାବିଲା ନାହିଁ ସେ ଯୁବକ କିଏ, କେମିତିଆ ସ୍ୱଭାବର ବାସ୍ ! ତା' ସହିତ ପ୍ରେମ ହେଇଗଲା । ଆଉ ସେହି ପ୍ରେମର ପ୍ରଭାବରେ ସେ କୃଷ୍ଣ ଭକ୍ତିରୁ ଦୂର ହେବାକୁ ଲାଗିଲା । ଯିଏ ଦିନରାତି ଶ୍ରୀକୃଷ୍ଣଙ୍କ ବିଷୟରେ ଭାବୁଥିଲା, ସେ ଏବେ ସେହି ଯୁବକର ବିଷୟରେ ଭାବିବାକୁ ଲାଗିଲା । ଦିନ-ରାତି ସେହି ଯୁବକର ବିଷୟରେ ଭାବି-ଭାବି ତାର ସମୟ ବିତିବାକୁ ଲାଗିଲା । କିନ୍ତୁ ଏହି ଆଧୁନିକ ଯୁଗରେ ପ୍ରେମର ପରିଭାଷା ବଦଳ ଯାଇଛି । ସବୁକିଛି ଜାଣି କରି ମଧ୍ୟ ସେ ବୁଝି ପାରୁନଥିଲା କି ସେ ଯୁବକ ତା'ର କୃଷ୍ଣ ନୁହେଁ, ସେ ଗୋଟିଏ ସାଧାରଣ ବ୍ୟକ୍ତ ଅଟେ ଯାହା ଭିତରେ ଭଲ ଆଉ ଖରାପ ଦୁହେଁ ଅଛି । ଯେ ପର୍ଯ୍ୟନ୍ତ ଭଲଥିଲା ସବୁକିଛି ଭଲ ଚାଲିଥିଲା । ଅଚାନକ ତାକୁ ଦିନେ ଜଣା ପଡିଲା କି ସେ ଯୁବକ ତାକୁ ପ୍ରକୃତ ପ୍ରେମ କରୁନାହିଁ,ସେ କୌଣସି ଅନ୍ୟ ସ୍ତ୍ରୀର ପ୍ରେମରେ ଆଉ ତା' ସହିତ ଛଳ କରୁଛି। ଅପେକ୍ଷାର ହୃଦୟରେ ଏମିତି ଆଘାତ ଲାଗିଲା କି ସେ କୃଷ୍ଣଙ୍କ ଚରଣରେ ମୁଣ୍ଡ ରଖି କାନ୍ଦିବାକୁ ଲାଗିଲା । ହେ କୃଷ୍ଣ ! ମୁଁ ଆପଣଙ୍କର ଭକ୍ତିରେ ଲୀନ ଥିଲି, ମୋତେ ସଂସାରରୁ କିଛି ଦରକାର ନଥିଲା, କିନ୍ତୁ ଆପଣ ମୋ ମନକୁ କାହିଁ ଭଟକେଇଲେ ଆଉ ଯେତେବେଳେ ମୋର ମନ ଭଟକି ଥିଲା ସେତେବେଳେ ଆପଣ ଅଟକେଇଲେ ନାହିଁ କାହିଁକି ? ଇଏ କେମିତିକା ପ୍ରାରବ୍ଧ ଥିଲା ଯାହା ଦଣ୍ଡ ସ୍ୱରୂପ ମୋତେ ପ୍ରାପ୍ତ ହେଲା । ଆଜି ଏହି ଜନ୍ମାଷ୍ଟମୀର ଦିନରେ ସେହି ଅପେକ୍ଷା ଏହା ଭାବୁଥିଲା କି ଯେଉଁ ଯୁବକକୁ ସେ ଏତେ ପ୍ରେମ କରୁଥିଲା ତାକୁ ସେ କୃଷ୍ଣ ବୋଲି ଭାବି ନେଇଥିଲା । ସେ ତ ତା' ସହିତ ଛଳ କଲା କିନ୍ତୁ ଏହି ବ୍ରହ୍ମାଣ୍ଡରେ ପାଳନ ହାର ଶ୍ରୀକୃଷ୍ଣ କାଲି ବି ତା' ସହିତ ଥିଲେ ଆଉ ଅଜି ବି ତା' ସହିତ ଅଛନ୍ତି ଆଉ ସର୍ବଦା ତା' ସହିତ ହିଁ ରହିବେ । ତାକୁ ହୃଦୟରୁ ଭଗବାନ ଶ୍ରୀକୃଷ୍ଣ ଏହା ଅନୁଭବ କରେଇଲେ ଆଉ ତା'ର ମନକୁ ଶାନ୍ତି ମିଳିଲା ଆଉ ସେ ଧୀରେ ଧୀରେ ସବୁ କିଛି ଭୁଲି ପୁନଃ କୃଷ୍ଣଙ୍କ ଭକ୍ତିରେ ଲୀନ ହୋଇକରି ନିଜର ଜୀବନର ସୁଖଦ ଯାତ୍ରାରେ ଲିପ୍ତ ହୋଇଗଲା । ଯେଉଁଭଳି ତାର ନିଜର ଭାବନାକୁ ପଦାଘାତ କରାଯାଇ ଥିଲା ଶ୍ରୀକୃଷ୍ଣ ତାକୁ ସେତିକି ହିଁ ଉପରକୁ ଉଠେଇ ଦେଲେ। ସେ ନିଜକୁ ନିଜେ ଚିହ୍ନି ପାରିଲା, ଏହି ଘଟଣାର ପରେ ସେ ନିଜକୁ ନିଜେ ଏତେ ଶକ୍ତିଶାଳୀ ବନେଇ ଦେଲା ଆଉ ଗୋଟିଏ କଥା ସେ ବୁଝି ସାରିଥିଲା କି ଏହି ସଂସାରରେ କିଛି ବି ସତ ନୁହେଁ କେବଳ ସତ ହେଲା ତାହା ଶ୍ରୀକୃଷ୍ଣ ! ଶ୍ରୀକୃଷ୍ଣଙ୍କ ପ୍ରେମ ହିଁ ସତ୍ୟ ଅଟେ ଯାହା ଏହି ଧରା ଉପରେ ସର୍ବଦା ସାଙ୍ଗରେ ଅଛନ୍ତି ଆଉ ତା'ପରେ ମଧ୍ୟ ସର୍ବଦା ସାଙ୍ଗରେ ରହିବେ ଶ୍ରୀକୃଷ୍ଣ।

ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨
ଫୋନ୍-୭୯୭୮୮୩୦୬୧୧

# ବିଦ୍ୱାନ ଶୁକ

ଅନୁସୃଜନ: ଲୋପାମୁଦ୍ରା ପରିଡ଼ା
ମୂଳ ଲେଖା: ପ୍ରେମ ରାବତ ( ହିନ୍ଦୀ )

ଜଣେ ଗୁଣଗ୍ରାହୀ ବ୍ୟକ୍ତି ଥିଲେ। ତାଙ୍କର ଶୁକପକ୍ଷୀ ପୋଷିବାର ସଉକଟି ବଡ ଟାଣ ଥିଲା। ସିଏ ପାଳିତ ଶୁଆ ମାନଙ୍କୁ ଅନେକ କଥା ଶିଖାଉଥିଲେ। ଦିନେ ତାଙ୍କ ମୁଣ୍ଡକୁ ଗୋଟାଏ କଥା ଯୁଟିଲା। ସିଏ ଭାବିଲେ ଏମିତି ଶୁଆ ଦୋଟି ରଖିବେ ଯେ ସଂସାରରେ ତାଙ୍କ ଶୁକ ସମ ଜ୍ଞାନୀ କେହି ନଥିବେ। ତାଙ୍କ ମନଜାଣି ଠାକୁରେ ତାଙ୍କୁ ଯୋଡିଏ ସେମନ୍ତ ଅତୁଳନୀୟ ଅଣ୍ଡା ଯୋଗେଇଦେଲେ। ସଯତ୍ନେ ଭଦ୍ରବ୍ୟକ୍ତି ସେ ଦିଟିର ଯତ୍ନ ନେଲେ। ଅଣ୍ଡା ଫୁଟି ଛୁଆ ବାହାରିଲେ ଓ ଗଣିତ, ବିଜ୍ଞାନ, ସାହିତ୍ୟ, ଇତିହାସ, ପଦ୍ୟ, ଉପପାଦ୍ୟ ଠାରୁ ତାଳ, ଲୟ, ସଂଗୀତ ଶିଖୁ ଶିଖୁ ସମୟ ତାଙ୍କୁ କେତେ ବେଳେ ଶୈଶବର ପାହାଚ ଡିଏଁଇ ଯଉବନିଆ ଶୁଆ କରିଦେଇଥିଲା ଖବର ନଥିଲା। ସମୟର ତ ଡେଣା ଥାଏ । ସେଇ ଅନୁସାରେ ଉଡେଇନେଲା ଆଉ !

ଦିନେ ସେଇ ସମୟ, ଶୁକ ଦୁହିଁଙ୍କୁ ଅନାଥ କରେଇ ମାଲିକଙ୍କୁ ତାଙ୍କର ଉଠେଇନେଲା। ବର୍ତ୍ତମାନ କଥା ହେଲା ବିଚରା ମାଲିକଟିର କେହି କୁଆଡକୁ ଶାଖା ପ୍ରଶାଖା ନଥିଲେ। ଶୁଆସର୍ବସ୍ୱ ଜୀବନରେ ଧନ କିନ୍ତୁ ଅଜସ୍ର ଅର୍ଜି ଥିଲେ ଭଦ୍ରବ୍ୟକ୍ତି। ଗୁଡ ଯୁଆଡେ ପିପିଲିକା ସିଆଡେ ପରିକା ଲେଖା-ଯୋଖା ଖୋଜା-ଯୋଡା ହେଇ ବନ୍ଧୁ ବାନ୍ଧବ ଗାଣ୍ଡିଲିଏ ଆସି ପହଞ୍ଚିଲେ ଯଦିଓ ସମସ୍ତେ ଶୋକ ସାଗରେ ଭାସିବା ଆଳରେ ଇଜିମାଇଲି ସମ୍ପତ୍ତି ତକ ହାତେଇବା ଚକ୍କରରେ ଥିଲେ। ସିଏ ଯାହା ହେଉ। ଆମକୁ ତାଙ୍କ ଘର କଥାରୁ କଣ ମିଳିବ !

କିନ୍ତୁ କିନ୍ତୁ କିନ୍ତୁ..... ଶୁଆ ହଳଟିର ଦାୟିତ୍ୱରୁ ସମସ୍ତେ ହାତ ଟେକିଦେଲେ। କିଏ କାଇଁ ମାଗଣାରେ ଜଞ୍ଜାଳ ମୁଣ୍ଡାନ୍ତା ? ସିଏ ପୁଣି ମଣିଷଙ୍କ ସ୍ୱାର୍ଥଲିପ୍ସା ସଂସାରରେ !

ବୁଦ୍ଧିମାନ ସମ୍ପର୍କୀୟ ମାନେ ଝରକା ପାଖରେ ପଞ୍ଜୁରୀ ଥୋଇ କିଳିଣି ଖୋଲିଦେଲେ ଆଉ କହିଲେ, 'ଯା ଉଡିଯା ।' ସେମାନେ ଝର୍କା ସଲଗ୍ନ ଗଛ ଡାଳକୁ ଉଠିଗଲେ ଡେଇଁ ଡେଇଁକା। ସେଇଠି ଛିଣ୍ଡିଲା ତାଙ୍କର ମଣିଷ ଜାତି ସହ ସମ୍ପର୍କ।

ସିଏ ଯୋଡିଟି ଏକର ସେକର ଚାହିଁ ଖୋଲା ମୁକ୍ତ ଆକାଶ, ଛାମୁଣ୍ଡିଆ ପରି ଶୀତଳ ହରିତ ପତ୍ର ବନାନୀ, କବିତା କବିତା ବାସୁଥିବା ପବନ, ଫୁଲ ଦେଖି ମୁଗ୍ଧ ହେଉଥିଲେ କି ଡାଳର ଉପର ପଟକୁ ତାଙ୍କର ନଜର ପଡିଲା । ତାଙ୍କରି ଜାତିଭାଇ ଆଉ ଜଣଙ୍କୁ ଦେଖି ସେମାନେ ପ୍ରୀତ ହେଲେ ଓ ସୌହାର୍ଦ୍ଦ୍ୟର ହାତ ବଢେଇଲେ। ଦୋସ୍ତି ଜମିଲା। ଜଙ୍ଗଲି ଶୁଆଟି ବିଚରା ଏ ଦିହିଁଙ୍କର ଜ୍ଞାନ ଗାରିମା ମଣ୍ଡିତ ମସ୍ତକ ମଣିଟି ମାନଙ୍କର ପରିଚୟ ପାଇଁ ହାଁ କାଢି ଘଣ୍ଟାଏ କାଳ ମୂର୍ତ୍ତି ହେଇଗଲା। ତା ଜାବପଡା ପାଟି ତ ଛାଡ ଦେହ କାଠ ହେଇଗଲା। ତାକୁ ଲାଗିଲା, 'ହାୟରେ ବିଧାତା ତୁ ଏ କି କଲୁ ? ସମଗୋତ୍ରେ ଜନମ ଦେଇ ଏତେ ପାତର ଅନ୍ତର କରି ପାରିଲୁ ? ନା ନା । ଘୋର ଅନ୍ୟାୟ। 'ପୁଣି କପାଳରେ କର କୋଢି କହିଲା,' ଧେତ୍ ମୁଁ ଗୋଟା ନିପଟ ଅପଗଣ୍ଡ। ଶ୍ରୀ ଅକ୍ଷର ବିବର୍ଜିତ ଗଧର୍ବ ଶୁଆ ହୋ । ଏଇଲା ଜାଣୁଛି। କି କଥା, କି ଜୀବନ ମୋର । ଧିକ ଧିକ।'

ଜଙ୍ଗଲି ଶୁଆର ଶୁଖିଲିଆ ମୁହଁ ପଛର ମନଦଶା ଆକଳନ କରି ପଣ୍ଡିତ ଶୁକ ଦିହିଁଙ୍କର ଛାତି ଅଠଚାଳିଶି ଇଞ୍ଚ ଚଉଡା ମାପକୁ ଛୁଇଁଲା। ସେମାନେ ଆହୁରି କଣ କଣ ତଥ୍ୟ ଉପସ୍ଥାପନ କରିବାର ପ୍ରଚେଷ୍ଟା କରୁଥାନ୍ତି କି ଜଙ୍ଗଲି ଶୁଆଟିର ନଜର ଅନ୍ୟ ଗୋଟେ ବାହ୍ୟ କଥା ଉପରେ ପଡିଲା ଯୋଉଟା ତାଙ୍କ ଆଲୋଚନାର ବିଷୟବସ୍ତୁ ଭିତରେ ନ ଥିଲା । ସିଏ ତାର ବିଦଗ୍ଧ ମୁଣ୍ଡବୁଲା ରୋଗଟାକୁ ସେଇଠି ଥୋଇଦେଇ ଚଟ୍ କିନା ପଚାରିଲା,'ହେ ସମ୍ମାନୀୟ ମହାଶୟ, ଆପଣ ଦିହିଁଙ୍କୁ ଉଡିବା ଆସେ ? 'ସେମାନେ ତୁରନ୍ତ ଖୁସିଟେ ସହ ବାହାସ୍ଫୋଟ ମାରି ଗୋଟେ ସଗର୍ବେ ନିଶରେ ହାତ ସାଉଁଳେଇ ଉଡିବାର ବିଜ୍ଞାନ ସମ୍ମତ ଥିଓରିଟା ଓଗାଳି ପକେଇଲେ ଓ ଦିହେଁ ଦିହିଁଙ୍କୁ ଚାହିଁ ଗୋଟେ ଦର୍ପମିଶା ତୃପ୍ତ ହସଟେ ହସିଦେଲେ। ଅତର୍ଚ୍ଛା ସ୍ୱରରେ ଜଙ୍ଗଲି ଶୁଆ କହିଲା, 'ହେ ଏଇଟା ନୁହଁ । ସତ ଉଡା ପାଠ, ସତ ସତିକା ଉଡା ?'

- ନା ବସ୍ତ ଆମ୍ଭର ତାହା ଆବଶ୍ୟକତା ହି ପଡିନି । ଆମ ରାଜ ବଂଶଜ। ଆମେ ଅଦ୍ଭୁତ, ଅଦ୍ୱିତୀୟ । ଏତେ ଛାର କାମ ସବୁ ଲଘୁଜନେ କରନ୍ତି। ଆମ୍ଭଙ୍କୁ ତାହା ଶୋଭା ଦିଏନି।

- ତା ହେଲେ ଯାଃ ମର ... ଇଲୋ ବାପାଲୋ ... ଖାଇଇଇଲା ଲୋ ।

କହିକି ଜଙ୍ଗଲି ଶୁଆ ଫଡ୍ ଫାଡ୍ ବାଡ଼େଇ ହେଇ ସେ ଜାଗା ଛାଡି ଉଡିଗଲା। ବାଟରେ ଭାବୁଥିଲା,'ହେ ବାପୋମାଆ କେଡେ ବଡ ଭୁଆଁଟା ଲୋ । ଏଇଖିଣା ଗୋଟା ଗିଳିଦେଇଥାନ୍ତା। ଜଗନ୍ନାଥେ, ବଞ୍ଚେଇଦେଲ ହେ ।

ଦି ଘେରା ଚକ୍କର କାଟି ଆକାଶ ଉଡା ସାରି ଥୟ ପଡିଲା ପରେ ଥଣ୍ଡା ଦୀର୍ଘ ନିଶ୍ୱାସରୁ ପେଟଟେ ଟାଣି ନେଇ ଚିଲେଇକି ବୋବେଇଲା ... ରଖ ହୋ ତମ ପାଠ ତମ ଠି' ତଣ୍ଡିପେ'

ଓହୋ କି ଶାନ୍ତି... ଆପେ ବଞ୍ଚିଲେ ପରା ବାପର ନାଁ ।

# ଲକ୍ଷ୍ମୀଛାଡି

ସାରଦା ପ୍ରସାଦ ଆଚାର୍ଯ୍ୟ

ସକାଳର ବାସି କାମ ଠାରୁ ରାତ୍ରୀର ସଜ କାମ ଭିତରେ ଅତି କମ୍‌ରେ ସାତ ଆଠ ଥର ଲକ୍ଷ୍ମୀଛାଡି ଶବ୍ଦ ସହିତ ସତେ ଯେମିତି ସଙ୍ଗାତ ବସି ଯାଇଛି ତାରା। ତାରା' ବାପା ବୋଉର କୋଡ଼ ପୋଛା ଝିଅ, ଚାରି ଭାଇ ଭଉଣୀରେ ଦୁଇ ନମ୍ବର ଝିଅ ଭାରି ଅଲିଅଳି ଭାରି ହସକୁରି ବୋଲି ଜେଜେମା ସାଙ୍ଗରେ ଖୁଆଇ ପିଆଇ ପାଖରେ ଶୁଆନ୍ତି। ହାତରେ ଖଡ଼ି ସିଲଟ ଜେଜେମା ଦେଇଥିଲେ। ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କୁ ଖନେଇ ଖନେଇ ଜେଜେମା ପାଟିରେ ପାଟି ବୁଲାଇ ଖଡ଼ିରେ ଗୋଲ୍ ଗୋଲ୍ ଆକୃତିରେ ପାଠ ପଢାର ଅୟମାରମ୍ଭ କରି ଓଡ଼ିଆ ଭାଷା ସାହିତ୍ୟରେ ସ୍ନାତକୋତ୍ତର ହାସଲର ଆନନ୍ଦକୁ ଉପଭୋଗ କରୁଥିବା ବେଳେ ଗୋବର୍ଦ୍ଧନ ପୁରର ଶିଳ୍ପପତି କରୁଣାକରଙ୍କ ସାନ ପୁଅ ସୌଭାଗ୍ୟ ଦାଶଙ୍କ ସହଧର୍ମିଣୀ ହେବାର ସୌଭାଗ୍ୟକୁ ଆଦରି ନେଇଗଲା ସନାତନ ପୁର ସଦାଶିବ ରଥଶର୍ମାଙ୍କ ସାନ ଝିଅ ତାରା। ବାହାଘରର ସକାଳ ବେଭାର ଧୀରେ ଧୀରେ ଅପରାହ୍ନର ଖରା ତେଜରେ ଝାଉଁଳି ପଡ଼ିଲାଣି। ସବୁ କଥାରେ ସୌଭାଗ୍ୟଙ୍କର ଆକଟର ଆକ୍ରମଣରେ ତାରା' ମନ ହୃଦୟରେ ରକ୍ତସ୍ରାବ ଆରମ୍ଭ ହୋଇଯାଇଛି । ସୌଭାଗ୍ୟଙ୍କର କାର୍ଯ୍ୟ ଶୈଳୀର ଗତିଶୀଳତା ରେ ମନ୍ଥରତା ପାଇଁ ତାରାକୁ ଦାୟୀ କରିବା ଦାମ୍ପତ୍ୟ ଜୀବନକୁ କ୍ଷତିଗ୍ରସ୍ତ କରିପକାଉଛି । ସ୍ୱାମୀ ପଣିଆର ପୁରସ୍କାର ବାବଦରେ ପୁଅ ଧ୍ରୁବତାରା ଓ ଝିଅ ଅରୁନ୍ଧତୀ ମୁହଁର ହସ, ଚାଲି, ମାମା ମାମା ଡାକରେ ତାରାର ଉଜ୍ଜ୍ୱଳତାକୁ ସ୍ପଷ୍ଟ ବାରି ହେଉଥିବା ବେଳେ ସୌଭାଗ୍ୟଙ୍କର ଲକ୍ଷ୍ମୀଛାଡି ଶବ୍ଦ କାନରେ ଗୁଣୁଗୁଣୁ କଲାବେଳେ ତାରା ଆଖିରେ ଟୋପା ଟୋପା ଲୁହ ଖସି ଆସେ । ତାରା' ନିଜକୁ ହତଭାଗିନୀ ବୋଲି ଭାବି ବସେ। ଖୁବ୍ ରାଗ ଆସେ ଗାଁ ଠାକୁରାଣୀ ଉପରେ, ଖୁବ୍ ଭାଙ୍ଗି ପଡ଼େ, ନିଜ ଜନ୍ମ ଜାତକ ଉପରେ ଦୋଷ ଲଦିଦିଏ, ବୋଉ ବାପାଙ୍କ ଦୁର୍ବଳତା ମୁହୂର୍ତ୍ତକୁ ଧିକ୍କାର୍ କରେ । ପିଲାଦିନର ସବୁ ସ୍ମୃତିକୁ ସାଉଁଟି ଆଣି ସମାବେଶ କରେ ମନ ମନ୍ଦିରରେ । ବାପା ବୋଉଙ୍କର ଭଲପାଇବା, ଭାଇ ଭଉଣୀର ସ୍ନେହ ଶ୍ରଦ୍ଧା, ଜେଜେ ଓ ଜେଜେମାଙ୍କ ଆଦର ଯତ୍ନ ତାରା' ପିଲା ଦିନରୁ ଯୌବନ ଯାତ୍ରାକୁ ସରଳ, ସୁନ୍ଦର, ସୁଗମ , ସୁବାସିତ କରି ଗଢି ତୋଳିଥିବାବେଳେ ଦାମ୍ପତ୍ୟ ଜୀବନ ଆକାଶକୁ ସବୁ ସମୟରେ କଳା ବାଦଲରେ ଘୋଡ଼ାଇ ରଖିଛି। କେବେ କେବେ ଘଡଘଡିର ତୀବ୍ରତା ସାଙ୍ଗକୁ ଲଘୁଚାପ ଜନିତ ଝଡ଼ ତାରାକୁ ମର୍ମାହତ କରି ପକାଏ।

ସନାତନପୁରୁ ଅଗଣାର ଅଲିଅଳି ତାରା ଗୋବର୍ଦ୍ଧନପୁର ଅଗଣାର ଲକ୍ଷ୍ମୀଛାଡି ତାରା' ଭିତରେ ଆକାଶ ପାତଳ ଫରକ୍। ବାପାବୋଉ, ଜେଜେମା, ଜେଜେ ଆଜି ସତସତିକା ତାରା ଆକାଶର ତାରା ହୋଇଗଲେଣି ଗଲା ସାତ ବର୍ଷ ଭିତରେ। ଭାଇ ଭଉଣୀ ନିଜ ନିଜ ସୁଖ ସଂସାରରେ । ତାରା ବି ନିଜ ସଂସାରକୁ ଜାବୁଡ଼ି ଧରିଛି ଖୁବ୍ ଜୋର୍‌ରେ । ଶାଶୁଘରର ମଙ୍ଗଳ କାମନା କରି ତାରା ବାର ମାସରେ ବାର ଓଷାବ୍ରତରେ ଉପବାସ କରେ, ମନ୍ଦିର ଯାଏ ସକାଳ ସଂଜରେ ଘର ମନ୍ଦିରକୁ ଆପଣାର କରେ। ଲକ୍ଷ୍ମୀଛାଡିରୁ ସୌଭାଗ୍ୟବତୀ, ସୌଭାଗ୍ୟ ଦାଶଙ୍କ ସହଧର୍ମିଣୀ ତାରା ସୌଭାଗ୍ୟ ଆଣିଦେଲା ଗୋବର୍ଦ୍ଧନପୁର ଗାଁରେ, ଚାରି ଆଡ଼େ ଚର୍ଚ୍ଚା, ଖବର କାଗଜ, ଟିଭି ରେଡ଼ିଓରେ ଆଲୋଚନା ବିଷୟ ତାରାର ଝିଅ ଅରୁନ୍ଧତୀ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦାନର ଯୋଗ୍ୟତା ଅର୍ଜନ କରିଥିବା ବେଳେ ବିଦେଶରେ ସୁନାମ ଅର୍ଜନ କରିଥିବା ଡାକ୍ତର ପୁଅ ଧ୍ରୁବତାରା ନିଜ ଗାଁରେ ପରଲୋକଗତା ମା'ତାରା ନାମରେ ଏକ ବଡ଼ ଡ଼ାକ୍ତରଖାନାକୁ ଉତ୍ସର୍ଗୀକୃତ କରୁଛି ଗ୍ରାମବାସୀଙ୍କ ପାଇଁ। ବାପା ସୌଭାଗ୍ୟ ଦାଶ ତାରା ପ୍ରତିମୂର୍ତ୍ତି ନିକଟରେ ଠିଆ ହୋଇ ଆଖିରୁ ଲୁହ ଝରାଉଥାନ୍ତି ଓ ଧିକ୍କାର କରୁଥାନ୍ତି ନିଜ ସ୍ୱାମୀ ପଣିଆର ଅପାରଗତକୁ ନେଇ ଏବଂ ଛାଡ଼ି ଯାଇଥିବା ଲକ୍ଷ୍ମୀ ଛାଡିର ସୌଭାଗ୍ୟ ଅଗଣାକୁ ଆଦରି ଶ୍ରଦ୍ଧାସୁମନ ଢ଼ାଳିଲେ ପୂର୍ଣ୍ଣିମା ଆକାଶ ରାତିରେ ତାରା ମାନଙ୍କ ଗହଣରେ ନିଜ ସଦାସୁହାଗିନୀ ତାରା ପାଇଁ।



ଯୋଡ଼ା -କେନ୍ଦୁଝର
ମୋ-୮୬୩୭୨୧୩୮୨୫

# ଟି-୨୦ରେ ଭାରତର ଦବ୍‌ଦବା
## ୩ ବର୍ଗରେ ଭାରତ ନମ୍ବର-୧



**ନୂଆଦିଲ୍ଲୀ**

ଟି–୨୦ କ୍ରିକେଟ ଉପରେ ଭାରତର କବ୍‌ଜା ଆହୁରି ମଜଭୁତ ହୋଇଛି। ନିକଟରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟି–୨୦ ଅନ୍ତର୍ଜାତୀୟ ର୍‍ୟାଙ୍କିଙ୍ଗରେ ଭାରତ ଇତିହାସ ସୃଷ୍ଟି କରିଛି। ଟିମ୍ ଇଣ୍ଡିଆ କେବଳ ଟି–୨୦ରେ ନମ୍ବର–୧ ଦଳ ନୁହେଁ, ବରଂ ଭାରତୀୟ ଖେଳାଳିମାନେ ତିନୋଟି ବ୍ୟକ୍ତିଗତ ବର୍ଗରେ ମଧ୍ୟ ଶୀର୍ଷରେ ଅଛନ୍ତି: ବ୍ୟାଟିଂ, ବୋଲିଂ ଏବଂ ଅଲରାଉଣ୍ଡର। ଏହା ବ୍ୟତୀତ, ଭାରତ ବର୍ତ୍ତମାନର ଟି–୨୦ ବିଶ୍ୱକପ ଚାମ୍ପିଅନ ମଧ୍ୟ।

ଭାରତୀୟ ଲେଗ–ସ୍ପିନର ବରୁଣ ଚକ୍ରବର୍ତ୍ତୀ ତାଙ୍କ ପ୍ରଭାବଶାଳୀ ପ୍ରଦର୍ଶନ ପାଇଁ ଆଇସିସି ଟି–୨୦ ବୋଲର ର୍‍ୟାଙ୍କିଙ୍ଗରେ ନମ୍ବର–୧ ସ୍ଥାନ ହାସଲ କରିଛନ୍ତି। ସେ ଏହି ସ୍ଥାନ ହାସଲ କରିବାକୁ ନ୍ୟୁଜିଲାଣ୍ଡର ଜାକବ ଡଫି ଏବଂ ୱେଷ୍ଟଇଣ୍ଡିଜର ଆକିଲ ହୋସେନଙ୍କୁ ପଛରେ ପକାଇ ଦେଇଛନ୍ତି। ବରୁଣ ଏସିଆ କପ୍–୨୦୨୫ରେ ପାକିସ୍ତାନ ବିପକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ଉଇକେଟ ନେଇଥିଲେ। ଏହା ଟିମ୍ ଇଣ୍ଡିଆକୁ ତିନି ଉଇକେଟ ବିଜୟ ହାସଲ କରିବାରେ ସାହାଯ୍ୟ କରିଥିଲା।

ଭାରତର ଯୁବ ଷ୍ଟାର ଅଭିଷେକ ଶର୍ମା ଅନ୍ତର୍ଜାତୀୟ ଟି–୨୦ ବ୍ୟାଟିଂ ର୍‍ୟାଙ୍କିଙ୍ଗରେ ଅନ୍ୟ ସମସ୍ତଙ୍କୁ ପଛରେ ପକାଇ ଦେଇଛନ୍ତି। ସେ ୟୁଏଇ ଏବଂ ପାକିସ୍ତାନ ବିପକ୍ଷରେ ବିସ୍ଫୋରକ ଇନିଂସ ଖେଳି ତାଙ୍କ କ୍ୟାରିଅରର ସର୍ବୋଚ୍ଚ ରେଟିଂ ପଏଣ୍ଟ ହାସଲ କରିଛନ୍ତି।

ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ଅଲରାଉଣ୍ଡର ତାଲିକାର ଶୀର୍ଷରେ ରହିଛନ୍ତି। ବ୍ୟାଟିଂ ଏବଂ ବୋଲିଂ ଉଭୟରେ ତାଙ୍କର ସ୍ଥିରତା ତାଙ୍କୁ ଏହି ସ୍ଥାନ ଦେଇଛି। ହାର୍ଦ୍ଦିକ ଟିମ୍ ଇଣ୍ଡିଆ ପାଇଁ ଜଣେ ଗୁରୁତ୍ୱପୂର୍ଣ୍ଣ ସନ୍ତୁଳକ, ପାୱାର ହିଟିଂ ଏବଂ ଡେଥ୍ ଓଭର ବୋଲିଂ ଉଭୟରେ ଦଳକୁ ମଜଭୁତ କରୁଛନ୍ତି।



ଭାରତ ବର୍ତ୍ତମାନର ଟି–୨୦ ବିଶ୍ୱକପ ଚାମ୍ପିଅନ ଏବଂ ଗୋଟିଏ ବର୍ଷ ପରେ ମଧ୍ୟ ଫର୍ମାଟରେ ପ୍ରାଧାନ୍ୟ ବିସ୍ତାର କରି ଚାଲିଛି। ଭାରତ ଦଳ ରାଙ୍କିଙ୍ଗରେ ଶୀର୍ଷ ସ୍ଥାନ ଅଧିକାର କରିଛି, ଏବଂ ବର୍ତ୍ତମାନ ଭାରତୀୟ ଖେଳାଳିମାନେ ବ୍ୟକ୍ତିଗତ ର୍‍ୟାଙ୍କିଙ୍ଗରେ ମଧ୍ୟ ତିନୋଟି ବର୍ଗରେ ଶୀର୍ଷରେ ଅଛନ୍ତି। ଏହି କ୍ଲିନ ସୁଇପ ଦର୍ଶାଉଛି ଯେ, ଭାରତ କେବଳ ଏକ ଦଳ ଭାବରେ ନୁହେଁ ବରଂ ବ୍ୟକ୍ତିଗତ ସ୍ତରରେ ମଧ୍ୟ ଟି–୨୦ କ୍ରିକେଟ ଚାର୍ଟରେ ନେତୃତ୍ୱ ନେଉଛି।

ଭାରତର ଟି–୨୦ ଅନ୍ତର୍ଜାତୀୟ ସଫଳତା (୨୦୨୫) : ଟି–୨୦ ବିଶ୍ୱକପ ଚାମ୍ପିଅନ – ଭାରତ, ନମ୍ବର ୧ ଦଳ – ଭାରତ। ନମ୍ବର ୧ ବ୍ୟାଟ୍ସମ୍ୟାନ – ଅଭିଷେକ ଶର୍ମା (ଭାରତ), ନମ୍ବର ୧ ବୋଲର – ବରୁଣ ଚକ୍ରବର୍ତ୍ତୀ (ଭାରତ), ନମ୍ବର ୧ ଅଲରାଉଣ୍ଡର – ହାର୍ଦ୍ଦିକ ପାଣ୍ଡ୍ୟା (ଭାରତ)।

# ରବିବାର ପୁଣି ଭାରତ-ପାକିସ୍ତାନ ଲଢ଼େଇ

**ନୂଆଦିଲ୍ଲୀ**

ଏସିଆ କପ୍‌ରେ ପୁଣି ମୁହାଁମୁହିଁ ହେବେ ଭାରତ ଓ ପାକିସ୍ତାନ। ଦୁଇ ଚୀରପ୍ରତିଦ୍ୱନ୍ଦ୍ୱୀ ଆସନ୍ତା ରବିବାର (ସେପ୍ଟେମ୍ବର ୨୧) ସୁପର ୪ ମୁକାବିଲାରେ ପରସ୍ପର ବିରୋଧରେ ଲଢ଼େଇ କରିବେ। ଗ୍ରୁପ୍ ଏ'ରୁ ଭାରତ ଓ ପାକିସ୍ତାନ ସୁପର ୪କୁ ଯୋଗ୍ୟତା ଅର୍ଜନ କରିଛନ୍ତି।

ରାଉଣ୍ଡ ରବିନ ଫର୍ମାଟରେ ସୁପର ୪ ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ଅର୍ଥାତ ପ୍ରତିଟି ଦଳ ୩ଟି ଲେଖାଏଁ ମ୍ୟାଚ୍ ଖେଳିବେ। ଭାରତ ଗୋଟିଏ ମ୍ୟାଚ୍ ପାକିସ୍ତାନ ବିପକ୍ଷରେ ଖେଳିବାକୁ ଥିବା ବେଳେ ଗ୍ରୁପ ବି'ରୁ ଯୋଗ୍ୟତା ଅର୍ଜନ କରିବାକୁ ଥିବା ୨ଟି ଦଳ ବିରୋଧରେ ଆଉ ୨ଟି ମ୍ୟାଚ୍ ଖେଳିବ। ଗ୍ରୁପ ବି'ରୁ ଯୋଗ୍ୟତା ଅର୍ଜନ କରିବା ଦୌଡ଼ରେ ଶ୍ରୀଲଙ୍କା, ବାଂଲାଦେଶ ଓ ଆଫଗାନିସ୍ତାନ ରହିଛନ୍ତି।

ଭାରତ ସୁପର ୪କୁ ଯୋଗ୍ୟତା ଅର୍ଜନ କରି ସାରିଥିବା ବେଳେ ଶେଷ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଓମାନକୁ ଆସନ୍ତାକାଲି ଭେଟିବ। ବୁଧବାର ବେଶ୍ ହାଇଡ୍ରାମା ପରେ ପାକିସ୍ତାନ ତା'ର ଶେଷ ଲିଗ୍ ମ୍ୟାଚ୍ ୟୁଏଇ ବିପକ୍ଷରେ ଖେଳିଥିଲା। ଭାରତ ସହ ରବିବାର ଠାରୁ ଲାଗି ରହିଥିବା ହ୍ୟାଣ୍ଡସେକ୍ ବିବାଦ କାରଣରୁ ପାକିସ୍ତାନ ବୁଧବାର ମ୍ୟାଚ୍‌ରେ ନାଟକ କରିଥିଲା। ଏଥିପାଇଁ ପ୍ରାୟ ୧ ଘଣ୍ଟା ପରେ ଟସ୍ ପଡ଼ିଥିଲା ଓ ଭାରତୀୟ ସମୟ ୯ ଟାରେ ମ୍ୟାଚ୍ ଆରମ୍ଭ ହୋଇଥିଲା। ମ୍ୟାଚ୍ ରେଫରୀ ଆଣ୍ଡୀ ପାଇକ୍ରଫ୍ଟଙ୍କୁ ବହିଷ୍କାର କରିବା ଦାବିରେ ପାକିସ୍ତାନ ଅଟଳ ରହିଥିଲେ ହେଁ ଆଇସିସି ଏହାକୁ କର୍ଣ୍ଣପାତ କରି ନାହିଁ। ତଥାପି ପାଇକ୍ରଫ୍ଟ ପାକିସ୍ତାନ ଟିମ୍ ମ୍ୟାନେଜମେଣ୍ଟଙ୍କୁ ରବିବାର ହ୍ୟାଣ୍ଡସେକ ବିବାଦ ନେଇ କ୍ଷମା ମାଗିବା ପରେ ପାକିସ୍ତାନ ବୁଧବାର ୟୁଏଇ ବିପକ୍ଷରେ ମ୍ୟାଚ୍ ଖେଳିଥିଲା।

ଏହି ମ୍ୟାଚ୍‌କୁ ପାକିସ୍ତାନ ୪୧ ରନରେ ଜିତି ସୁପର ୪କୁ ଯୋଗ୍ୟତା ଅର୍ଜନ କରିଛି। ଭାରତ ଗ୍ରୁପ ଏର ୧ ନମ୍ବର ସ୍ଥାନରେ ଓ ପାକିସ୍ତାନ ୨ ନମ୍ବର ସ୍ଥାନରେ ରହିଛି। ତେଣୁ ଏସିଆ କପ ସେଡ୍ୟୁଲ ଅନୁସାରେ ଗ୍ରୁପ ଏ'ର ୧ ନମ୍ବର ଟିମ ଓ ଗ୍ରୁପ ବି'ର ୨ ନମ୍ବର ଟିମ୍ ପରସ୍ପର ବିରୋଧରେ ରବିବାର ମ୍ୟାଚ୍ ଖେଳିବେ। ଏହିକ୍ରମରେ ଭାରତ ଓ ପାକିସ୍ତାନ ରବିବାର ପୁଣି ଏସିଆ କପରେ ପରସ୍ପରକୁ ଟକ୍କର ଦେବେ।



ଏହାପୂର୍ବରୁ ଗ୍ରୁପ ପର୍ଯ୍ୟାୟରେ ସୂର୍ଯ୍ୟ କୁମାର ଯାଦବଙ୍କ ଭାରତୀୟ ଟିମ୍ ସେପ୍ଟେମ୍ବର ୧୪ (ରବିବାର)ରେ ପାକିସ୍ତାନକୁ ଏକତରଫା ଭାବେ ୭ ୱିକେଟରେ ହରାଇଥିଲା। ଏହି ମ୍ୟାଚ୍‌ର ଟସ୍ ବେଳେ କିମ୍ବା ମ୍ୟାଚ୍ ଭାରତ ଜିତିବା ପରେ ଦୁଇ ଦଳ ପରସ୍ପର ସହ ହାତ ମିଳାଇ ନଥିଲେ। ଏଥିରେ ଅପମାନିତ ହୋଇଥିବା ପାକିସ୍ତାନର ଅଧିନାୟକ ସଲମାନ ଅଲୀ ଆଘା ମ୍ୟାଚ୍ ପରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବକୁ ଆସି ନଥିଲେ। ପାକିସ୍ତାନର ପାଇକ୍ରଫ୍ଟ ବହିଷ୍କାର ଦାବି ମଧ୍ୟ ଆଇସିସି ଅଗ୍ରାହ୍ୟ କରି ଦେଇଛି। ଏସବୁ ଭିତରେ ୨ ଦଳ ପୁଣି ରବିବାର ମୁହାଁମୁହିଁ ହେବାକୁ ଯାଉଛନ୍ତି।

# ନିରାଶ କଲେ ନୀରଜ, ହୃଦୟ ଜିତିଲେ ସଚିନ ଯାଦବ

**ନୂଆଦିଲ୍ଲୀ**

ଭାରତର ଷ୍ଟାର ଜାଭେଲିନ ଖେଳାଳି ନୀରଜ ଚୋପ୍ରା ସମସ୍ତଙ୍କୁ ନିରାଶ କରିଛନ୍ତି। ବିଶ୍ୱ ଦୌଡ଼କୁଦ ଚାମ୍ପିୟନସିପ ୨୦୨୫ ଫାଇନାଲରେ ସେ ବିନା ପଦକରେ ନିଜର ଅଭିଯାନ ଶେଷ କରିଛନ୍ତି। ଜାପାନର ଟୋକିଓରେ ଆୟୋଜିତ ଫାଇନାଲରେ ନୀରଜ ଆରମ୍ଭରୁ ହିଁ ଲୟକୁ ଫେରିବାରେ ସକ୍ଷମ ହୋଇ ନଥିଲେ। ଶେଷରେ ସେ ୮ମ ସ୍ଥାନରେ ରହି ଚାମ୍ପିୟନସିପରୁ ବିଦାୟ ନେଇଛନ୍ତି।

ଡିଫେଣ୍ଡି ଚାମ୍ପିୟନ ନରୀଜ କେବଳ ୮୪.୦୩ ମିଟର ଦୂରତାକୁ ଜାଭେଲିନ ଫିଙ୍ଗିବାକୁ ସକ୍ଷମ ହୋଇଥିଲେ। ସେ ୫ଥର ଜାଭେଲିନ ପକାଇଥିଲେ ହେଁ ୮୫ ମିଟର ଦୂରତା ମଧ୍ୟ ଅତିକ୍ରମ କରି ପାରି ନଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ୨୦୧୮ ପରେ କୌଣସି ଜାଭେଲିନ ପ୍ରତିଯୋଗିତାରେ ନୀରଜ ବିନା ମେଡାଲରେ ନିଜର ଅଭିଯାନ ଶେଷ କରିଛନ୍ତି। ୨୦୧୮ରୁ ଆଜି ଯାଏ ନୀରଜ ଯେଉଁ ଟୁର୍ଣ୍ଣାମେଣ୍ଟ ଖେଳିଥିଲେ, ସେଥିରେ ଜ ଅତିକମ୍‌ରେ ବ୍ରୋଞ୍ଜ ମଧ୍ୟ ଜିତିଥିଲେ। ହେଲେ ନୀରଜ ଏବେ ସଂଘର୍ଷ କରିବା ସହ ପଦକ ହାତେଇବାକୁ ସକ୍ଷମ ହୋଇ ନାହାନ୍ତି।



ଚାମ୍ପିୟନସିପ ଫାଇନାଲରେ ନୀରଜଙ୍କ ଆଉ ଜଣେ ଭାରତୀୟ ସଚିନ ଯାଦବ ମଧ୍ୟ ଭାଗ ନେଇଥିଲେ। ସେ ଆରମ୍ଭରୁ ଦମ୍‌ଦାର ପ୍ରଦର୍ଶନ କରି ଏକଦା ତୃତୀୟ ସ୍ଥାନରେ ପହଞ୍ଚି ଯାଇଥିଲେ। ୫ଟି ଥ୍ରୋ ପରେ ନୀରଜ ଫାଇନାଲ ରାଉଣ୍ଡରୁ ୮ମ ସ୍ଥାନରେ ରହି ବିଦାୟ ନେଇଥିଲେ। କିନ୍ତୁ ୪ର୍ଥ ସ୍ଥାନରେ ଥିବା ୨୫ ବର୍ଷୀୟ ସଚିନ ଭାରତର ମେଡାଲ ଜିତିବା ଆଶା ବଜାୟ ରଖିଥିଲେ। ନୀରଜ ବିଦାୟ ନେବାରୁ ସମସ୍ତଙ୍କ ନଜର ସଚିନଙ୍କ ଉପରେ ରହିଥିଲା।

ସେ ନିଜର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରି ୮୬.୨୭ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ସମସ୍ତଙ୍କ ହୃଦୟ ଜିତି ପାରିଛନ୍ତି। ପଦକ ଜିତି ନଥିଲେ ମଧ୍ୟ ସଚିନ ନିଜର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରି ଭାରତୀୟ ଜାଭେଲିନରେ ନୂଆ ସମ୍ଭାବନା ସୃଷ୍ଟି କରିଛନ୍ତି।

ଅନ୍ୟପକ୍ଷରେ ଚାମ୍ପିୟନସିପ ଫାଇନାଲରେ ପାକିସ୍ତାନର ଅର୍ଶଦ ନଦୀମ ମଧ୍ୟ ଭାଗ ନେଇଥିଲେ। ଲାଗୁଥିଲା ସେ ନୀରଜ ଓ ସଚିନଙ୍କୁ ଟକ୍କର ଦେବେ। ଅଲିମ୍ପିକ୍ସରେ ନୀରଜଙ୍କୁ ହରାଇ ନଦୀମ ସ୍ୱର୍ଣ୍ଣ ଜିତି ଥିବାରୁ ତାଙ୍କ ଉପରେ ସମସ୍ତଙ୍କ ନଜର ଥିଲା। କିନ୍ତୁ ସେ ୧୦ ନମ୍ବର ସ୍ଥାନରେ ରହିଥିଲେ। ନଦୀମ ମାତ୍ର ୮୨.୭୫ ମିଟର ଦୂରତାକୁ ଜାଭେଲିନ ଫିଙ୍ଗିବାକୁ ସକ୍ଷମ ହୋଇଥିଲେ।

ଏହି ଲଢ଼େଇରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଟ୍ରିନାଡର କେଶରୋନ ୱାଲକର୍ଟ। ସେ ସିଜିନ ବେଷ୍ଟ ୮୮.୧୬ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ଏପରି ସଫଳତା ପାଇଛନ୍ତି। ୱାଲକର୍ଟ ୨୦୧୨ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ପରଠାରୁ ସେ ଆଉ ପଦକ ଜିତି ପାରି ନଥିଲେ। ଦୀର୍ଘ ୧୩ ବର୍ଷ ପରେ ସେ ବିଶ୍ୱ ଦୌଡ଼କୁଦ ଚାମ୍ପିୟନସିପରେ ଚାମ୍ପିୟନ ହୋଇଛନ୍ତି। ଏପରି ସଫଳତା ପରେ କାନ୍ଦି ପକାଇଛନ୍ତି ୩୨ ବର୍ଷୀ ୱାଲକର୍ଟ।

୮୭.୩୮ ମିଟର ଥ୍ରୋ ସହ ଗ୍ରେନାଡାର ଆଣ୍ଡରସନ ପିଟର ଦ୍ୱିତୀୟ ସ୍ଥାନ ଓ ଆମେରିକାର କରଟିସ ଥମ୍ପସନ ୮୬.୬୭ ମିଟର ଥ୍ରୋ ସହ ତୃତୀୟ ସ୍ଥାନରେ ରହିଛନ୍ତି।

# ନ୍ୟାସନାଲ କିକ୍‌ବକ୍ସିଂ ପ୍ରତିଯୋଗିତାରେ ଗଞ୍ଜାମର ୪ ଜଣ ପ୍ରତିଯୋଗୀ




**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ୨୨ରୁ ୨୬ ପର୍ଯ୍ୟନ୍ତ ହିମାଞ୍ଚଳ ପ୍ରଦେଶରେ ହେବାକୁ ଥିବା ନେସନାଲ କିକ ବକ୍ସିଂ ପ୍ରତିଯୋଗିତାରେ ଗଞ୍ଜାମର ୪ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ଏଥିପାଇଁ ଶୁକ୍ରବାର ୱାକ ଓଡ଼ିଶା ପ୍ରେସିଡେଣ୍ଟ କାର୍ତ୍ତିକ ଡାକୁଆ, ଗଞ୍ଜାମ ଜିଲ୍ଲା କୋଚ୍ ପ୍ରମୋଦ କୁମାର ଅପାତ, ଦୁର୍ଗା ପ୍ରସାଦ ଦାସ ଏବଂ ଶିବାଜୀ କୁମାର ବେଜଙ୍କ ନେତୃତ୍ୱରେ ଜିଲ୍ଲାର ଚାରିଜଣ ପ୍ରତିଯୋଗୀ ପ୍ରତୀକ ନାହାକ, ଦେବାଶିଷ ସାହୁ, ବିକାଶ ବେହେରା ଏବଂ ଲକ୍ଷ୍ମଣ ଆଚାର୍ଯ୍ୟ ପ୍ରମୁଖ ଶୁକ୍ରବାର ହିମାଞ୍ଚଳ ପ୍ରଦେଶ ଗସ୍ତ କରିବେ। ଉପରୋକ୍ତ ପ୍ରତିଯୋଗୀମାନେ ଜୁନିଅର କିକ ବକ୍ସିଂ ପ୍ରତିଯୋଗିତାରେ ଖେଳିବେ। ବର୍ତ୍ତମାନ ଓଡ଼ିଶା କିକ୍ ବକ୍ସିଂ ହେଡ୍‌କ୍ୱାର୍ଟର ଅନୁଗୁଳ କ୍ୟାମ୍ପରେ ସେମାନେ ଟ୍ରେନିଂ ନେଉଛନ୍ତି। ସେଠାରୁ ମନୋନୀତ ହେବା ପରେ ଏସିଆନ କିକ୍ ବକ୍ସିଂ ପ୍ରତିଯୋଗିତାରେ ଖେଳିବେ ବୋଲି କୋଚ୍ ଅପାତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ମୋରଡ଼ା ଆଦର୍ଶ ବିଦ୍ୟାଳୟର ସଫଳତା

# କବାଡ଼ି ଏବଂ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ରାଜ୍ୟସ୍ତରକୁ ମନୋନୀତ ହେଲେ ୩ ଛାତ୍ର



**ମୋରଡ଼ା।**

ଜିଲ୍ଲାସ୍ତରୀୟ କବାଡ଼ି ଏବଂ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ଆଦର୍ଶ ବିଦ୍ୟାଳୟକୁ ସଫଳତା ମିଳିଛି। ବିଦ୍ୟାଳୟର ୩ଜଣ ଛାତ୍ର ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ମନୋନୀତ ହୋଇଥିବା ଛାତ୍ରମାନେ ହେଲେ ଏକାଦଶ ଶ୍ରେଣୀର କରଣ ଅର୍ଜୁନ ମହାନ୍ତ, ସପ୍ତମ ଶ୍ରେଣୀର ହିମାଂଶୁ ଶେଖର ଦାସ ଏବଂ ଷଷ୍ଠ ଶ୍ରେଣୀର ଦେବାଶିଷ ପାତ୍ର।

ଏପରି କୃତୀତ୍ୱ ପାଇଁ ବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ଏହି ସଫଳତା ପାଇଁ ଛାତ୍ରମାନେ ବିଦ୍ୟାଳୟର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାତ୍ର ଏବଂ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକଙ୍କୁ କୃତଜ୍ଞତା ଜଣାଇଛନ୍ତି।

ସୂଚନା ଅନୁଯାୟୀ, ବିଶୋଇରେ ହୋଇଥିବା ଜିଲ୍ଲାସ୍ତରୀୟ କବାଡି ପ୍ରତିଯୋଗିତାରେ ଭାଗ ନେଇ ଉତ୍ତମ ଖେଳ ପ୍ରଦର୍ଶନ କରି ନଭେମ୍ବର ୧୩ରୁ ୧୭ ଯାଏ ସୁନ୍ଦରଗଡ଼ରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ସେହିପରି ବାରିପଦାରେ ହୋଇଥିବା ଜିଲ୍ଲାସ୍ତରୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାରେ ହିମାଂଶୁ ଶେଖର ଦାସ ଏବଂ ଦେବାଶିଷ ପାତ୍ର ଯଥାକ୍ରମେ ଦ୍ୱିତୀୟ ଏବଂ ଚତୁର୍ଥ ସ୍ଥାନ ଅଧିକାର କରି ସେପ୍ଟେମ୍ବର ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ନବରଙ୍ଗପୁରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି।

# ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ୍ ଉଦ୍‌ଘାଟିତ; ବାରବାଟୀ ଓଡ଼ିଶାର ଗର୍ବ : ମୁଖ୍ୟମନ୍ତ୍ରୀ

**କଟକ**

ଐତିହାସିକ ବାରବାଟୀ ଷ୍ଟାଡ଼ିୟମ ଅନେକ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚର ମୁକସାକ୍ଷୀ। ଉକ୍ତ ଷ୍ଟାଡ଼ିୟମରେ ଏକାଧିକ ଅନ୍ତର୍ଜାତୀୟ ମ୍ୟାଚ ଆୟୋଜିତ ହୋଇଛି। ବାରବାଟୀ ଓଡ଼ିଶାର ଗର୍ବ ଓ ଗୌରବ। ଓଡ଼ିଶା କ୍ରିକେଟକୁ ଆଗକୁ ନେବା ଓ ରାଜ୍ୟରୁ ଅନ୍ତର୍ଜାତୀୟ କ୍ରିକେଟର ସୃଷ୍ଟି କରିବାରେ ବାରବାଟୀର ବଡ଼ ଭୂମିକା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଆୟୋଜିତ ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ୍ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବାରବାଟୀ ଷ୍ଟାଡ଼ିୟମରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ୍ ଟ୍ରଫି ଉନ୍ମୋଚିତ କରିବା ସହ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।




ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଆରମ୍ଭ ହୋଇଥିବା ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ୍‌କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଶଂସା କରିଥିଲେ। ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ୍ ଦ୍ୱାରା ଆଗାମୀ ଦିନରେ ରାଜ୍ୟରୁ ଅନ୍ତର୍ଜାତୀୟସ୍ତରର ଖେଳାଳି ବାହାରି ପାରିବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ। ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ୍‌ର ବ୍ରାଣ୍ଡ ଆମ୍ବାସାଡାର ତଥା ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଇର୍ଫାନ ପଠାନ ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ୍ ଯୁବ ଖେଳାଳିମାନଙ୍କ ପାଇଁ ବଡ ପ୍ଲାଟଫର୍ମ ବୋଲି କହିଥିଲେ। ଓସିଏ ଯୁବ ଖେଳାଳିମାନଙ୍କ ପାଇଁ ବଡ଼ ସୁଯୋଗ ଆଣିଛି।

ଖେଳାଳିମାନେ ଏହାର ଫାଇଦା ନେବା ଆବଶ୍ୟକ ବୋଲି ଇର୍ଫାନ କହିଥିଲେ। ନିଜ ଉପରେ ଦୃଢ ବିଶ୍ୱାସ ରଖି ଆଗକୁ ବଢ଼ିଲେ ପ୍ରତିଟି କ୍ଷେତ୍ରରେ ସଫଳତା ମିଳିଥାଏ। ଭଲ କ୍ରିକେଟର ହେବାକୁ ହେଲେ ପ୍ରଥମେ ନିଜ ଉପରେ ଦୃଢ ଆତ୍ମବିଶ୍ୱାସ ରଖ। ସାମ୍ନାରେ ଯେଉଁ ବ୍ୟାଟ୍‌ସମ୍ୟାନ ହୁଅନ୍ତୁ କି ବୋଲର ତାଙ୍କୁ ଆତ୍ମବିଶ୍ୱାସର ସହିତ ସାମ୍ନା କର ବୋଲି ଯୁବ ଖେଳାଳିମାନଙ୍କୁ ଇର୍ଫାନ ପରାମର୍ଶ ଦେଇଥିଲେ। ଓସିଏର ପୂର୍ବତନ ସମ୍ପାଦକ ତଥା ଓଡ଼ିଶା ଦୌଡ଼କୁଦ ସଂଘର ଅଧ୍ୟକ୍ଷ ଡ. ଆଶୀର୍ବାଦ ବେହେରା ଓଡ଼ିଶାର ଯୁବ ଖେଳାଳିମାନଙ୍କୁ ଆଗକୁ ନେବାରେ ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ୍ ସହାୟକ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ଓସିଏ ସମ୍ପାଦକ ସଞ୍ଜୟ ବେହେରା, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, ଆରିଭାର କୋ ଫାଉଣ୍ଡର ତଥା ନିର୍ଦ୍ଦେଶକ କେ. ଗୁପ୍ତା, ରାଉରକେଲା ଷ୍ଟିଲର୍ସ ଫ୍ରାଞ୍ଚାଇଜ ତତ୍ତ୍ୱାବଧାରକ ତନିଶା ଜୈନ, କଟକ ପାନ୍ଥର୍ସ ଫ୍ରାଞ୍ଚାଇଜ ତତ୍ତ୍ୱାବଧାରକ ଶୈଳେନ୍ଦ୍ର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଓସିଏ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଉଦ୍‌ଘାଟନୀ ଉତ୍ସବ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ ପ୍ରଥମ ମ୍ୟାଚର ଟସ୍ ପକାଇବା ସହ ଘଣ୍ଟି ବଜାଇ ଖେଳ ଶୁଭାରମ୍ଭ କରିଥିଲେ।

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ପୁରୀ** F-

**କୋଟେସନ (Quotation)**

ଇଚ୍ଛୁକ ବ୍ୟବସାୟୀ/ସଂସ୍ଥାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ହବିଷ୍ୟାଳି କାର୍ତ୍ତିକ ବ୍ରତ ଯୋଜନା–୨୦୨୫ ଅଧୀନରେ କାର୍ତ୍ତିକ ବ୍ରତ ପାଳନ କରିବାକୁ ଆସୁଥିବା ହବିଷ୍ୟାଳି ମା'ମାନଙ୍କ ଉପଲକ୍ଷେ ଆବଶ୍ୟକୀୟ ଦ୍ରବ୍ୟ/ଖାଦ୍ୟ ନିମ୍ନମତେ ପାଞ୍ଚୋଟି କୋଟେସନ (Quotation) ଭିନ୍ନ ଭିନ୍ନ ଭାବେ ତା.୧୯.୦୯.୨୦୨୫ ରିଖ ପୂର୍ବାହ୍ନ ୧୦.୦୦ ଠାରୁ ତା.୨୫.୧୦.୨୦୨୫ ରିଖ ଅପରାହ୍ନ ଘ.୦୩.୦୦ଟିକା ମଧ୍ୟରେ ଆହ୍ୱାନ କରାଯାଉଛି।

| କ୍ର.ସଂ. | କୋଟେସନ (Quotation) ସଂଖ୍ୟା | ଉଦ୍ଦେଶ୍ୟ (Purpose) |
|---|---|---|
| ୧ | ସଂଖ୍ୟା.୯୫୧/ସଂସ୍କୃତି, ତା.୧୮.୦୯.୨୦୨୫ | ଏକ ଗୋଟି ସୂତାଶାଢ଼ୀ, ଏକ ଗୋଟି ଉତ୍ତରୀୟ/ଆସାମ ଗାମୁଛା, ଏକ ଗୋଟି ରାଇଦାମୋଦର ବହି, ଏକ ଗୋଟି ଜପମାଳି ସହ ମୁଦ୍ରଣ ମୁଣି ସମସ୍ତ ଏକ ଗୋଟି ଝୋଟ ନିର୍ମିତ ମୁଦ୍ରଣ ବ୍ୟାଗ (Kit Bag) |
| ୨ | ସଂଖ୍ୟା.୯୪୬/ସଂସ୍କୃତି, ତା.୧୮.୦୯.୨୦୨୫ | ପ୍ରତି ପ୍ୟାକେଟରେ ଅନ୍ୟୁନ ପାଚିଲା କଦଳୀ–୩ ଗୋଟି ପିଜୁଳି ନାସପାତି–୨ ଗୋଟି ଓ ସେଓ–୨ ଗୋଟି (ହାରାହାରି ୭୫୦ ଗ୍ରାମ୍ |
| ୩ | ସଂଖ୍ୟା.୯୪୧/ସଂସ୍କୃତି, ତା.୧୮.୦୯.୨୦୨୫ | ସକାଳ ଓ ସନ୍ଧ୍ୟାରେ ଚା' (କ୍ଷୀର ଯୁକ୍ତ) ମିଠା/ବିନା ମିଠା ଚା' କପ(୧୮୦ମି.ଲି) |
| ୪ | ସଂଖ୍ୟା.୯୫୬/ସଂସ୍କୃତି, ତା.୧୮.୦୯.୨୦୨୫ | ଟି–ସାର୍ଟ ଓ ପ୍ରିଣ୍ଟିଙ୍ଗ |
| ୫ | ସଂଖ୍ୟା.୯୬୧/ସଂସ୍କୃତି, ତା.୧୮.୦୯.୨୦୨୫ | ଟିଫିନ |

ତେଣୁ, ଏ ସମ୍ବନ୍ଧରେ ଆବେଦନ ପାଇଁ ଅଧିକ ଜାଣିବା ନିମନ୍ତେ https://puri.odisha.gov.in କୁ ଯାଇ ଆବେଦନ ସମ୍ବନ୍ଧୀୟ ଅଧିକ ତଥ୍ୟ ଜାଣିପାରିବେ। ଏଠାରେ ଅବଗତ କରାଇଦିଆଯାଉଅଛି ଯେ, କୋଟେସନ (Quotation) ଗୁଡ଼ିକ ଭିନ୍ନ ଭିନ୍ନ ଅଟେ। ଯେକୌଣସି କୋଟେସନ (Quotation) ଆବେଦନ ପାଇଁ ସମ୍ପୃକ୍ତ କୋଟେସନ (Quotation) ନିୟମ ମୁତାବକ ଆବେଦନ କରିବାକୁ ହେବ।

OIPR-24014/11/0018/2526 ସ୍ୱା/– ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟକଲ), ପୁରୀ

**NOTICE INVITING TENDER**
**Office of District Manager**
**Odisha State Civil Supplies Corporation Ltd. (OSCSC), Subarnapur**
**Phone : 7092925898**
CAD-1802

**Tender No:**
1. Sonepur MPL - **1506/17.09.2025** 2. Dunguripali Block - **1507/17.09.2025**
Cost of Tender Document :- **Rs.5900/- Inclusive of GST** for each RRC Io Unit (Block / ULB) combination of the district.
Online Tenders are invited from eligible bidders for selection and appointment of level-II contractor for transportation of Custom Milled Rice (CMR) from Rice Receiving Centre (RRC) to Retail Centre (FPS)

| | | |
|---|---|---|
| 1 | A vailability of tender documents | From Date - **18.09.2025 At-5.00 PM** Downloadable from website : www.oscsc.in, www.foododisha.in&www.tcndersodisha.gov.in |
| 2 | Date, time and venue for pre-bid conference. | On **dt-19.09.2025. At-11.30 AM** Place.- Conference Hall of Collectorate, Subarnapur |
| 3 | Last date and time for **online** submission of completed Tender Documents with enclosures | Through e-Procurement Portal : **www.tendersodisha.gov.in** Up to **5.00 PM. Of dt. 13.10.2025** |
| 4 | Date, time and venue for opening of Technical Bid by the Tender Committee | On dt.**14.10.2025 at 11.30 A.M.** Place Conference Hall of Collectorate, Subarnapur. |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt.**15.10.2025 at 11.30 A.M.** Place- Conference Hall of Collectorate, Subarnapur. |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Venue of the opening of Technical & Financial Bids | Conference Flail of Collectorate, Subarnapur |
| 8 | Validity Period | Tenders are to remain open for acceptance for 15 days inclusive of date of opening of tender. |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk telephone no | (i) OSCSC Ltd.: - District Manager :-No-9437068432 Accounts Head. No-7092925898 (ii) State Procurement Cell: 0674-2530998 18003456765 |

N.B: If the office happens to be clolsed on the date of opening of tenders, tenders will be opened on the next working day in the same time.

**By Order of Collector**
**OIPR-07030/11/0017/2526** **District Manager, OSCSC Ltd., Subarnapur**

# ସମଗ୍ର ସୁନ୍ଦରଗଡ଼ ଜିଲ୍ଲାରେ ଲାଗିଲା ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଗଛ



**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ସୁନ୍ଦରଗଡ଼ରେ ଗତ ୧୭ ତାରିଖରେ ଏକ ସୁସ୍ଥ ଜୀବନ ପାଇଁ ଗୋଟିଏ ସୁସ୍ଥ ପରିବେଶ ନିହାତି ଜରୁରୀ ଏବଂ ଆମ ପରିବେଶର ସୁରକ୍ଷା ପାଇଁ ଗଛ, ଜଙ୍ଗଲ ନିତ୍ୟାନ୍ତ ଆବଶ୍ୟକ। ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ଏକ୍ ପେଡ୍ ମା' କେ ନାମ୍' ବା 'ମା ପାଇଁ ଗଛ ଟିଏ' ଅଭିଯାନ ଆରମ୍ଭ କରିଥିଲେ। ଏହି ଅଭିଯାନ ଅନ୍ତର୍ଗତ ବୁଧବାର ସାରା ରାଜ୍ୟରେ ଚାରାରୋପଣ ଅନୁଷ୍ଠିତ ହୋଇଥିଲା। ସେହିଭଳି ସୁନ୍ଦରଗଡ଼ ଜିଲ୍ଲାରେ ୧୦ ଲକ୍ଷ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି। ଜିଲ୍ଲା ମୁଖ୍ୟାଳୟ, ରାଉରକେଲା ମହାନଗର ନିଗମ ସମେତ ଜିଲ୍ଲାର ସମସ୍ତ ବ୍ଲକ୍ ଅନ୍ତର୍ଗତ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ସ୍ଥାନ ମାନଙ୍କରେ ଚାରା ରୋପଣ କରାଯାଇଛି। ବିଦ୍ୟାଳୟ, ଅଙ୍ଗନୱାଡ଼ି, ହଷ୍ଟେଲ ପରିସର, ବିଭିନ୍ନ କାର୍ଯ୍ୟାଳୟ ପରିସର, ଶିଳ୍ପ ପ୍ରତିଷ୍ଠାନ ପରିସରମାନଙ୍କରେ ମଧ୍ୟ ଚାରା ଲଗାଯାଇଛି। ଏହି ଚାରା ଗୁଡ଼ିକ ମଧ୍ୟରେ ଆମ୍ବ, ପଣସ, ବେଲ, ପିଜୁଳି, ଔଷଧୀୟ ବୃକ୍ଷ ସହିତ ଅନ୍ୟାୟ ଜଙ୍ଗଲ ଜାତୀୟ ବୃକ୍ଷ ମଧ୍ୟ ରହିଛି। ଏହି ବିଶାଳ ଅଭିଯାନରେ ବିଭିନ୍ନ ବିଭାଗ ଯଥା– ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ, କୃଷି ଓ କୃଷକ ସଶକ୍ତିକରଣ, ଗଣଶିକ୍ଷା, ଉଚ୍ଚଶିକ୍ଷା, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ବିକାଶ, ସଂଖ୍ୟା ଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ, ମହିଳା ଓ ଶିଶୁ ବିକାଶ, ଷ୍ଟିଲ ଓ ଖଣି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଶିଳ୍ପ, ଅର୍ଥ ବିଭାଗ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

# ସ୍ୱତନ୍ତ୍ର ଗୀତ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ୭୫ତମ ଜନ୍ମଦିନର ଅଭିନନ୍ଦନ

- ଟି–ସିରିଜ୍ ଏବଂ ସାରେଗାମା ଦ୍ୱାରା ପ୍ରସ୍ତୁତ ଗୀତଗୁଡ଼ିକରେ ରହିଛି ଖ୍ୟାତିସମ୍ପନ୍ନ କଳାକାରଙ୍କ ଯୋଗଦାନ
- ସାମାଜିକ ଗଣମାଧ୍ୟମରେ ସୁମଧୁର ଗୀତଗୁଡ଼ିକୁ ଦେଖିବା ସହ ଶେୟାର କରୁଛନ୍ତି ଲକ୍ଷ ଲକ୍ଷ ଦର୍ଶକ

**ଭୁବନେଶ୍ୱର, ପିଆଇବି**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମ ଦିନରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିବା ବେଳେ କଳା ଜଗତର ବିଶିଷ୍ଟ ବ୍ୟକ୍ତିତ୍ୱମାନେ ଶ୍ରୀ ମୋଦୀଙ୍କୁ ଅଭିନବ ଢଙ୍ଗରେ ଅଭିନନ୍ଦନ ଜଣାଇଛନ୍ତି। ଭାରତର ବିଭିନ୍ନ ଭାଷାରେ ସ୍ୱତନ୍ତ୍ର ସଙ୍ଗୀତ ପ୍ରସ୍ତୁତ କରାଯାଇ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଟି–ସିରିଜ୍ ଏବଂ ସାରେଗାମା ପକ୍ଷରୁ ଏହିସବୁ ଗୀତ ପ୍ରସ୍ତୁତ କରାଯାଇଛି। ଏଥିମଧ୍ୟରୁ ଓଡ଼ିଶାର ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦଙ୍କ ସ୍ୱର ସଂଯୋଜନାରେ ପ୍ରସ୍ତୁତ ଗୀତ 'ଏଇ ଜଗନ୍ନାଥ ମାଟିରୁ ଜଣାଉଛୁ ଅଭିନନ୍ଦନ' ବେଶ୍ ଜନଆଦୃତି ଲାଭ କରିଛି। ଏ ଗୀତକୁ ୟୁଟ୍ୟୁବ୍ ଏବଂ ଅନ୍ୟ ସାମାଜିକ ଗଣମାଧ୍ୟମରେ ବହୁଳ ଭାବେ ଦେଖାଯାଉଛି ଏବଂ ଶେୟାର କରାଯାଉଛି। ଟି–ସିରିଜ ଦ୍ୱାରା ପ୍ରସ୍ତୁତ ଏହି ଗୀତକୁ ଲୋକପ୍ରିୟ କଣ୍ଠଶିଳ୍ପୀ ସୌରଭ ଭରଦ୍ୱାଜ ଏବଂ ଦୀପ୍ତିରେଖା ପାଢ଼ୀ ଗାଇଛନ୍ତି। ବହୁ ଲୋକପ୍ରିୟ ଅଭିନେତା ଏହି ଭିଡିଓ ଗୀତରେ ଅଭିନୟ କରିଛନ୍ତି। ଏଥିରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟ ଓ ଦେଶର ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ସମେତ ଓଡ଼ିଶାର କଳା ସଂସ୍କୃତିର ଝଲକ୍ ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କଟକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ, ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ବିଭୂତିଭୂଷଣ ଜେନା, ମୁକେଶ ମହାଲିଙ୍ଗ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖ ଏହି ଗୀତକୁ ସାମାଜିକ ଗଣମାଧ୍ୟମରେ ଶେୟାର କରିଛନ୍ତି। ସେହିପରି ଲୋକପ୍ରିୟ ଚଳଚ୍ଚିତ୍ର ତାରକା ଅନୁ ଚୌଧୁରୀ, ଶ୍ରୀତମ ଦାସ, ହରିହର ମହାପାତ୍ର, ଅନୁଭବ ମହାନ୍ତି, ପିଙ୍କୀ ପ୍ରଧାନ, ସବ୍ୟସାଚୀ ମିଶ୍ର ପ୍ରମୁଖ ମଧ୍ୟ ଗୀତଟିକୁ ବହୁଳମାତ୍ରାରେ ଶେୟାର କରିଛନ୍ତି।

ଅନୁରୂପ ଭାବେ ପ୍ରସୂନ ଯୋଶୀଙ୍କ ରଚନା ଏବଂ ବିଶିଷ୍ଟ ଗାୟକ ଶଙ୍କର ମହାଦେବନଙ୍କ ସ୍ୱର ସଂଯୋଜନାରେ ପ୍ରସ୍ତୁତ ହିନ୍ଦୀ ଭାଷାରେ ଆଉ ଏକ ଗୀତ – 'ବନ୍ଦନୀୟ ହୈ ଦେଶ ମେରା' ମଧ୍ୟ ଟି–ସିରିଜ୍ ପକ୍ଷରୁ ରିଲିଜ୍ କରାଯାଇଛି। ସେହିପରି ମରାଠୀ, ତେଲୁଗୁ, ଅହମୀୟା ଭାଷାରେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମ ଦିନର ଅଭିନନ୍ଦନ ଜଣାଇ ସ୍ୱତନ୍ତ୍ର ଗୀତ ପ୍ରସ୍ତୁତ କରାଯାଇଛି। ସାରେଗାମା ପକ୍ଷରୁ ମଧ୍ୟ ତାମିଲ ଏବଂ ମାଲୟାଲମ ଭାଷାରେ ଗୀତ ପ୍ରସ୍ତୁତ କରାଯାଇ ଶ୍ରୀ ମୋଦୀଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଏସବୁ ଗୀତକୁ ସାମାଜିକ ଗଣମାଧ୍ୟମରେ ଲକ୍ଷ ଲକ୍ଷ ଲୋକ ଦେଖୁଛନ୍ତି ଏବଂ ଶେୟାର କରୁଛନ୍ତି।



# ହସ୍ତଶିଳ୍ପ ବିଭାଗ ତରଫରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଶୁଭାରମ୍ଭ

କାକଟପୁର, ନ୍ୟୁଜ ବ୍ୟୁରୋ

ହସ୍ତତନ୍ତ ଓ ହସ୍ତ ଓ କୁଟୀରଶିଳ୍ପ ବିଭାଗ ସହାୟତାରେ ମଙ୍ଗଳବାର ମଧ୍ୟାହ୍ନରେ ତଥା ପୁରୀ ଜିଲ୍ଲା ହସ୍ତ ଓ କୁଟୀର ଶିଳ୍ପ ଉପନିର୍ଦ୍ଦେଶକ, ବିଷ୍ଣୁପଦ ମାରାଣ୍ଡି ଓ ହସ୍ତଶିଳ୍ପ ପ୍ରମୋସନ ଅଫିସର ଶ୍ରୀମତୀ ଶୁଭଲକ୍ଷ୍ମୀ ବେହେରା ଓ ଶ୍ରୀମତୀ ଇପ୍ସିତା ପ୍ରଧାନଙ୍କ ଉପସ୍ଥିତିରେ ଜଗନ୍ନାଥପୁରସ୍ଥ ହସ୍ତଶିଳ୍ପ ସମବାୟ ସମିତି ପରିସରରେ ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମ ଅନୁଯାୟୀ ଟେରାକୋଟା ଓ ପଟେରୀ ଶିଳ୍ପରେ ୧୫ ଜଣ ଯୁବକ ଓ ଯୁବତୀଙ୍କୁ ଆସନ୍ତା ୬ ମାସ ଧରି ଉକ୍ତ ଶିଳ୍ପ ଓ ତା'ର ଉପାଦନ ପାଇଁ ଉନ୍ନତ ଧରଣର ତାଲିମ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ଟ୍ରେନର (ନିପୁଣ ଶିଳ୍ପୀ) ହିସାବରେ ଟେରାକୋଟା ଶିଳ୍ପୀ ରବିନ୍ଦ୍ର ପରିଡା କାର୍ଯ୍ୟ କରିବେ ।




ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆରମ୍ଭରେ ଉପନିର୍ଦ୍ଦେଶକ ବିଷ୍ଣୁପଦ ମାରାଣ୍ଡି ଓ ହସ୍ତଶିଳ୍ପ ପ୍ରମୋସନ ଅଫିସର ଶ୍ରୀମତୀ ଶୁଭଲକ୍ଷ୍ମୀ ବେହେରା ଓ ଶ୍ରୀମତୀ ଇପ୍ସିତା ପ୍ରଧାନଙ୍କ ଟ୍ରେନିଂ ସମ୍ବନ୍ଧରେ ଓ ଟ୍ରେନିଂ ପ୍ରାପ୍ତ ଯୁବକ ଯୁବତୀଙ୍କ ଭବିଷ୍ୟତ ଯୋଜନା ବିଷୟରେ ଧାରଣା ଦେଇଥିଲେ । ଟ୍ରେନର ପରିଡା ଛାତ୍ରଛାତ୍ରୀମାନଙ୍କୁ ଶତ ପ୍ରତିଶତ ଉପସ୍ଥାନ ରଖିବାକୁ କହିଥିଲେ । ଶ୍ରୀଜଗନ୍ନାଥ ହସ୍ତଶିଳ୍ପ ସମବାୟ ସମିତିର ସଭାପତି ଡଃ. ଇଂ ଜଗବନ୍ଧୁ ଷଡଙ୍ଗୀ (ପୂର୍ବତନ ନିର୍ଦ୍ଦେଶକ ହସ୍ତ ଓ କୁଟୀର ଶିଳ୍ପ, ଓଡ଼ିଶା) ଉକ୍ତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପାଇଁ ରାଜ୍ୟସରକାର ତଥା ପୁରୀ ଜିଲ୍ଲା ହସ୍ତଶିଳ୍ପ ଅଧିକାରୀ ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ, ପରିଶେଷରେ ସମିତିର ସଂପାଦକ ତପନ କୁମାର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟରେ ମେଡିକାଲ ଶିକ୍ଷା ଓ ତାଲିମର ବିକାଶ ନିମନ୍ତେ ନୂଆ ନିଯୁକ୍ତି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଓଡ଼ିଶାରେ ମେଡିକାଲ ଶିକ୍ଷା ଓ ତାଲିମ ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ଲଗାତର ପ୍ରଚେଷ୍ଟା ଫଳରେ ଚଳିତ ବର୍ଷ ଫୁଲବାଣୀଠାରେ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ତାଳଚେରଠାରେ ପବିତ୍ର ମୋହନ ମେଡିକାଲ କଲେଜ୍ ଓ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଛି। ଏହା ସହିତ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟ କରୁଥିବା ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ ସଂଖ୍ୟା ୧୨ରୁ ୧୪କୁ ବୃଦ୍ଧି ପାଇଛି। ୨୦୨୪ ମସିହାରେ ଯାଜପୁର ଠାରେ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲ କାର୍ଯ୍ୟକ୍ଷମ କରାଯାଇଥିଲା। ଏହାଛଡା ରାଜ୍ୟରେ କାର୍ଯ୍ୟ କରୁଥିବା ୨ଟି ସ୍ନାତକୋତ୍ତର ମେଡିକାଲ ପ୍ରତିଷ୍ଠାନ ଯଥା ପି.ଜି.ଆଇ.ଏମ୍.ଇ.ଆର ଭୁବନେଶ୍ୱର ଏବଂ ଏ.ଏଚ.ପି.ଜି.ଆଇ.ସି, କଟକରେ ମଧ୍ୟ ନୂଆ ପ୍ରଫେସର ନିଯୁକ୍ତି ଦିଆଯାଇଛି। ଇତି ମଧ୍ୟରେ ସରକାର ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ମେଡିକାଲମାନଙ୍କରେ ୯୧ ଜଣ ଆସୋସିଏଟ ପ୍ରଫେସର (୨୩ଟି ବିଶେଷଜ୍ଞ ବିଭାଗରେ) ଏବଂ ୭ ଜଣ ଆସୋସିଏଟ ପ୍ରଫେସର (୬ଟି ସୁପରସ୍ପେସାଲିଟି ବିଭାଗରେ)ଙ୍କୁ ନିଯୁକ୍ତି ଦେଇଛନ୍ତି । ଏସ.ସି.ବି ମେଡିକାଲ କଲେଜରେ ୧୫ଜଣ ସ୍ପେସିଆଲିଷ୍ଟ୍ ଓ ୪ଜଣ ସୁପର ସ୍ପେସିଆଲିଷ୍ଟ୍, ଏମ.କେ.ସି.ଜି ବ୍ରହ୍ମପୁରରେ ୧୯ଜଣ ସ୍ପେସିଆଲିଷ୍ଟ୍ ଓ ୩ଜଣ ସୁପର ସ୍ପେସିଆଲିଷ୍ଟ୍, ପି.ଆର.ଏମ ମେଡିକାଲ କଲେଜ୍ ବାରିପଦାରେ ୬ଜଣ, ଏସ.ଏଲ.ଏନ୍ ମେଡିକାଲ କଲେଜ୍ କୋରାପୁଟରେ ୧୦ ଜଣ, ଏଫ୍.ଏମ୍ ମେଡିକାଲ କଲେଜ ବାଲେଶ୍ୱରରେ ୦୬ ଜଣ, ବି.ବି ମେଡିକାଲ କଲେଜ ବଲାଙ୍ଗୀରରେ ୦୧ ଜଣ, ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ପୁରୀରେ ୦୨ ଜଣ, ସରକାରୀ ମେଡିକାଲ କଲେଜ ସୁନ୍ଦରଗଡ଼ରେ ୦୬ ଜଣ, ଡି.ଡି ମେଡିକାଲ କଲେଜ୍ କେନ୍ଦୁଝରରେ ୦୫ ଜଣ, ଏସ୍.ଆର.ଏମ ମେଡିକାଲ କଲେଜ୍ ଭବାନୀପାଟଣାରେ ୦୭ ଜଣ, ଏମ୍.ଜି.କେ ମେଡିକାଲ କଲେଜ୍ ଯାଜପୁରରେ ୦୨ ଜଣ, ପି.ଏମ.ପି ମେଡିକାଲ କଲେଜ୍ ତାଳଚେରରେ ୦୮ ଜଣ, ସରକାରୀ ମେଡିକାଲ କଲେଜ ଫୁଲବାଣୀରେ ୦୫ ଜଣ, ପି.ଜି.ଆଇ.ଏମ୍.ଇ.ଆର କ୍ୟାପିଟାଲ ହସ୍ପିଟାଲରେ ୦୮ ଜଣ ଆସୋସିଏଟ୍ ପ୍ରଫେସରଙ୍କୁ ନୂଆ ନିଯୁକ୍ତି ଦିଆଯାଇଛି। ଏହାଛଡା ବିଭିନ୍ନ ମେଡିକାଲ କଲେଜରେ ୩୮ଟି ପ୍ରଫେସର୍ ଏବଂ ୨୭ଟି ଆସୋସିଏଟ ପ୍ରଫେସର୍ ପଦବୀକୁ ବିଭାଗୀୟ ପଦୋନ୍ନତି ମାଧ୍ୟମରେ ପୂରଣ କରାଯାଇଛି । କଟକ ସ୍ଥିତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କ୍ୟାନସର ପ୍ରତିଷ୍ଠାନରେ ନୂଆ ୧୦ଜଣ ସୁପର ସ୍ପେସିଆଲିଷ୍ଟ ଆସୋସିଏଟ୍ ପ୍ରଫେସର୍ ନିଯୁକ୍ତି ସହ ଶିକ୍ଷା ଓ ଚିକିତ୍ସା ସୁବିଧା ପରିସର ବୃଦ୍ଧି କରାଯାଇଛି । ଏହି ବିଭାଗ ଗୁଡ଼ିକ ହେଲା ସର୍ଜିକାଲ ଅଙ୍କୋଲୋଜି, ଗାଇନାକୋଲୋଜିକ୍ କାଲ ଅଙ୍କୋଲୋଜି, ହେଡ ଓ ନେକ୍ ସର୍ଜରୀ, ମେଡିକାଲ ଅଙ୍କୋଲୋଜି ଏବଂ ଇଉରୋ ଅଙ୍କୋଲୋଜି । ଏହାଛଡା ଏହି ପ୍ରତିଷ୍ଠାନରେ ୦୧ଟି ପ୍ରଫେସର୍ ଏବଂ ୦୨ଟି ଆସୋସିଏଟ୍ ପ୍ରଫେସର୍ ପଦବୀକୁ ପଦୋନ୍ନତି ମାଧ୍ୟମରେ ପୁରଣ କରାଯାଇଛି। ସବୁ ସରକାରୀ ମେଡିକାଲ କଲେଜ୍ ଓ ହସ୍ପିଟାଲରେ ଅଧିକ ନୂଆ ନିଯୁକ୍ତି ଦେବା ପାଇଁ ସରକାର ପ୍ରୟାସରତ ଅଛନ୍ତି। ଏହି ସବୁ କଲେଜରୁ ଆଗାମୀ ବର୍ଷମାନଙ୍କରେ ନୂଆ ଡ଼ାକ୍ତର, ବିଶେଷଜ୍ଞ ଏବଂ ସୁପର ସ୍ପେସିଆଲିଷ୍ଟମାନେ କୃତକାର୍ଯ୍ୟ ହେଲେ ରାଜ୍ୟରେ ଗୁଣାତ୍ମକ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଅଧିକ ସହଜଲଭ୍ୟ ହେବ ବୋଲି ଆଶା ପ୍ରକାଶ ପାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସ୍ୱୟଂ ସହାୟକ...

ଗୋଷ୍ଠୀ ଏକତାକୁ ପ୍ରୋତ୍ସାହନ ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ।

ଏହି କାର୍ଯ୍ୟକ୍ରମରେ ହିନ୍ଦୁସ୍ଥାନ କୋକାକୋଲା ବେଭେରେଜେସ ପ୍ରାଇଭେଟ ଲିମିଟେଡ(ଏଚସିସିବି) ନିଜର ସିଏସଆର ଜରିଆରେ ସୁଭଦ୍ରା ଶକ୍ତି କାଫେକୁ ଟ୍ରାନ୍ସପାରେଣ୍ଟ ଡୋର ଥିବା ଫ୍ରିଜ ପ୍ରଦାନ କରାଯାଇଛି ।

ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ, ବିଭାଗୀୟ ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ, ଜାତୀୟ ମହିଳା ଆୟୋଗଙ୍କ ଉପ-ସଚିବ ଶିବାନୀ ଦେ, ଜିଜେଏସ୍‌ସିଆଇ ପ୍ରତିନିଧି ରାଜୀବ ଗର୍ଗ, ଟିଏସ୍ଏସ୍‌ସି ପ୍ରତିନିଧି ଧ୍ୟାନ ଭଟ୍ଟାଚାର୍ଜି, ଏଫଆଇସିଏସ୍ଆଇ ପ୍ରତିନିଧି ତରୁଣ ପରିହାର ଓ କୋକାକୋଲା କମ୍ପାନୀର ସୁଶ୍ରୀ ଶ୍ୱେତା ପୁନେଥା ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତର ଅଭିବୃଦ୍ଧି ...

ପୁଞ୍ଜି ବ୍ୟୟର ତିନୋଟି ପ୍ରମୁଖ କ୍ଷେତ୍ର ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ସେ ଏହା ମଧ୍ୟ ସୂଚନା ଦେଇଥିଲେ ଯେ ଟେଲିକମ୍ୟୁନିକେସନ୍ ଟାୱାର ଅନୁମୋଦନ ପାଇଁ ଆବଶ୍ୟକ ସମୟ ୨୭୨ ଦିନରୁ ହ୍ରାସ ପାଇ ମାତ୍ର ୭ ଦିନ ହୋଇଛି। ଏହା ସରଳୀକରଣର ଶକ୍ତିର ପ୍ରମାଣ।

## ସରକାରଙ୍କ ବିରୋଧରେ ...

ବିଧାନସଭା ସଚିବଙ୍କୁ ଅନସ୍ଥା ପ୍ରସ୍ତାବ ନୋଟିସ୍ ପ୍ରଦାନ କରିବା ପରେ ବିଧାନସଭା ପିରସରସ୍ଥ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଚାମ୍ବରକୁ ଯାଇଥିଲେ। ସେଠାରେ ବିରୋଧୀ ଦଳ ନେତାଙ୍କ ଅନୁପସ୍ଥିତିରେ ସେମାନେ ବିଜେଡ଼ି ବିଧାୟକ ପ୍ରତାପ ଦେବ ଓ ସାରଦା ପ୍ରସାଦ ଜେନାଙ୍କ ସହ ମଧ୍ୟ ଆଲୋଚନା କରିଥିଲେ।

ଅନାସ୍ଥା ନେଇ ବିଜେଡିର ସମର୍ଥନ ଲୋଡ଼ିବା ପରେ କଂଗ୍ରେସର ବରିଷ୍ଠ ବିଧାୟକ ତାରା ବାହିନୀପତି କହିଛନ୍ତି, ଆମେ ପ୍ରତାପ ଦେବଙ୍କୁ ଭେଟି ସମର୍ଥନ ମାଗିଛୁ।

ଅନ୍ୟପକ୍ଷରେ ନବୀନ ନିବାସରେ ବିଜେଡ଼ି ବିଧାୟକମାନଙ୍କର ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ ବରିଷ୍ଠ ବିଧାୟକ ନିରଞ୍ଜନ ପୂଜାରୀ, ମୁଖ୍ୟସଚେତକ ପ୍ରମିଳ୍ଲା ମଲ୍ଲିକ୍‌ଙ୍କ ସମେତ ଅନ୍ୟକେତେଜଣ ଉପସ୍ଥିତ ରହିଥିଲେ। ତେବେ ଏହି ବୈଠକରେ ଅନାସ୍ଥା ପ୍ରସ୍ତାବ ପ୍ରସଙ୍ଗରେ କୌଣସି ଆଲୋଚନା ହୋଇନଥିଲା। ପରେ ବିଜେଡ଼ିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ଗଣମାଧ୍ୟମକୁ କହିଛନ୍ତି, ସରକାର ବିରୋଧରେ କଂଗ୍ରେସର ଅନାସ୍ଥା ପ୍ରସ୍ତାବକୁ ବାଚସ୍ପତି ଗ୍ରହଣ କରିନାହାନ୍ତି। ତେବେ ଅନାସ୍ଥା ପ୍ରସ୍ତାବକୁ ବିଜେଡ଼ିର ସମର୍ଥନ ଦେବା ନେଇ ଏବେଠୁ କିଛି କହିବା ଉଚିତ ନୁହେଁ। ନଈ ନଦେଖୁଣୁ ଲଙ୍ଗଳା ହେବା କଥା ନୁହେଁ। ବିଜେଡ଼ି ବୃହତ୍ତର ବିରୋଧୀ ଦଳ। ତେଣୁ ଦଳ ଠିକ୍ ସମୟରେ ଏ ସମ୍ପର୍କରେ ନିଷ୍ପତ୍ତି ନେଇ ପାରିବ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ଅନ୍ୟପକ୍ଷରେ ବିଜେପିର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି ସେମାନଙ୍କ ପାଖରେ ସଂଖ୍ୟା ନାହିଁ। ତେଣୁ ଅନାସ୍ଥା ପ୍ରସ୍ତାବ ବାଏଁ ବାଏଁ ଉଡିଯିବ।

## ସୁରକ୍ଷାକର୍ମୀ...

ଚଳାଇଥିଲେ। ମାଓବାଦୀଙ୍କ ପାଲଟା ଗୁଳିରେ ଯବାନ ପ୍ରେମସିଂହ ମାଝୀ ଗୁରୁତର ହୋଇଥିଲେ। ତାଙ୍କର ବାମ ହାତ ଓ ପେଟରେ ଗୁଳିବାଜିଛି। ପେଟରେ ଗୁଳି ରହିଛି। ଗୁରୁତର ଭାବେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ କନ୍ଧମାଳ ଜିଲ୍ଲା ରାଇକିଆର ଇନ୍ଦ୍ରଗଡ଼ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପରେ ଭଞ୍ଜନଗର ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଦରକାର ପଡ଼ିଲେ ଏଠାରୁ ବ୍ରହ୍ମପୁର ବଡ଼ମେଡିକାଲକୁ ସ୍ଥାନାନ୍ତରିତ କରାଯାଇ ପାରେ ବୋଲି ମେଡିକାଲ ସୂତ୍ରରୁ ଜଣାପଡ଼ିଛି।

## ଏନକାଉଣ୍ଟରରେ ...

ନକ୍ସଲ ଯବାନଙ୍କୁ ଦେଖି ଅତର୍କିତ ଗୁଳି ଚଳାଇଥିଲେ। ଏହି ମହିଳା ମାଓବାଦୀ ଗାଙ୍ଗଲୁର ଏରିଆ କମିଟିର ସଦସ୍ୟ ଥିଲା। ଏଥିସହ ଘଟଣାସ୍ଥଳରୁ ଗୋଟିଏ ୩୧୫ ବନ୍ଧୁକ ସହ ମାଓ ସାମଗ୍ରୀ ଜବତ କରାଯାଇଛି। ଜଙ୍ଗଲରେ ଅପରେସନ ଏବେ ମଧ୍ୟ ଚାଲିଥିବା ପୁଲିସ କହିଛି।

## ସ୍ଥାୟୀ, ସୁସ୍ଥ ...

କହିଥିଲେ 'ଯଦି ଆମେ ପ୍ରକୃତରେ ଅପପୁଷ୍ଟିର ଚକ୍ରକୁ ଭାଙ୍ଗିବାକୁ ଚାହୁଁ, ତେବେ ଆମକୁ ଗର୍ଭାବସ୍ଥା ପୂର୍ବରୁ କାର୍ଯ୍ୟ କରିବାକୁ ପଡିବ।'

ଉନ୍ନୟନ କମିଶନର ଅନୁ ଗର୍ଗ, ଓଡ଼ିଶାର ପ୍ରଗତି ଉପରେ ପ୍ରତିଫଳିତ କରି କହିଥିଲେ: 'ଅନାହାର ମୃତ୍ୟୁ ପାଇଁ ଏକଦା କୁଖ୍ୟାତ ଜିଲ୍ଲାରୁ ଭାରତର ପଞ୍ଚମ ବୃହତ ଧାନ ଉତ୍ପାଦକ ହେବା ପର୍ଯ୍ୟନ୍ତ ଓଡ଼ିଶାର ଯାତ୍ରା ଦର୍ଶାଉଛି ଯେ ସ୍ଥାୟୀ ବିନିର୍ମାଣ ଏବଂ ଜଳସେଚନରେ ନିବେଶ ଆଜି ପ୍ରଗତିର ବାହକ ସାଜିଛି । ଆଜି, ଆମର ଧାନ କୃଷିରେ ଜଳବାୟୁ ସ୍ଥିରତାକୁ ସନ୍ନିବେଶ କରିବା ଉପରେ ଅଛି ଯାହା ଦ୍ୱାରା ଏହି ପ୍ରଗତି ସ୍ଥାୟୀ ରହିବ।'

ଏହି ବିଷୟବସ୍ତୁକୁ ଜାରି ରଖି, ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ଡ. ଅରବିନ୍ଦ କୁମାର ପାଢୀ ଓଡ଼ିଶାର ସମନ୍ୱିତ ଆଭିମୁଖ୍ୟ ଉପରେ ଆଲୋକପାତ କରି କହିଥିଲେ: 'ଓଡ଼ିଶା ହୁଏତ କିଛି ରାଜ୍ୟ ମଧ୍ୟରୁ ଗୋଟିଏ ଯେଉଁଠାରେ ଆମର ଏକ ଜଳବାୟୁ ସ୍ଥିରତା କକ୍ଷ ଅଛି ଏବଂ ଆମେ ଖୁବଶୀଘ୍ର ଏକ ଜେଣ୍ଡର ରେସ୍ପନ୍ସିଭ ସେଲ ଖୋଲିବାକୁ ଯାଉଛୁ। ସିଆରସି ଏବଂ ଜିଆରସି ମାଧ୍ୟମରେ ଆମେ ଆରମ୍ଭରୁ ଆମର ଡିଜାଇନରେ ଲିଙ୍ଗ ଏବଂ ଜଳବାୟୁ ଦୃଷ୍ଟିକୋଣକୁ ଗଢ଼ି ତୋଳିବାକୁ ଚାହୁଁଥିଲୁ।' ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ସିଡ୍ସ ୱିଦାଉଟ ବର୍ଡର ଭଳି ଆଞ୍ଚଳିକ ସହଯୋଗ ପଦକ୍ଷେପଗୁଡ଼ିକ ପ୍ରଦର୍ଶନ କରେ ଯେ କିପରି ଦେଶ-ଦେଶ ସହଯୋଗ ଜଳବାୟୁ-ସ୍ଥାପନ କିସମର ପ୍ରସାରକୁ ତ୍ୱରାନ୍ୱିତ କରିପାରିବ। ସଂଯୁକ୍ତ ରାଷ୍ଟ୍ର ବିକାଶ କାର୍ଯ୍ୟକ୍ରମର ଭାରତ ପ୍ରତିନିଧି ଡ ଆଞ୍ଜେଲା ଲୁସିଗି ବ୍ୟାପକ ପରିବେଶଗତ ଦିଗକୁ ଧ୍ୟାନରେ ରଖିଥିଲେ, ଯାହା ପାରମ୍ପରିକ ଜ୍ଞାନ ସହିତ ନବସୃଜନକୁ ମିଶ୍ରଣ କରି ସମାଧାନ ପାଇଁ ଆହ୍ୱାନ ଦେଇଥିଲେ। ଡ ପୂର୍ଣ୍ଣିମା ମେନନ୍, ବରିଷ୍ଠ ନିର୍ଦ୍ଦେଶକ, ଖାଦ୍ୟ ଓ ପୁଷ୍ଟିସାର ନୀତି ଏବଂ କାର୍ଯ୍ୟକାରୀ ନିର୍ଦ୍ଦେଶକ, ନୀତି ପ୍ରମାଣର ଏକ ବିଶ୍ୱ ସଂଯୋଗକାରୀ ଭାବରେ ଆଇଏଫପିଆରଆଇର ଭୂମିକାକୁ ଆହୁରି ଦୃଢ଼ କରିଥିଲେ।

## ୫ ଦିନ ଯାଏଁ ...

ଅନୁଗୁଳ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ବର୍ଷା ବିଜୁଳି ସହ ଘଡ଼ଘଡ଼ି ସମ୍ଭାବନା ରହିଛି। ସେହିପରି ମଙ୍ଗଳବାର ଉପରୋକ୍ତ ଜିଲା ସହ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେଓଗଡ଼, ସୋନପୁର, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି ଓ ନବରଙ୍ଗପୁର ସହ ଘଡ଼ଘଡ଼ି ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ କମିଶନର ଜିଲ୍ଲା ପ୍ରଶାସନକୁ ସତର୍କ ରହି ବିଜୁଳିରୁ ସୁରକ୍ଷା ପାଇଁ ଜନସାଧାରଣଙ୍କୁ ସୁରକ୍ଷିତ ସ୍ଥାନରେ ରହିବାକୁ ପରାମର୍ଶ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ଷା, ବିଜୁଳି ବା ଝଡ଼ ଯୋଗୁ କ୍ଷୟକ୍ଷତି ହେଲେ ତୁରନ୍ତ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି।

## ନଭେମ୍ବର ଶେଷ ...

ଦେଇ ନାଗେଶ୍ୱରନ୍ ଏହି ବକ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, 'ଆମେ ସମସ୍ତେ ପୂର୍ବରୁ କାମ କରୁଛୁ ଏବଂ ମୁଁ ଏଠାରେ ଶୁଳ୍କ ବିଷୟରେ ଆଲୋଚନା କରିବାକୁ କିଛି ସମୟ ନେବି। ହଁ, ୨୫ ପ୍ରତିଶତ ପାରସ୍ପରିକ ଶୁଳ୍କ ଏବଂ ୨୫ ପ୍ରତିଶତ ଦଣ୍ଡ ଶୁଳ୍କ ଉଭୟ ଆଶା କରାଯାଇନଥିଲା। ମୁଁ ଏବେ ବି ବିଶ୍ୱାସ କରେ ଯେ ଭୂରାଜନୈତିକ ପରିସ୍ଥିତି ଯୋଗୁ ଦ୍ୱିତୀୟ ୨୫ ପ୍ରତିଶତ ଶୁଳ୍କ ଲାଗୁ କରାଯାଇଥିଲା। ଗତ କିଛି ସପ୍ତାହର ସାମ୍ପ୍ରତିକ ଘଟଣାବଳୀକୁ ଦୃଷ୍ଟିରେ ରଖି, ମୁଁ ଏହା ବିଶ୍ୱାସ କରୁଛି କି ନଭେମ୍ବର ୩୦ ତାରିଖ ପରେ କୌଣସି ଦଣ୍ଡାତ୍ମକ ଶୁଳ୍କ ରହିବ ନାହିଁ।'

# ୧୭ ମାସରେ ଯୋଜନାର ପ୍ରଚାର ପାଇଁ ରାଜ୍ୟ ସରକାର ଖର୍ଚ୍ଚ କରିଛନ୍ତି ୧୩୬ କୋଟି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ରାଜ୍ୟ ସରକାର ଗତ ୧୭ ମାସରେ ବିଭିନ୍ନ କଲ୍ୟାଣକାରୀ ଯୋଜନାର ପ୍ରଚାର ଓ ପ୍ରସାର ପାଇଁ ମୋଟ ୧୩୫.୮୫ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ବିଧାନସଭାରେ ସୂଚନା ଦେଇଛନ୍ତି। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ୨୦୨୪ ଏପ୍ରିଲ ୧ରୁ ୨୦୨୫ ଅଗଷ୍ଟ ୧୦ ପର୍ଯ୍ୟନ୍ତ ପ୍ରିଣ୍ଟ ମିଡିଆରେ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କିତ ପ୍ରଚାର ବାବଦରେ ବିଜ୍ଞାପନ ପାଇଁ ୧୩୦.୧୮ କୋଟି ଟଙ୍କା ଏବଂ ଇଲେକ୍ଟ୍ରୋନିକ୍ ମିଡିଆରେ ପ୍ରଚାର ପ୍ରସାର ପାଇଁ ୫.୬ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। କଂଗ୍ରେସ ବିଧାୟକ ଶ୍ରୀ ବାହିନୀପତି ଗତ ତିନି ବର୍ଷରେ ରାଜ୍ୟ ସରକାର କେଉଁ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ ମିଡିଆ ମାଧ୍ୟମରେ କଲ୍ୟାଣକାରୀ ଯୋଜନାର ପ୍ରଚାର କରିଛନ୍ତି ତାହାର ତାଲିକା ମାଗିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ ଲିଖିତ ଉତ୍ତରରେ ଖବରକାଗଜ, ସ୍ଥାନୀୟ ଓ ଜାତୀୟ ଚ୍ୟାନେଲ ଆଦି ମିଡିଆ ମାଧ୍ୟମର ତାଲିକା ଗୃହରେ ଉପସ୍ଥାପନ କରିଥିଲେ।

# ଉତ୍କଳ ଆଲୁମିନା ପକ୍ଷରୁ ଗର୍ଭବତୀ ମହିଳାଙ୍କୁ ପୁଷ୍ଟି ଜାତୀୟ ଖାଦ୍ୟ କିଟ୍ ବିତରଣ

କାଶୀପୁର, ନ୍ୟୁଜ ବ୍ୟୁରୋ

ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ଜାତୀୟ ପୃଷ୍ଟି ମାସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କାଶୀପୁର ବ୍ଲକ ଅନ୍ତର୍ଗତ ନୂଆଗାଁ, ମାଇକଞ୍ଚ ପଞ୍ଚାୟତ ଠାରେ ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଓ ପୋଷକ ଖାଦ୍ୟ କିଟ୍ ବିତରଣ କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ଦୈନନ୍ଦିନ ଖାଦ୍ୟପେୟରେ ପୋଷକତତ୍ତ୍ୱ ଉପକାରିତା ସଂକ୍ରାନ୍ତରେ ଗାଁ ଲୋକଙ୍କୁ ବୁଝାଇବା ତଥା ସେମାନଙ୍କୁ ପୃଷ୍ଟିଯୁକ୍ତ ଖାଦ୍ୟ ଖାଇବା ନେଇ ସଚେତନତା ସୃଷ୍ଟି କରିବା ସକାଶେ ଏହି କାର୍ଯ୍ୟକ୍ରମ ଉତ୍କଳ ଆଲୁମିନା ଖଣି ସିଏସଆର ପକ୍ଷରୁ ଆୟୋଜନ ହୋଇଛି । କାର୍ଯ୍ୟକ୍ରମରେ ସିଏସଆର କର୍ମକର୍ତ୍ତାମାନେ ଉପସ୍ଥିତ ରହି କିଶୋର, କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୃଷ୍ଟିସାର ଖାଦ୍ୟ ଉପାଦେୟତା ସଂକ୍ରାନ୍ତରେ ଅବଗତ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରରେ ବାଫ୍ଲିମାଳି ଖଣି ମୁଖ୍ୟ ବିଜୟ ଚୌହାନ




ଯୋଗ ଦେଇ ଖାଦ୍ୟରେ ପୋଷଣତତ୍ତ୍ୱ ସମ୍ପର୍କରେ ଉଦବୋଧନ ଦେଇ ଏହାର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଲୋକଙ୍କୁ ସୂଚନା ଦେଇଥିଲେ। ସେ କହିଛନ୍ତି ଯେ, ପୋଷକ ଖାଦ୍ୟାଭାବରୁ କିଶୋର, ମହିଳା ତଥା ନବଜାତ ଶିଶୁ ମାରାତ୍ମକ, ଯଥା ରକ୍ତହୀନତା ଓ ଅପପୁଷ୍ଟି ରୋଗରେ ଆକ୍ରାନ୍ତ ହେବା ସହ ମାନସିକ ତଥା ଶାରୀରିକ ସ୍ତରରେ କିଭଳି ଅକ୍ଷମ ହୋଇଥାନ୍ତି । ଏବଂ ସଠିକ୍ ପରିମାଣର ପୃଷ୍ଟିସାର ଖାଦ୍ୟ ସୁସ୍ଥ ତଥା ସୁନ୍ଦର ଶରୀର ଗଠନ ପାଇଁ ଆବଶ୍ୟକତା ସମ୍ପର୍କରେ ଗ୍ରାମବାସୀଙ୍କୁ ବୁଝାଇଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଖଣି ସିଏସ୍ଆର୍ ମୁଖ୍ୟ ମନୋଜ ଦାଶ, ଲକ୍ଷ୍ମୀଧର ବେହେରା, ସଞ୍ଜୀବ କୁମାର, ଦେବୀ ପ୍ରିୟା, ଆଇସିଡ଼ିଏସ୍ ପର୍ଯ୍ୟବେକ୍ଷକ ଜସମନି ହିଆଲ, ମାଇକଞ୍ଚ ସରପଞ୍ଚ ମସ୍ତରାମ୍ ମାଝୀ ଓ ସମିତି ସଭ୍ୟ ହରିଶ୍ ଦଳପତି ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର କିଶୋରୀ, ଗର୍ଭବତୀ ମହିଳା ଓ ନବଜାତ ଶିଶୁଙ୍କ ମାଁ, କୃଷକ, ପଞ୍ଚାୟତ ସମିତି ସଭ୍ୟ, ଆଶା, ଅଙ୍ଗନୱାଡ଼ି କର୍ମୀ ଓ ସ୍ୱୟଂ ଶାସିତ ମହିଳାମାନେ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ପୃଷ୍ଟି ଜାତୀୟ ଖାଦ୍ୟ ପ୍ରଦର୍ଶନୀ ଆୟୋଜିତ ହେବା ସହିତ ପୃଷ୍ଟି ଜାତୀୟ ଖାଦ୍ୟ ପୁଡ଼ିଆ ସ୍ଥାନୀୟ ଅଞ୍ଚଳର ୩ଟି ଗାଁ, ଯଥା ମାଇକଞ୍ଚ, ନୂଆଗାଁ ଓ ଝିରିଗାଁ ଗର୍ଭବତୀ ମହିଳାଙ୍କୁ ବିତରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ପୋଷଣ ସମ୍ବନ୍ଧୀୟ କୁଇଜ୍ କାର୍ଯ୍ୟକ୍ରମ ମଧ୍ୟ ଆହୋଜନ କରାଯାଇଥିଲା। ଏଥିସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ।

# ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ପକ୍ଷରୁ ମୋଦୀଙ୍କ ଜନ୍ମ ଦିବସରେ ବୃକ୍ଷ ରୋପଣ




ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଆଇ.ଆର୍.ସି ଭିଲେଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର, ଭୁବନେଶ୍ୱର ଠାରେ ଗୁରୁବାର ଅପରାହ୍ନରେ ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ତରଫରୁ ଆମର ପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମ ଦିନ ଅବସରରେ ଅନେକ ଫଳ ଚାରାମାନ ରୋପଣ କରାଯାଇଛି। ସ୍କୁଲର ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ବେହେରାଙ୍କ ଉପସ୍ଥିତିରେ ମଞ୍ଚର ଅଧ୍ୟକ୍ଷ ଡ. ଜଗବନ୍ଧୁ ଷଡଙ୍ଗୀ, ଉପାଧ୍ୟକ୍ଷ ସୁଧୀର ମହାନ୍ତି, ଇଂ ବଂଶୀଧର ପାଢୀ, ସାଧାରଣ ସମ୍ପାଦକ ଅମୀର ସାହୁ, କୋଷାଧ୍ୟକ୍ଷ ଉପାସନା ରାଓ, ସହାୟିକା ସେକ୍ରେଟାରୀ ଆଭା ଦାସ, ସଭ୍ୟ ଗୌର ପ୍ରସନ୍ନ ମିଶ୍ର, ସୌଦାମିନୀ ପଣ୍ଡା, ସୁବାଷ ମଲ୍ଲିକ, ସୁଧାଂଶୁ ପରିଜା, ପୂଜା ଘୋଷ ଓ ମଞ୍ଚର ସହାୟକ ସନ୍ତୋଷ ପାତ୍ର ପ୍ରମୁଖ ଫଳ ବୃକ୍ଷମାନ ରୋପଣ କରିଥିଲେ। ଉକ୍ତ ସ୍କୁଲ ପରିସରରେ ବୃକ୍ଷ ରୋପଣ ପାଇଁ ଅନୁମତି ପ୍ରଦାନ କରିଥିବାରୁ ମଞ୍ଚ ତରଫରୁ ପ୍ରଧାନ ଶିକ୍ଷକଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ଯାତ୍ରୀଙ୍କୁ ମାଡ ମାରି ମୁଣ୍ଡ ଫଟାଇଲେ ଆମ ବସ୍ କର୍ମଚାରୀ : କର୍ମଚାରୀଙ୍କୁ ବହିଷ୍କାର କଲା କ୍ରୁଟ୍

ଭୁବନେଶ୍ୱର , ନ୍ୟୁଜ ବ୍ୟୁରୋ

ଆମ ବସ୍ କର୍ମଚାରୀଙ୍କ ଦାଦାଗିରି । ଯୁକ୍ତିତର୍କରୁ ଯାତ୍ରୀଙ୍କୁ ନିର୍ଦ୍ଧୂମ ଛେଚିବା ସହ ମୁଣ୍ଡ ଫଟାଇଛନ୍ତି ଆମ ବସ୍ କଣ୍ଡକ୍ଟର। ଓଡି୩୩ଇଏଏର୍ ୧୬୬ ଗାଡି ରେ ଘଟିଛି ଏହି ଘଟଣା । ପରେ ଏହି ଘଟଣାରେ କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ) କାର୍ଯ୍ୟାନୁଷ୍ଠାନ ନେଇଛି । ମାଡ଼ ମାରିଥିବା କଣ୍ଡକ୍ଟରକୁ କ୍ରୁଟ ନିଲମ୍ବନ କରିଛି। ଏଥି ସହିତ ଏହି ଘଟଣାକୁ ନେଇ କ୍ରୁଟ ଦୁଃଖ ପ୍ରକାଶ କରିଛି। କ୍ରୁଟ କହିଛି ଯେ, ଆଜିର ୨୮ ନମ୍ବର ରୁଟ୍ ଆମ ବସ୍‌ଷ୍ଟପ୍‌ରେ ଘଟିଥିବା ଘଟଣାକୁ ନେଇ କ୍ରୁଟ୍ ଅତ୍ୟନ୍ତ ଦୁଃଖିତ। ବସ୍‌ରେ ଯାତ୍ରା କରୁଥିବା ଜଣେ ଯାତ୍ରୀ ପାଇବାକୁ ଥିବା ଅବଶିଷ୍ଟ ଟିକେଟ୍ ମୂଲ୍ୟକୁ ନେଇ ଗାଇଡ୍ ସହିତ ବଚସା ଆରମ୍ଭ ହୋଇଥିଲା। ପରେ ଏହା ମାରପିଟ୍ ଆଡ଼କୁ ଗତି କରିଥିଲା।

ୟୁନିଟ୍ ୮ ନିକଟରେ ଘଟିଥିବା ଏଭଳି ଘଟଣା ପରେ ଦାୟିତ୍ୱରେ ଥିବା ଗାଇଡ୍ କୁ ତୁରନ୍ତ ଚାକିରିରୁ ବହିଷ୍କାର କରାଯାଇଛି । ଏନେଇ ରେଭିନ୍ୟୁ କଲେକ୍ସନ୍ ଏଜେନ୍ସି (ଆରସିଏ) ପକ୍ଷରୁ ସ୍ଥାନୀୟ ପୁଲିସ୍ ଷ୍ଟେସନ୍ ରେ ପ୍ରାଥମିକ ସୂଚନା ରିପୋର୍ଟ ପ୍ରଦାନ କରାଯାଇଛି। କ୍ରୁଟ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଏହା ଉପରେ ଅଧିକ ତଦନ୍ତ ଜାରି ରଖିଛନ୍ତି।

ୟୁନିଟ ୮ ମାର୍କେଟ ପାଖରେ ଥିବା ବସ ଷ୍ଟପରେ ଯାତ୍ରୀ ଜଣଙ୍କ ବସକୁ ଚଢିଥିବା ବେଳେ ଗଭର୍ଣ୍ଣର ହାଉସ୍ ଛକକୁ ଆସୁଥିଲେ ହେଲେ କଣ୍ଡକ୍ଟର୍ ଙ୍କ ସହିତ ଯୁକ୍ତିତର୍କ ହୋଇଥିଲା। କଣ୍ଡକ୍ଟର ରାଗିଯାଇ ଯାତ୍ରୀଙ୍କୁ ବସ୍ ବାହାରକୁ ବାହାର କରି ଦେବା ସହିତ ଶକ୍ତ ଚାପୁଡ଼ା ମାରିଥିଲେ।ଏହାସହ ରାସ୍ତା କଡରେ ତାର ଜାଳି ରେ ପକାଇ ମାରିବାରୁ ବ୍ୟକ୍ତିଙ୍କ ମୁଣ୍ଡ ଫାଟି ଯାଇଥିଲା। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ହସ୍ପିଟାଲ କୁ ନେଇଛନ୍ତି। ସେପଟେ ବସ କଣ୍ଡକ୍ଟର କହିବା ଅନୁଯାୟୀ ଯାତ୍ରୀ ଜଣଙ୍କ ନିଶା ଖାଇଛନ୍ତି ସେଥିପାଇଁ ତାଙ୍କୁ ମାରିଲେ, ତେବେ ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି ଦିନକୁ ଦିନ ଆମ ବସ ର ଦାଦାଗିରି ବଢି ଚାଲିଛି। ସବୁଦିନ କିଛି ନା କିଛି ଘଟଣାରେ ଯାତ୍ରୀ ମାନଙ୍କ ସହିତ ସେମାନେ ଦୁର୍ବ୍ୟବହାର କରୁଛନ୍ତି।

# ବିଭିନ୍ନ ରେଳ ଷ୍ଟେସନରେ ଶ୍ରମଦାନ ଏବଂ ସ୍ୱଚ୍ଛତା ଅଭିଯାନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ସ୍ୱଚ୍ଛତା ପାଇଁ ସ୍ୱତନ୍ତ୍ର ଅଭିଯାନ ୫.୦ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଛି ଯାହାର ମୁଖ୍ୟ ଲକ୍ଷ୍ୟ ହେଉଛି ସ୍ୱଚ୍ଛତା, ପରିଷ୍କାର ପରିଚ୍ଛନ୍ନତା ଏବଂ ବିଚାରାଧୀନ ତଥ୍ୟର ନିଷ୍କାସନ। ସମସ୍ତ ସରକାରୀ କାର୍ଯ୍ୟାଳୟରେ ଆୟୋଜିତ ଏହି ଅଭିଯାନ ଦୁଇଟି ପର୍ଯ୍ୟାୟରେ ସ୍ଥିର କରାଯାଇଛି: ୧୫ରୁ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ପ୍ରସ୍ତୁତି ପର୍ଯ୍ୟାୟ ଏବଂ ୨ ରୁ ୩୧ ଅକ୍ଟୋବର ପର୍ଯ୍ୟନ୍ତ କାର୍ଯ୍ୟାନ୍ୱୟନ ପର୍ଯ୍ୟାୟ ଅନ୍ତର୍ଭୁକ୍ତ। ଏହି ଅଭିଯାନର ଅଂଶ ସ୍ୱରୂପ, ସ୍ୱଚ୍ଛତାର ବାର୍ତ୍ତା ପ୍ରସାର ଏବଂ ସାମୂହିକ ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ସମଗ୍ର ରେଳମଣ୍ଡଳରେ ଜନସଚେତନତା ଅଭିଯାନ ଏବଂ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଥିଲା। ରେଳବାଇ ଅଧିକାରୀ, କର୍ମଚାରୀ ଏବଂ ଆଗଧାଡ଼ିର




କର୍ମୀମାନେ ବିଭିନ୍ନ ରେଳ ଷ୍ଟେସନ ଏବଂ କଲୋନୀ ଅଞ୍ଚଳରେ ଶ୍ରମଦାନ ଏବଂ ସ୍ୱଚ୍ଛତା ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ଯାହା ଷ୍ଟେସନ ପରିସର ଏବଂ ଆଖପାଖ ରେଳ ପ୍ରତିଷ୍ଠାନଗୁଡ଼ିକୁ ସଫା ଏବଂ ପରିଷ୍କାର କରାଯିବାକୁ ସୁନିଶ୍ଚିତ କରାଯାଇଥିଲା। ସ୍ୱଚ୍ଛତା ହିଁ ସେବା ପୂର୍ବ ଦିନ, ୧୭ ସେପ୍ଟେମ୍ବରରେ ସମଗ୍ର ରେଳମଣ୍ଡଳରେ ଏକ ସ୍ୱଚ୍ଛତା ପ୍ରତିଜ୍ଞା କରାଯାଇଥିଲା । ଏହା ବ୍ୟତୀତ ଗୁରୁବାର ସ୍ୱାସ୍ଥ୍ୟ ୟୁନିଟ୍ ଏବଂ ରେଳମଣ୍ଡଳ ହସ୍ପିଟାଲରେ ସ୍ୱଚ୍ଛତା କର୍ମଚାରୀମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ସଚେତନତା ଶିବିର ଆୟୋଜନ କରାଯାଇଥିଲା ଯାହା ଉଭୟ ବିଭାଗୀୟ ଏବଂ ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ ପରିଷ୍କାର ପରିଚ୍ଛନ୍ନତା ଉପରେ ଧ୍ୟାନ ଦିଆଯାଇଥିଲା । ଅଭିଯାନର ସୁଗମ ଏବଂ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ଭାରତୀୟ ରେଳବାଇର ସମସ୍ତ ନୋଡାଲ ଅଧିକାରୀଙ୍କ ସହିତ ସର୍ବୋଚ୍ଚ ସ୍ତରୀୟ ସମନ୍ୱୟ କରାଯାଉଛି । ସ୍ୱଚ୍ଛତାକୁ ଏକ ସାମୂହିକ ଦାୟିତ୍ୱ ଏବଂ ଏକ ନିରନ୍ତର ଆନ୍ଦୋଳନ କରି ସ୍ୱଚ୍ଛ ଏବଂ ସବୁଜ ରେଳବାଇର ଦୃଷ୍ଟିକୋଣ ପ୍ରତି ଯୋଗଦାନ ଦେବା ପାଇଁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଏହାର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଛି।

# ଆଇଡି କାର୍ଡ ଦେଖାଇ ଓ ୟୁନିଫର୍ମ ପିନ୍ଧି ବସ୍ ରେ ମାଗଣା ଯାଇପାରିବେ ସ୍କୁଲ ଛାତ୍ରଛାତ୍ରୀ : ପରିବହନ ମନ୍ତ୍ରୀ

ଭୁବନେଶ୍ୱର , ନ୍ୟୁଜ ବ୍ୟୁରୋ

ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ବସ୍ ସେବା ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଜେନା। ସେ କହିଛନ୍ତି ସ୍କୁଲ୍ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ମୁଖ୍ୟମନ୍ତ୍ରୀ ବସ୍ ସେବାକୁ ଅନୁମୋଦନ ମିଳିଛି। ସମସ୍ତ ବ୍ୟବସ୍ଥା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗକୁ ଗଣ ଶିକ୍ଷା ସଚିବ ଚିଠି ଲେଖିଛନ୍ତି। ସମସ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀ ମାଗଣା ବସ୍ ଯାତ୍ରା ପାଇଁ ଯୋଗ୍ୟ ବିବେଚିତ ହେବେ। ସ୍କୁଲ ଆଇଡି କାର୍ଡ ଦେଖାଇ ଓ ୟୁନିଫର୍ମ ପିନ୍ଧି ବସ୍ ରେ ଛାତ୍ରଛାତ୍ରୀ ମାଗଣା ଯାଇପାରିବେ। ଛାତ୍ରଛାତ୍ରୀ ଯାଉଥିବା ରୁଟ୍ ଓ ଟାଇମିଂକୁ ଦେଖିବାକୁ ଓଏସଆରଟିସିକୁ ଅନୁରୋଧ କରାଯାଇଛି। ଯେପରି ଅଧିକରୁ ଅଧିକ ପିଲା ବସ୍ ସେବା ପାଇପାରିବେ ତାହାକୁ ଗୁରୁତ୍ୱ ଦିଆଯିବ। ଏନେଇ ସବିଶେଷ ତଥ୍ୟ ଦେବାକୁ ଜିଲ୍ଲା ଶିକ୍ଷାଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି ।

ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇ
ପରିଶିଷ୍ଟ-କ
ଇ-ଟେଣ୍ଡର ନୋଟିସ୍
ଇ-ଟେଣ୍ଡର ନୋଟିସ୍ ନମ୍ବର.: 94-SNT-ProJ- ଟେଣ୍ଡର-2025 ତାରିଖ: 06.09.2025
କାର୍ଯ୍ୟର ନାମ:ଏସ୍‌ଇସିଆର୍‌ର ବିଳାସପୁର ଡିଭିଜନର ଭାନୱର୍ଟାଙ୍କ (ବିଏଚ୍‌ଟିକେ) ଷ୍ଟେସନରେ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ (ଇଆଇ) ସହିତ ପ୍ୟାନେଲ୍ ଇଣ୍ଟରଲକିଂକୁ ବଦଳାଯିବା ଏବଂ ବିଳାସପୁର ଡିଭିଜନର ଟେଙ୍ଗାନମାଡା ଷ୍ଟେସନରେ ବିଦ୍ୟମାନ ଇଆଇରେ ପରିବର୍ତ୍ତନ ସହିତ ବିଏସ୍‌ପି ଏବଂ କେଟିଇ ଶେଷ ଭାଗରେ ବିଦ୍ୟମାନ ଲୁପ୍‌ର ଓଆରଏଲ୍‌କୁ ବିସ୍ତାର କରି ୟୁପି ଗ୍ରୀଡ୍‌ରେ ୦୨ ଟି ଲମ୍ବା ଲୁପ୍ ଲାଇନ ନିର୍ମାଣ, ଟେଣ୍ଡର ମୂଲ୍ୟ: ₹12,53,11,962.00 (ବାର କୋଟି ତେପନ ଲକ୍ଷ ଏଗାର ହଜାର ନଅ ଶହ ବାଷଠି କେବଳ), ନିଲାମଡାକ ସୁରକ୍ଷାଜମା (ବଇନାଧନ):₹7,76,600.00 (ସାତ ଲକ୍ଷ ଛଅସ୍ତରି ହଜାର ଛଅ ଶହ ଟଙ୍କା କେବଳ), ଟେଣ୍ଡର ବନ୍ଦ: 06.10.2025ରେ 12.30 ଘଣ୍ଟା ପର୍ଯ୍ୟନ୍ତ। ଟେଣ୍ଡର ଦସ୍ତାବିଜ୍‌ର ଅଧିକ ବିବରଣୀ / କ୍ରୟ, ଯୋଗ୍ୟତା ମାନଦଣ୍ଡ ଏବଂ 'ଇ' ଟେଣ୍ଡର ଦସ୍ତାବିଜ୍‌ର ସମ୍ପୂର୍ଣ୍ଣ ବିବରଣୀ ପାଇଁ, ଦୟାକରି ଆମର ୱେବସାଇଟ୍ https://www.ireps.gov.in ସହିତ ଯୋଗାଯୋଗ କରନ୍ତୁ।
ଡେପୁଟି. ଚିଫ୍ ସିଗ୍ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର (ପ୍ରୋଜେକ୍ଟ-I)
ଦ. ପୂ. କେ. ରେଳବାଇ, ବିଳାସପୁର
CPR/10/PR/324
South East Central Railway @secrail


ଭୁବନେଶ୍ୱର
୧୯ ସେପ୍ଟେମ୍ବର,
ଶୁକ୍ରବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତି ସୁରକ୍ଷାକୁ ହାଇକୋର୍ଟଙ୍କ ଗୁରୁତ୍ୱ

**କଟକ, ୧୮/୯ ନ୍ୟୁଜ ବ୍ୟୁରୋ**

ପୁରୀ ତାଳବଣିଆରେ ଥିବା ଶ୍ରୀଜଗନ୍ନାଥଙ୍କ ମୂଲ୍ୟବାନ ଜମିର ସୁରକ୍ଷା ସଂକ୍ରାନ୍ତରେ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଧାର୍ଯ୍ୟ ଅର୍ଥ ପୈଠ ପରେ ଆବେଦନକାରୀଙ୍କ ନାଁରେ ସଂପୃକ୍ତ ଜମିର ବିକ୍ରି କବଲା କରିବାକୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ୨୦୧୬ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଇତିମଧ୍ୟରେ ସଂପୃକ୍ତ ଜମି ଉପରେ ପୁରୀ ଆସୁଥିବା ତୀର୍ଥଯାତ୍ରୀଙ୍କୁ ରିହାତି ଦରରେ ରହିବା ସୁବିଧା ପ୍ରଦାନ ପାଇଁ ଅତିଥି ଭବନ ନିର୍ମାଣ ଲାଗି ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇସାରିଛି । ଏଭଳି ଘଟଣାକୁ ବିଚାରକୁ ନେଇ ୨୦୧୬ର ନିର୍ଦ୍ଦେଶ କାର୍ଯ୍ୟକାରୀ ପାଇଁ ଲାଲା



ନଳିନୀ କୁମାର ରାୟଙ୍କ ଉତ୍ତରାଧିକାରୀମାନେ ଦାୟର କରିଥିବା ଅନ୍ତରୀଣ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି । ପ୍ରକାଶିତ ରାୟରେ ଉଲ୍ଲେଖ କରାଯାଇଛି ଯେ ଶ୍ରୀଜଗନ୍ନାଥଙ୍କ ସଂପତ୍ତିକୁ ଦଖଲରେ ରଖିବା ବା କ୍ରୟ କରିବାକୁ କୌଣସି ବ୍ୟକ୍ତିବିଶେଷଙ୍କୁ ଅଧିକାର ଦିଆଯାଇ ନାହିଁ । ଏହି ପ୍ରସଙ୍ଗ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବା ବେଳେ ଶ୍ରୀମନ୍ଦିର ପରିଚାଳନା କମିଟି ୨୦୧୭ ଜୁଲାଇ ୧୩ରେ ଜମି ଉପରେ ଅତିଥି ଭବନ ନିର୍ମାଣ ପାଇଁ ପ୍ରସ୍ତାବ ଗ୍ରହଣ କରିଥିଲା । ଶ୍ରଦ୍ଧାଳୁଙ୍କ ପାଇଁ ଅତିଥି ଭବନ ନିର୍ମାଣ ଶ୍ରୀଜଗନ୍ନାଥଙ୍କ ସ୍ୱାର୍ଥରେ ହେଉଛି । ଏହି ଜମିର ବିକ୍ରି କବଲା କାର୍ଯ୍ୟକାରୀ ଓ ହସ୍ତାନ୍ତର ପ୍ରସଙ୍ଗ ନେଇ ଦାୟର ଏହି ଅନ୍ତରୀଣ ଆବେଦନ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି । ଜଷ୍ଟିସ୍ କୃଷ୍ଣ ରାମ ମହାପାତ୍ର ଓ ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଲାଲା ନଳିନୀ କୁମାର ରାୟଙ୍କ ଉତ୍ତରାଧିକାରୀ ସ୍ୱର୍ଣ୍ଣଲତା ମହାନ୍ତି ଓ ଦେବଦତ୍ତ ରାୟଙ୍କ ଅନ୍ତରୀଣ ଆବେଦନର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି ।

# କିଟ୍ ହେଉଛି ସର୍ଜନଶୀଳତା ଓ ନବସର୍ଜନା ପ୍ରୋତ୍ସାହନର ସର୍ବୋତ୍ତମ ପ୍ଲାଟଫର୍ମ: ଅଚ୍ୟୁତ

**ଭୁବନେଶ୍ୱର, ୧୮।୯ ନ୍ୟୁଜ ବ୍ୟୁରୋ**

ମେଡିକାଲ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସର୍ଜନଶୀଳତା, ନବସର୍ଜନା ଏବଂ ପ୍ରତିଭାର ପ୍ରଦର୍ଶନ ନିମନ୍ତେ ଗୁରୁବାର କିମ୍ସ ମେଡିକାଲ୍ କଲେଜର ବାର୍ଷିକ ସାଂସ୍କୃତିକ ଉତ୍ସବ କାର୍ଟେ ବ୍ଲାଞ୍ଚେର ୧୪ ତମ ସଂସ୍କରଣ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହାକୁ ଉଦ୍ଘାଟନ କରି କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଭବିଷ୍ୟତର ଡାକ୍ତରମାନଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇ କହିଲେ ଡାକ୍ତର ଭାବେ ଜଣେ ଛାତ୍ର ଯେତେ ଲୋକପ୍ରିୟ ହୁଅନ୍ତୁ ନା କାହିଁକି, ଜଣେ ଭଲ ମଣିଷ ହେବାକୁ ସର୍ବଦା ଚେଷ୍ଟା କରିବା ଉଚିତ । କିଟ୍ ହେଉଛି ସର୍ଜନଶୀଳତା ଓ ନବସର୍ଜନା ପ୍ରୋତ୍ସାହନର ସର୍ବୋତ୍ତମ ପ୍ଲାଟଫର୍ମ । ଡାକ୍ତରୀ ଛାତ୍ରଛାତ୍ରୀ ଜଣେ ଜଣେ ଅଲରାଉଣ୍ଡର ହେବାକୁ ଚେଷ୍ଟା କରନ୍ତୁ ବୋଲି ସେ କହିଥିଲେ । ଏହି ଅବସରରେ, କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ପ୍ରଫେସର



ସୁବ୍ରତ ଆଚାର୍ଯ୍ୟ କହିଲେ, କାର୍ଟେ ବ୍ଲାଞ୍ଚେ ଭଳି କାର୍ଯ୍ୟକ୍ରମ ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କୁ ପାରିପାର୍ଶ୍ୱିକ ଚିନ୍ତାଧାରା, ଚାପମୁକ୍ତି ଏବଂ ସର୍ବଦା ସେମାନଙ୍କ ସହିତ ରହିପାରୁଥିବା ଆବେଗର ବିକାଶ ପାଇଁ ସୁଯୋଗ ପ୍ରଦାନ କରିଥାଏ । କିମ୍ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ଡା ଆର.ସି. ଦାସ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଆନୁଷ୍ଠାନିକ ପାଠ୍ୟକ୍ରମ ବ୍ୟତୀରକେ ସେମାନଙ୍କ ମଧ୍ୟରେ ଥିବା ସର୍ଜନଶୀଳତାର ପରିପ୍ରକାଶ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ସେ କହିଲେ, 'ଆମେ ତୁମକୁ ଡାକ୍ତରୀ ଶିକ୍ଷାଦାନ କରୁଛୁ, କିନ୍ତୁ ଆମେ ଚାହୁଁଛୁ, ତୁମେମାନେ ସବୁବେଳେ ସର୍ଜନଶୀଳ ଅନୁସନ୍ଧିତ୍ସୁ ହେବା ସହ ମାନବିକ ମୂଲ୍ୟବୋଧ ଆଧାରରେ ଚିକିତ୍ସା ସେବା ଯୋଗାଇଦିଅ । କିମ୍ସ ଉପକୁଳପତି ପ୍ରଫେସର ସି. ବି. କେ. ମହାନ୍ତି କହିଲେ, ପ୍ରତିଭା ହେଉଛି ଏକ ଜନ୍ମଗତ ଗୁଣ । ସମସ୍ତଙ୍କ ନିକଟରେ କିଛି ନା କିଛି ପ୍ରତିଭା ରହିଛି । ସେହି ପ୍ରତିଭାକୁ ଚିହ୍ନି କାର୍ଯ୍ୟକାରୀ କରିପାରିଲେ ସେ ଜଣେ ଭଲ ମଣିଷ ହୋଇପାରିବ ବୋଲି ସେ କହିଥିଲେ । କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରତଜିତ ସିଂହ କହିଲେ, ଡାକ୍ତରମାନେ ବହୁ ପ୍ରତିଭାର ଅଧିକାରୀ । ଡାକ୍ତରମାନଙ୍କଠାରେ ସେମାନଙ୍କ ବୃତ୍ତି ବ୍ୟତୀତ ଅନ୍ୟାନ୍ୟ ପ୍ରତିଭା ମଧ୍ୟ ରହିଥିବା ଦେଖାଯାଏ । ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିମ୍ସ ହସ୍ପିଟାଲ୍ ଅଧୀକ୍ଷକ ଡା. ମାନସ ବେହେରା, କିଟ୍ ଡେଣ୍ଟାଲ୍ କଲେଜର ଅଧ୍ୟକ୍ଷ ଡା ଅଶ୍ୱିନୀ କରଙ୍କ ସମେତ ମେଡିକାଲ୍ କଲେଜର ବିଭିନ୍ନ ବିଭାଗର ମୁଖ୍ୟ ଓ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ । ବାର୍ଷିକ ସାଂସ୍କୃତିକ ମହୋତ୍ସବରେ କିମ୍ସ ମେଡିକାଲ୍ କଲେଜ, ଡେଣ୍ଟାଲ୍, ଫାର୍ମାସୀ, ଫିଜିଓଥେରାପି ଓ ଅନ୍ୟ ଡାକ୍ତରୀ ଶିକ୍ଷା ବିଭାଗର ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରିଥିବା ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।



ଭୁବନେଶ୍ୱର : ବିଧାନସଭାର ମୌସୁମୀ ଅଧିବେଶନରେ ଯୋଗ ଦେବା ନିମନ୍ତେ ଗୃହକୁ ପ୍ରବେଶ କରୁଛନ୍ତି ବାଚସ୍ପତି ଶ୍ରୀମତୀ ସୁରମା ପାଢୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଖାଦ୍ୟ ଓ ଖାଉଟିକଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏବଂ ବିଜେଡି ଉପମୁଖ୍ୟ ସଚେତକ ପ୍ରତାପ ଦେବ । (ଫଟୋ : ସମ୍ବାଦ କଳିକା)

# ମୁଖ୍ୟମନ୍ତ୍ରୀଙ୍କୁ 'ମହାଗୋପନରେ ମହାବାହୁ' ପୁସ୍ତକ ପ୍ରଦାନ

**ଭୁବନେଶ୍ୱର, ୧୮/୯ ନ୍ୟୁଜ ବ୍ୟୁରୋ**

ଲେଖିକା ପଞ୍ଚମୀ ମାନୁ ଉକିଲ ତାଙ୍କ ରଚିତ ପୁସ୍ତକ 'ମହାଗୋପନରେ ମହାବାହୁ' ପୁସ୍ତକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରିଛନ୍ତି । ଏନେଇ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିବା ସହିତ ଏକ୍ସରେ ସୂଚନା ଦେଇଛନ୍ତି । ପୁସ୍ତକରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଗୁପ୍ତ ପ୍ରବାସ ସୁନ୍ଦର ରଙ୍ଗୀନ ଚିତ୍ର ସହିତ ବର୍ଣ୍ଣନା କରାଯାଇଥିବାରୁ ମହାପ୍ରଭୁଙ୍କ ଗୋପନ ଲୀଳା ଅଧିକ ଜୀବନ୍ତ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ପ୍ରାୟ ନଅ ଶତାବ୍ଦୀ ଧରି ଆକ୍ରମଣକାରୀଙ୍କ କବଳରୁ ମହାପ୍ରଭୁଙ୍କ କବଚ ସାଜି ସୁରକ୍ଷା କରିଥିବା ଗଜପତି ମହାରାଜା, ଉତ୍ସର୍ଗୀକୃତ ସେବକ ଓ ବୀର ପାଇକ ଯୋଦ୍ଧାମାନଙ୍କ ଅଦମ୍ୟ ସାହସ, ଭକ୍ତି, ତ୍ୟାଗକୁ



ଅତି ସୁନ୍ଦର ଭାବରେ ଚିତ୍ର ସହ ବ୍ୟାଖ୍ୟା କରାଯାଇଥିବାରୁ ଏହା ଓଡ଼ିଆ ଅସ୍ମିତାର ଆତ୍ମାକୁ ସୁଦୃଢ଼ କରିବାକୁ ପ୍ରେରଣା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

# ସଂଶୋଧିତ ଜିଏସ୍ଟିରୁ ଅର୍ଥ ବ୍ୟବସ୍ଥାକୁ ଆସିବ ୨ଲକ୍ଷ କୋଟି : ଅର୍ଥମନ୍ତ୍ରୀ



**ନୂଆଦିଲ୍ଲୀ, ୧୮/୯**

ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍ଟି)ରେ କରାଯାଇଥିବା ସଂଶୋଧନରୁ ଭାରତୀୟ ଅର୍ଥବ୍ୟବସ୍ଥାକୁ ଅନ୍ୟୁନ ୨ ଲକ୍ଷ କୋଟି ଟଙ୍କା ଆସିବ । ଏହାଦ୍ୱାରା ସାଧାରଣ ଖାଉଟିଙ୍କ ପାଖରେ ଅଧିକ ଟଙ୍କା ବଞ୍ଚିବ । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହା ପ୍ରକାଶ କରିଛନ୍ତି । ବିଶାଖାପାଟଣମ୍‌ରେ 'ପରବର୍ତ୍ତୀ ପିଢ଼ି ଜିଏସ୍ଟି ସଂସ୍କାର' ଉପରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ କହିଲେ ଯେ, ଜିଏସ୍ଟି ହାରରେ ହ୍ରାସ ଦ୍ୱାରା ଦେଶବାସୀଙ୍କର ୨ ଲକ୍ଷ କୋଟି ଟଙ୍କା ସଞ୍ଚୟ ହେବ । ଏହା ଭାରତୀୟ ଅର୍ଥବ୍ୟବସ୍ଥା ପାଇଁ ଏକ ବଡ଼ ପଦକ୍ଷେପ । ଲୋକଙ୍କ ହାତକୁ ଟଙ୍କା ଆସିବା ଦ୍ୱାରା ଅର୍ଥନୀତିରେ ଚାହିଦା ବଢ଼ିବ । ଏହା ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ । ସୀତାରମଣ ଆହୁରି କହିଲେ ଯେ, ଜିଏସ୍ଟିର ୧୨% ସ୍ଲାବ୍‌ରେ ସାମିଲ ୯୯% ସାମଗ୍ରୀ ଏବେ ୫% ଟିକସ ପରିସରକୁ ଆସିଯାଇଛି । ଏହାସହିତ ୨୮% ଟିକସ ସ୍ଲାବ୍‌ରେ ଥିବା ୯୦% ସାମଗ୍ରୀ ୧୮% ଟିକସ ପରିସରକୁ ଆସିଛି । ଏହି ପରିବର୍ତ୍ତନ ମଧ୍ୟବିତ୍ତଙ୍କୁ ବଡ଼ ଆକାରରେ ଫାଇଦା ଦେବ ଏବଂ ଦାରିଦ୍ର୍ୟ ଦୂରୀକରଣରେ ସହାୟକ ହେବ । ସୀତାରମଣ ଏହା ମଧ୍ୟ କହିଛନ୍ତି ଯେ, ଜିଏସ୍ଟି ହାର ସଂଶୋଧନ ଯୋଗୁ ମିଳିବାକୁ ଥିବା ଲାଭ ଦେଶର ଅନେକ ଶିଳ୍ପକୁ ଦିଆଯାଉଥିବା ପ୍ରୋତ୍ସାହନ ରାଶିଠାରୁ ୧୦ ଗୁଣା ଅଧିକ । ଅର୍ଥମନ୍ତ୍ରୀ ଆହୁରି କହିଲେ ଯେ, ଜିଏସ୍ଟି ଲାଗୁ ହେବା ପରଠାରୁ ୨୦୨୫ ପର୍ଯ୍ୟନ୍ତ ଏ ବାବଦ ରାଜସ୍ୱ ବଢ଼ି ୨୨.୦୮ ଲକ୍ଷ କୋଟି ଟଙ୍କା ହୋଇଛି । ଏହାବ୍ୟତୀତ ଜିଏସ୍ଟି ଯୋଗୁ ଟିକସଦାତାଙ୍କ ସଂଖ୍ୟା ବି ୬୫ ଲକ୍ଷରୁ ବଢ଼ି ୧.୫୧ କୋଟିରେ ପହଞ୍ଚିଛି । ଏହା ଦର୍ଶାଉଛି ଯେ, ଜିଏସ୍ଟି କେବଳ ରାଜସ୍ୱ ବଢ଼ାଇନାହିଁ ବରଂ ଟିକସଦାତାଙ୍କ ଆଧାରକୁ ବି ମଜଭୁତ କରିଛି । ଏବେ ଜିଏସ୍ଟି ୪ ବଦଳରେ ଦୁଇଥାକିଆ ହୋଇଛି । ୫% ଏବଂ ୧୮% ଜିଏସ୍ଟି ବ୍ୟବସ୍ଥା ସେପ୍ଟେମ୍ବର ୨୨ରୁ କାର୍ଯ୍ୟକାରୀ ହେବ । ଏହା ଦ୍ୱାରା ସାଧାରଣ ଭାବେ ବ୍ୟବହୃତ ସାମଗ୍ରୀ ଯେପରି ସାବୁନ, ସ୍ୟାମ୍ପୋ ସହ ଏସି, କାର ବି ଶସ୍ତା ହେବ । ଜିଏସ୍ଟି ପରିଷଦର ୫୬ତମ ବୈଠକରେ ଏ ନିଷ୍ପତ୍ତି ନିଆଯାଇଛି ।

# ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ପ୍ରତି ଅନ୍ୟାୟ ସହ୍ୟ ନୁହେଁ : ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୧୮/୯ ନ୍ୟୁଜ ବ୍ୟୁରୋ**

ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ଶିକ୍ଷା ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ମାମଲାରେ ଚାଲିଥିବା ଶୁଣାଣିରେ ସୁପ୍ରିମକୋର୍ଟ ଆସନ୍ତା ୨୩ ତାରିଖରେ ଓଡ଼ିଶାର ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ସମ୍ବନ୍ଧୀୟ ମାମଲାକୁ ଶୁଣିବା ପାଇଁ ନିର୍ଦ୍ଧାରଣ କରିଛନ୍ତି । ଓଡ଼ିଶା ପକ୍ଷରୁ ସୁପ୍ରିମକୋର୍ଟରେ ଅଶ୍ୱିନୀ ମୁଦୁଲି, ମୁଖ୍ୟ ଆବେଦନକାରୀ ଅଟନ୍ତି ଏବଂ ଆଇନଜୀବୀ ଶ୍ରୀମତୀ ଶ୍ରୀଷ୍ଟି ଅଗ୍ନିହୋତ୍ରୀ ମାମଲାଟିକୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିକଟରେ ଉପସ୍ଥିତରହି ପରିଚାଳନା କରୁଛନ୍ତି ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ମାମଲାର ଅଗ୍ରଗତିକୁ ଓଡ଼ିଶା ଆବେଦନକାରୀଙ୍କ ପକ୍ଷରୁ ତଦାରଖ କରୁଛନ୍ତି । ସୁପ୍ରିମକୋର୍ଟଙ୍କ ନିକଟରେ ଓଡ଼ିଶାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସତ୍ୟପାଠ ଅନୁଯାୟୀ, ଓଡ଼ିଶାର ସାଧାରଣ



ବିଦ୍ୟାଳୟରେ ୮୬୮୯ ବିଶେଷ ଆବଶ୍ୟକତା ରଖିଥିବା ଦିବ୍ୟାଙ୍ଗ ଶିଶୁ ନାମ ଲେଖାଇଛନ୍ତି । ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶରେ ଧାର୍ଯ୍ୟ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ଓ ସ୍ୱତନ୍ତ୍ର ଶିକ୍ଷା ଅନୁପାତ ଆଧାରରେ ମୋଟ ୧୪୪୪୮ ସ୍ୱତନ୍ତ୍ର ଶିକ୍ଷକ ପ୍ରାରମ୍ଭିକ ସ୍ତରରେ ଆବଶ୍ୟକ, ଯେଉଁଥିରେ ପ୍ରାଥମିକ ସ୍ତରରେ ୮୬୬୯ ଓ ମାଧ୍ୟମିକ ସ୍ତରରେ ୫୭୭୯ ନିଯୁକ୍ତିର ଆବଶ୍ୟକତା ରହିଅଛି ୧୦:୧ ଓ ୧୫:୧ ଅନୁପାତ ଅନୁସାରେ । କ୍ଲଷ୍ଟର ଆଧାରରେ ଚାରିଟି ବିଦ୍ୟାଳୟ ପିଛାରେ ଗୋଟିଏ ସ୍ୱତନ୍ତ୍ର ଶିକ୍ଷକ ଗଣନା କଲେ ୧୨୨୬୮ ନିଯୁକ୍ତିର ଆବଶ୍ୟକତା ରହୁଛି । ଓଡ଼ିଶା ସ୍ପେସିଆଲ ଏଜୁକେଟର ଫେଡେରେସନ ଫର ଦିବ୍ୟାଙ୍ଗର ସମ୍ପାଦକ ଆୟୁଷ୍ମାନ ଚୌଧୁରୀ କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ଓଡ଼ିଶା ସରକାର ତୁରନ୍ତ ସମ୍ପୂର୍ଣ୍ଣ ଆବଶ୍ୟକୀୟ ପଦବୀକୁ ପୂରଣ କରିବା ପାଇଁ ପ୍ରକ୍ରିୟା ଗ୍ରହଣ କରିବା ଆବଶ୍ୟକ ଏବଂ ନିଯୁକ୍ତିରେ ବିଳମ୍ବ କାରଣରୁ ଅନେକ ଦିବ୍ୟାଙ୍ଗ ଶିଶୁ ଶିକ୍ଷା ଅଧିକାରରୁ ବଞ୍ଚିତ ହେଉଛନ୍ତି । ଓଏସଇଏଫଡିର ଉପସଭାପତି ବିଶ୍ୱବିଜୟୀ ଦାଶ କହିଛନ୍ତି ଯେ, ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ନେଇ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଅଛି ଓ ଯଥାଶୀଘ୍ର ଉକ୍ତ ବୈଠକର ନିଷ୍ପତ୍ତି ଅନୁସାରେ ନିଯୁକ୍ତିର ବିଜ୍ଞାପନ ପ୍ରକାଶ ପାଇବ ବୋଲି ଆଶା ବ୍ୟକ୍ତ କରୁଅଛୁ । ଓଏସଇଏଫଡିର ସଭାପତି ସୂର୍ଯ୍ୟକାନ୍ତ ବେହେରା କହିଛନ୍ତି ଯେ, ଓଡ଼ିଶାରେ ପ୍ରାୟ ୧୨୦୦୦ ପ୍ରାର୍ଥୀ ସ୍ୱତନ୍ତ୍ର ଶିକ୍ଷାରେ ଡିପ୍ଲୋମା ଓ ବିଏଡ଼ ଯୋଗ୍ୟତାଧାରୀ ବେକାର ରହି ଘରେ ବସିଛନ୍ତି ଓ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ଏବଂ ତାଲିମକୁ ଓଡ଼ିଶାର ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ସେବା ପାଇଁ ବ୍ୟବହାର କରିବାକୁ ସରକାର ଦ୍ରୁତ ପଦକ୍ଷେପ ନେବା ଦରକାର ।

# ରାସ୍ତାରେ ବୁଲୁଥିବା ଗାଈଗୋରୁ ଜନଜୀବନ ପ୍ରତି ବିପଦ

**ଭୁବନେଶ୍ୱର ,୧୮/୦୯ ନ୍ୟୁଜ ବ୍ୟୁରୋ**

ନିରାପଦ ଯାତ୍ରା ଓ ସୁରକ୍ଷିତ ସଡ଼କ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ରାଜପଥ ଏବଂ ରାସ୍ତାଘାଟରେ ବୁଲୁଥିବା ଗାଈଗୋରୁଙ୍କ ସମସ୍ୟାର ସମାଧାନ ପାଇଁ ଓଡ଼ିଶା ଏକ ନିର୍ଣ୍ଣାୟକ ପଦକ୍ଷେପ ନେଇଛି । ରାଜ୍ୟରେ ସଡ଼କ ସୁରକ୍ଷା ବୃଦ୍ଧି କରିବା ସହିତ ମଣିଷ ଏବଂ ପଶୁ କଲ୍ୟାଣ ଉଭୟଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏକ ସମନ୍ୱିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ଲାଗି ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାସ୍ତାରେ ବୁଲୁଥିବା ଗୋରୁ ସଡ଼କ ସୁରକ୍ଷା ପାଇଁ ଚିନ୍ତାର ବିଷୟ ପାଲଟିଛନ୍ତି, ଯାହା ଦୁର୍ଘଟଣା ଏବଂ ମୃତ୍ୟୁର କାରଣ ପାଲଟୁଛି । ବୈଠକର ବିବରଣୀରୁ ପ୍ରକାଶ, ଓଡ଼ିଶାରେ ସଡ଼କ ଦୁର୍ଘଟଣା ତଥ୍ୟରୁ ଜଣାଯାଇଛି ଯେ ୨୦୨୨ ମସିହାରେ ୯୫୨ ଦୁର୍ଘଟଣା ଏବଂ ୫୨୧ ମୃତ୍ୟୁ ରିପୋର୍ଟ କରାଯାଇଥିଲା । ୨୦୨୩ ମସିହାରେ ୧,୧୬୮ ଦୁର୍ଘଟଣା ଏବଂ ୬୪୩ ମୃତ୍ୟୁ ଏବଂ ୨୦୨୪ରେ ୯୦୩ଟି ଦୁର୍ଘଟଣା ଓ ୪୩୭ ଜଣଙ୍କର ମୃତ୍ୟୁ ରାସ୍ତାରେ ଗାଈଗୋରୁଙ୍କ ବିଚରଣ ଯୋଗୁଁ ହୋଇଥିଲା । ଏହା ସହିତ ୨୦୨୨ରୁ ୨୦୨୫ (ଅଗଷ୍ଟ) ପର୍ଯ୍ୟନ୍ତ ୩୩୧ ପଶୁଙ୍କର ଯାନବାହନ ଧକ୍କା ଯୋଗୁଁ ମୃତ୍ୟୁ ହୋଇଥିଲା । ଏହି ପରିସଂଖ୍ୟାନ ସମନ୍ୱିତ କାର୍ଯ୍ୟାନୁଷ୍ଠାନର ଜରୁରୀ ଆବଶ୍ୟକତାକୁ ଦର୍ଶାଉଛି । ଏହି ଅବସରରେ ଶ୍ରୀମତୀ ପାଢୀ ଗୁରୁତ୍ୱାରୋପ କରି କହିଥିଲେ ଯେ ରାସ୍ତାରେ ବୁଲୁଥିବା ଗାଈଗୋରୁ କେବଳ ଏକ ସମସ୍ୟା ନୁହେଁ ବରଂ ଜୀବନ ପ୍ରତି ବିପଦ ଏବଂ ଓଡ଼ିଶା ଏକ ପ୍ରଯୁକ୍ତିବିଦ୍ୟା-ସକ୍ଷମ ପଦ୍ଧତି ପ୍ରତି ପ୍ରତିଶ୍ରୁତିବଦ୍ଧ ଯାହା ଯାତ୍ରୀମାନଙ୍କ ପାଇଁ ସୁରକ୍ଷା ଏବଂ ପଶୁମାନଙ୍କ ପାଇଁ ସମ୍ମାନ ସୁନିଶ୍ଚିତ କରିବ । ଏହି ପଦକ୍ଷେପ ପ୍ରଥମଥର ପାଇଁ ଏକ ସମନ୍ୱିତ ମଡେଲ, ଯେଉଁଥିରେ ପଶୁମାନଙ୍କ ପାଇଁ ବାଡ଼ ଦେବା, ସହଜରେ ରାସ୍ତା ପାର ପାଇଁ ବ୍ୟବସ୍ଥା କରିବା, ଜବତ ଏବଂ ଦଣ୍ଡ ମାଧ୍ୟମରେ କାର୍ଯ୍ୟାନୁଷ୍ଠାନ, ଭ୍ରାମ୍ୟମାଣ ପଶୁଚିକିତ୍ସା ୟୁନିଟ୍ ମାଧ୍ୟମରେ ସ୍ୱାସ୍ଥ୍ୟସେବା ସହାୟତା, ରାସ୍ତାକଡର ଲୋକମାନଙ୍କୁ ସଚେତନ କରିବା ଏବଂ ଓଡ଼ିଶାର ରାସ୍ତାଗୁଡ଼ିକୁ ସମସ୍ତଙ୍କ ପାଇଁ ସୁରକ୍ଷିତ ରଖିବା । ବୈଠକରେ ପରିବହନ କମିଶନର ଅମିତାଭ ଠାକୁର, ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ବିଜୟ ଅମୃତ କୁଲାଙ୍ଗେ, ନିର୍ଦ୍ଦେଶକ, ପଶୁପାଳନ ଏବଂ ପଶୁଚିକିତ୍ସା ସେବା, ଜାତୀୟ ରାଜପଥ ଏବଂ ଓଡ଼ିଶା ପୋଲିସର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ସାମ୍ବାଦିକଙ୍କୁ ପେନସନ ପ୍ରଦାନ ପାଇଁ ଦାବିପତ୍ର ପାଇଛନ୍ତି ସରକାର

**ଭୁବନେଶ୍ୱର, ୧୮/୦୯ ନ୍ୟୁଜ ବ୍ୟୁରୋ**

ସାମ୍ବାଦିକମାନଙ୍କୁ ପେନସନ ପ୍ରଦାନ ପାଇଁ ବିଭିନ୍ନ ସାମ୍ବାଦିକ ସଂଗଠନ ଓ ୟୁନିୟନ ପକ୍ଷରୁ ପ୍ରଦାନ କରାଯାଇଥିବା ଅନୁରୋଧପତ୍ର ସରକାରଙ୍କର ହସ୍ତଗତ ହୋଇଛି । ଏହା ଉପରେ ବିଚାର କରାଯାଉଛି । ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି । ସାମ୍ବାଦିକମାନଙ୍କୁ ପେନସନ ପ୍ରଦାନ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଦେଶର ଅନ୍ୟ କେଉଁସବୁ ରାଜ୍ୟରେ ସାମ୍ବାଦିକମାନଙ୍କୁ କେତେ ପରିମାଣର ପେନସନ ପ୍ରଦାନ କରାଯାଉଛି ତାହାର ତଥ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗରେ ଉପଲବ୍ଧ ନାହିଁ । ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ପେନସନ ପ୍ରଦାନ ବାବଦରେ ଆବାଶ୍ୟକୀୟ ନିଷ୍ପତ୍ତି ପରେ ଏ ବାବଦରେ କେତେ ଅର୍ଥ ବ୍ୟୟ ହେବ ତାହାର ଆକଳନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଲିଖିତ ଉତ୍ତରରେ ଉଲ୍ଲେଖ କରିଛନ୍ତି ।

# ବିଧାନସଭା ପରିସରରେ 'ଏକ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୧୮/୦୯ ନ୍ୟୁଜ ବ୍ୟୁରୋ**

ଗୁରୁବାରଠୁ ଆରମ୍ଭ ହୋଇଛି ବିଧାନସଭାର ମୌସୁମୀ ଅଧିବେଶନ । ଏହି ଅଧିବେଶନ କେବଳ ୭ଦିନ ଚାଲିବ । ପ୍ରଥମ ଦିନରେ ଗୃହ ମୁଲତବୀ ହେବା ପରେ 'ଏକ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାରି ଭିତରେ ବିଧାନସଭା ପରିସର ଏକ ରୋଚକ ଦୃଶ୍ୟ ସାମ୍ନାକୁ ଆସିଥିଲା । କିଛି ସମୟ ପାଇଁ ଗଣମାଧ୍ୟମ ପ୍ରତିନିଧି ହୋଇଥିଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ଏକ ଜାତୀୟ ଗଣମାଧ୍ୟମ ବୁମ୍‌କୁ ଧରି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବାଇଟ୍ ନେଇଥିଲେ । ଗୃହ ମୁଲତବୀ ପରେ ବିଧାନସଭା ପରିସରରେ 'ଏକ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ମୁଖ୍ୟମନ୍ତ୍ରୀ, ବାଚସ୍ପତି, ଉପ-ମୁଖ୍ୟମନ୍ତ୍ରୀ ଏବଂ



ବିଧାୟକମାନେ ଗଛ ଲଗାଇ ଥିଲେ । ଏହି ସମୟରେ ଗଣମାଧ୍ୟମ ପ୍ରତିନିଧିମାନେ କନକ ବର୍ଦ୍ଧନ ସିଂହଦେଓଙ୍କ ପ୍ରତିକ୍ରିୟା ନେବା ପାଇଁ ଚେଷ୍ଟା କରିଥିଲେ, ହେଲେ ଏହି ସମୟରେ ସେ ଗଣମାଧ୍ୟମ ସଂସ୍ଥାର ବୁମ୍ ନେଇଯାଇ ପାଖରେ ଗଛ ଲଗାଉଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ପ୍ରଶ୍ନ ପଚାରିଥିଲେ । ଗଛ ଲଗାଇ ଆପଣଙ୍କୁ କିଭଳି ଲାଗୁଛି, 'ଏକ ପେଡ ମା କେ ନାମ୍' କାର୍ଯ୍ୟକ୍ରମକୁ କେମିତି ଦେଖୁଛନ୍ତି ଏହିଭଳି ଅନେକ ପ୍ରଶ୍ନ ପଚାରିଥିଲେ । ଯାହାକୁ ନେଇ ଗଣମାଧ୍ୟମ ପ୍ରତିନିଧି, ଉଭୟ ଉପ-ମୁଖ୍ୟମନ୍ତ୍ରୀ ଏବଂ ପାଖରେ ଥିବା ବିଧାୟକମାନେ ଏହି ମଜାଦାର ମୁହୂର୍ତ୍ତକୁ ଉପଭୋଗ କରିଥିଲେ ।

# ଭୁବନେଶ୍ୱରରେ ଆଇଆର୍‌ସିର ବାର୍ଷିକ ଅଧିବେଶନ : ଯୋଗଦେବେ ୨୦୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି

**ଭୁବନେଶ୍ୱର, ୧୮/୯ ନ୍ୟୁଜ ବ୍ୟୁରୋ**

ଭାରତୀୟ ସଡ଼କ କଂଗ୍ରେସ ବା ଆଇଆର୍‌ସିର ୮୪ତମ ବାର୍ଷିକ ଅଧିବେଶନ ଭୁବନେଶ୍ୱରରେ ଅନୁଷ୍ଠିତ ହେବ । ନଭେମ୍ବର ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରରେ ଆୟୋଜନ ହେବ । ଏହି ସମ୍ମେଳନ ୬ଷ୍ଠ ଥର ପାଇଁ ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଯାଉଛି । ଗତ ୨୦୧୫ରେ ୭୫ତମ ଆଇଆରସି ସମ୍ମେଳନ ଓଡ଼ିଶାରେ ଅନୁଷ୍ଠିତ ହୋଇଥିଲା । ଏହି ଗୁରୁତ୍ୱପୂର୍ଣ୍ଣ ଓ ସମ୍ମାନଜନକ ସମ୍ମିଳନୀକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବା ନେଇ ସମସ୍ତ ପ୍ରସ୍ତୁତି ଭଲ ଭାବେ କରିବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗୁରୁତ୍ୱ ଦେଇଛନ୍ତି । ଭାରତୀୟ ରୋଡ କଂଗ୍ରେସ, ରାଜପଥ ଯନ୍ତ୍ରୀ ଓ ବୃତ୍ତିଧାରୀଙ୍କ ପାଇଁ ଏକ ଉଚ୍ଚସ୍ତରୀୟ ସଂଗଠନ, ଯାହା ଦେଶର ସଡ଼କ ନିର୍ମାଣରେ ଜାତୀୟମାନ ଓ ନିର୍ମାଣ ଡିଜାଇନ, ରକ୍ଷଣାବେକ୍ଷଣ, ପରିଚାଳନା, ସଡ଼କ ସୁରକ୍ଷା କ୍ଷେତ୍ରରେ ଆବଶ୍ୟକ ପରାମର୍ଶ ସହିତ ସଡ଼କ ଗୁଣବତ୍ତା ବଢ଼ାଇବାର ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ୧୯୩୪ ମସିହାରେ ଆଇଆର୍‌ସିର



ଶୁଭାରମ୍ଭ ହୋଇଥିଲା । ୮୪ତମ ସମ୍ମିଳନୀ ଭୁବନେଶ୍ୱରର ଜନତା ମଇଦାନରେ ଅନୁଷ୍ଠିତ ହେବ । ସମ୍ମିଳନୀରେ ଆରମ୍ଭର ପୂର୍ବଦିନ ନଭେମ୍ବର ୬ ତାରିଖରେ ଏକ ବୈଷୟିକ ପ୍ରଦର୍ଶନୀର ଶୁଭାରମ୍ଭ ହେବ । ଆୟୋଜନ ହେବାକୁ ଥିବା ଏହି ସମ୍ମିଳନୀରେ ସ୍ଥାନୀୟ ଏବଂ ଦେଶର ବିଭିନ୍ନ ପ୍ରାନ୍ତରରୁ ପ୍ରତିନିଧିଙ୍କୁ ମିଶାଇ ୨୦୦୦ରୁ ଅଧିକ ପ୍ରତିନିଧି ଯୋଗଦେବେ । ନଭେମ୍ବର ୭ରେ ଭାରତୀୟ ସଡ଼କ କଂଗ୍ରେସର ୨୩୫ତମ ପରିଷଦ ବୈଠକ, ୮ ତାରିଖରେ ରାଜପଥ ଗବେଷଣା ବୋର୍ଡର ୮୫ତମ ବୈଠକ, ୯ ତାରିଖରେ ଆଇଆରସିର ୮୪ତମ ବିଜିନେସ ବୈଠକ ଏବଂ ୧୦ ତାରିଖରେ ୨୩୬ତମ ପରିଷଦ ବୈଠକ ହେବ । ପ୍ରତିଦିନ ଦିବସ ବ୍ୟାପୀ ବୈଷୟିକ ଅଧିବେଶନରେ ଗବେଷଣାତ୍ମକ ତଥ୍ୟର ଉପସ୍ଥାପନ ସହିତ ଆଇଆରସି କାର୍ଯ୍ୟସୂଚୀ ଅନୁସାରେ ଅନ୍ୟ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପ୍ରତିଦିନ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଶା ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଅନୁଷ୍ଠିତ ହେବ । ସମ୍ମେଳନ ପରେ ଯୋଗଦେଉଥିବା ପ୍ରତିନିଧିଙ୍କ ପାଇଁ ନିଜସ୍ୱ ଖର୍ଚ୍ଚରେ ଓଡ଼ିଶାର ବିଭିନ୍ନ ଐତିହ୍ୟ ଓ ପର୍ଯ୍ୟଟନୀ ସ୍ଥଳ ପରିଭ୍ରମଣ କରିବାର ସୁଯୋଗ ରହିଛି । ଭାରତୀୟ ସଡ଼କ କଂଗ୍ରେସରେ ମୁଖ୍ୟ ଶାସନ ସଚିବ ରାଜ୍ୟ ପରାମର୍ଶ କମିଟିର ଅଧ୍ୟକ୍ଷ ରହିଛନ୍ତି । ରାଜ୍ୟ ପୂର୍ତ୍ତ ବିଭାଗ ସଚିବ ପରିଚାଳନା କମିଟିର ଅଧ୍ୟକ୍ଷ ରହିଛନ୍ତି । ସେହିଭଳି ଏହି ସମ୍ମିଳନୀ ସୁଚାରୁ ରୂପେ ଆୟୋଜନ ପାଇଁ ୧୮ଟି ବିଭିନ୍ନ କମିଟି ରହିଛି । ବୈଠକରେ ଏହି ସମ୍ମିଳନୀ ଆୟୋଜନ ପରିପ୍ରେକ୍ଷୀରେ କାର୍ଯ୍ୟକ୍ରମ ସ୍ଥଳ ସଂଲଗ୍ନ ରାସ୍ତା ଓ ଚତୁଃପାର୍ଶ୍ୱରେ ଟ୍ରାଫିକ ପରିଚାଳନା, ଭୁବନେଶ୍ୱର ବିମାନବନ୍ଦରରୁ ଏବଂ ରେଳଷ୍ଟେସନ ରାସ୍ତାରେ ଟ୍ରାଫିକ ନିୟନ୍ତ୍ରଣ ସଂପର୍କରେ ଆଲୋଚନା ହୋଇଛି । ସମସ୍ତ ଭିଭିଆଇପି ଓ ରାଜ୍ୟ ଅତିଥିମାନଙ୍କ ପାଇଁ ସରକାରୀ ପ୍ରୋଟକଲ ଅନୁସାରେ ବ୍ୟବସ୍ଥା, କାର୍ଯ୍ୟକ୍ରମ ସ୍ଥଳରେ ଆବଶ୍ୟକ ଅଗ୍ନି ନିରାପତ୍ତା ବ୍ୟବସ୍ଥା, ଜରୁରୀକାଳୀନ ମେଡିକାଲ ଓ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ଉଭୟ ବିମାନବନ୍ଦର ଓ ରେଳ ଷ୍ଟେସନରେ ସହାୟତା କେନ୍ଦ୍ର କାର୍ଯ୍ୟ କରିବ ବୋଲି ବୈଠକରେ ସୂଚନା ଦିଆଯାଇଛି । ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲବନ୍ତ ସିଂ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଡଃ. ବିଜୟ କେତନ ଉପାଧ୍ୟାୟ, ବିଡିଏ ଉପାଧ୍ୟକ୍ଷ ଡଃ. ଏନ. ତିରୁମାଲା ନାୟକ, ପରିବହନ କମିଶନର ଅମିତାଭ ଠାକୁର, ଭୁବନେଶ୍ୱର-କଟକ ପୋଲିସ କମିଶନର ଡଃ. ଏସ. ଦେବଦତ୍ତ ସିଂ, ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଆର.କେ. ଶର୍ମା ଏବଂ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।